उपरोक्त लापता व्यक्ति हरि सहनी उम्र करीब–69 वर्ष, पिता–स्व0 जदू सहनी, गाम–सिलौत, थाना–समस्तीपुर जिला–समस्तीपुर, (बिहार) जो दिनांक–15.09.2025 को CIP, कॉके, राँची से बगैर बताए कहीं चले गए जो आजतक अपने घर वापस नहीं आए है। जिनकी मानसिक स्थिति ठिक नहीं है। जिसके संबंध में कॉके थाना सनहा संख्या–31/2025, दिनांक–15.09.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, मु0, प्रथम, राँची। –9431706141
थाना प्रभारी कॉके, राँची। –9431706185

वरीय पुलिस अधीक्षक, राँची
PR 366734 Police(25-26).D

## ଇ-ନିଲାମ ବିଜ୍ଞପ୍ତି
### ଖଡ଼ଗପୁର ମଣ୍ଡଳରେ ବିବିଧ ଷ୍ଟାଟିକ୍ ସେବା, ପେ' ଆଣ୍ଡ ୟୁଜ୍ ଟଏଲେଟ୍ ଏବଂ ପାର୍କିଂ ଠିକା

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି: **ଇ-ନିଲାମ ବିଜ୍ଞପ୍ତି ନଂ.: କେଜିପି/ପିଏନ୍‌ୟୁ-ଏମ୍‌ଏସ୍‌ଏସ୍/୨୦୨୫/୧୫, ତାରିଖ: ୨୦।୧୧।୨୦୨୫** । ୫ (ପାଞ୍ଚ) ବର୍ଷ ଅବଧି ପାଇଁ ଶାଲିମାର ରେଳ ଷ୍ଟେଶନରେ ୪ ଗୋଟି ପାର୍ସଲ ସ୍କାନର୍ ସ୍ଥାପନ କରିବା । **ନିଲାମ କାଟାଲଗ୍ ନଂ.: ଏମ୍‌ଏସ୍‌ଏସ୍-କେଜିପି-ପିଏସ୍-୨୫-୩, ନିଲାମ ତାରିଖ: ୦୫।୧୨।୨୦୨୫, ନିଲାମ ଆରମ୍ଭ/ବନ୍ଦ ହେବା ସମୟ:** ଯଥାକ୍ରମେ ୧୧.୦୦ ଓ ୧୧.୩୦ ଘଟିକା ।

୩ (ତିନି) ବର୍ଷ ଅବଧି ପାଇଁ ଖଡ଼ଗପୁରସ୍ଥିତ ଦକ୍ଷିଣ ପାର୍ଶ୍ୱ ବୁକିଂ ଅଫିସ୍, ବାରିପଦାସ୍ଥିତ ନୂଆ ଷ୍ଟେଶନ ବିଲ୍ଡିଂ, ଖଡ଼ଗପୁରଠାରେ ପ୍ଲାଟ୍‌ଫର୍ମ ୫/୬, ଘାଟଶିଳାର ପ୍ଲାଟ୍‌ଫର୍ମ ନଂ. ୦୧ (ଟାଟାନଗର ପାର୍ଶ୍ୱ) ନିକଟରେ, ସାନ୍ତ୍ରାଗାଛିଠାରେ ପେ' ଆଣ୍ଡ ୟୁଜ୍ ଟଏଲେଟ୍ ବ୍ଲକ୍-I (ଓଏଚ୍‌ଇ ମାଷ୍ଟ ନଂ. ୭/୩୮ଏ ନିକଟରେ) ଏବଂ ବ୍ଲକ୍-II (ଓଏଚ୍‌ଇ ମାଷ୍ଟ ନଂ. ୭/୩୪ବି ନିକଟରେ), ପ୍ଲାଟ୍‌ଫର୍ମ ୬/୭ରେ ଏବଂ ସାନ୍ତ୍ରାଗାଛି ରେଳ ଷ୍ଟେଶନଠାରେ ଉତ୍ତର ପାର୍ଶ୍ୱ ପୁରୁଣା ବୁକିଂ ଅଫିସ୍ ନିକଟରେ ତଥା ଉତ୍ତର ପାର୍ଶ୍ୱ ପାର୍କିଂ ନିକଟରେ ସାଧାରଣ ପେ' ଆଣ୍ଡ ୟୁଜ୍ ଟଏଲେଟ୍ ୟୁନିଟ୍‌ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଠିକା । **ନିଲାମ କାଟାଲଗ୍ ନଂ.: ପିଏନ୍‌ୟୁଟିଓଆଇ-କେଜିପି୨୫-୧୫, ନିଲାମ ତାରିଖ: ୦୯।୧୨।୨୦୨୫, ନିଲାମ ଆରମ୍ଭ/ବନ୍ଦ ହେବା ସମୟ:** ଯଥାକ୍ରମେ ୧୧.୦୦ ଓ ୧୨.୨୦ ଘଟିକା ।

**ଇ-ନିଲାମ ବିଜ୍ଞପ୍ତି ନଂ.: ସିଓଏମ୍/ଜି-୩୦/୨/ପାର୍କିଂ/ସିପିଆରଓ/୨୫/୧୬, ତାରିଖ: ୨୦।୧୧।୨୦୨୫** । ଖଡ଼ଗପୁର (ଦକ୍ଷିଣ)ଠାରେ ଚାରିଚକିଆ ପାଇଁ ପାର୍କିଂ ଲଟ୍, ଧଲଭୂମଗଡ଼, ବଡ଼ଗାଛିଆଠାରେ ଦୁଇଚକିଆ ପାର୍କିଂ ଏବଂ କଲାଇକୁଣ୍ଡାଠାରେ ମିଶ୍ରିତ ପାର୍କିଂ । **ନିଲାମ କାଟାଲଗ୍ ନଂ.: ପାର୍କିଂ କେଜିପି୨୫-୧୬, ନିଲାମ ତାରିଖ: ୦୪।୧୨।୨୦୨୫, ନିଲାମ ଆରମ୍ଭ ସମୟ: ୧୦.୦୦ ଘଟିକା ଏବଂ ବନ୍ଦ ହେବା ସମୟ: ୧୧.୦୦ ଘଟିକା,** ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି (ଉଭୟ ଇ-ନିଲାମ ପାଇଁ) । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏହାକୁ ଧ୍ୟାନରେ ରଖିବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ପର୍କରେ ବିବରଣୀ ଏବଂ ସମ୍ବନ୍ଧିତ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ । କୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ଦୟାକରି ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-866) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.47-SBP-TRD-OT-2025-26, ତା.11.11.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ସମ୍ବଲପୁର-ଅନୁଗୁଳ ସେକ୍ସନରେ ବର୍ତ୍ତମାନ ଥିବା ପର୍ଯ୍ୟବେକ୍ଷଣ ନିୟନ୍ତ୍ରଣ ଏବଂ ଡାଟା ଅର୍ଜନ ପ୍ରଣାଳୀ (SCADA)ରେ ସାଇବର ସୁରକ୍ଷା କାର୍ଯ୍ୟାନ୍ୱୟନର ବ୍ୟବସ୍ଥା।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1,45,03,110/-, EMD (ଟଙ୍କାରେ) : 2,22,500/-, ଶେଷ ହେବା ଅବଧି : 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.12.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-803/Q/25-26

## FORM No. 13
## BEFORE THE DEBTS RECOVERY TRIBUNAL CUTTACK, ORISSA
## C-71, SECTOR-7, CDA, CUTTACK, ODISHA
## O.A NO. 197 / 2023

INDIAN BANK ....APPLICANT
Vs
Gurvind Singh Bedi & another ...DEFENDANTS

To,
(Defendant No.1) Gurvind Singh Bedi, S/o.: Jasbeer Singh Bedi, At: Farm Road, Near FCI Building, Khetrajpur, Sambalpur - 768003
(Defendant No.2) Puspinder Singh Bedi, S/o.: Avtar Singh Bedi, At: Farm Road, Near FCI Building, Khetrajpur, Sambalpur - 768003

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED FOR SHOULD NOT BE GRANTED**

Take notice that the applicant has instituted an **O.A. No.: 197 of 2023** in the court of the Debts of Recovery Tribunal, Cuttack for recovery of **Rs.61,38,145.00** only together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **19.12.2025 at 10:30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand & seal of this Tribunal on this 18th day of **October, 2025.**

Sd/- Nikhila Ranjan Pati
Registrar

## Directorate of Tourism, Government of Jharkhand
MDI Building, 2nd floor, HEC Campus, Dhurwa, Ranchi-04Tele Fax : 0651-2331828
Email: dirjhakhandtourism@gmail.com/ jtdcltd@gmail.com

Ref. No.:- 1152/2025 Date :21/11/2025

### SHORT TENDER NOTICE

**RFP for Selection of Agency for RFP For Selection of Agency for Netarhat Mahotsav (fair) fair at Netarhat, Latehar, Jharkhand(2nd Call)**

The Jharkhand Tourism Development Corporation Limited (JTDCL), Government of Jharkhand (GoJ) undertaking intends to publish RFP for **Selection of Agency for RFP For Selection of Agency for Netarhat Mahotsav (fair) fair at Netarhat, Latehar, Jharkhand(2nd Call)**

The detailed RFP document can be downloaded from the below mentioned website :

**https://jtdcl.jharkhand.gov.in**, and submit their offline Applications.

The applications Submission Due date is on or before **06/12/2025 at 1700 hours** and the date of opening of the tender on **08/12/2025 at 1.30 Pm**. All subsequent notifications, changes and amendments will be posted only on the above website.

Sd/-
**Deputy Director**

PR 366784 Tourism, Art Culture Sports And Youth Affairs (25-26)D

## ଓଡ଼ିଶା ସରକାର
## ଜଳ ସମ୍ପଦ ବିଭାଗ
No. A-933
### ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର
### ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି

ପତ୍ର ସଂଖ୍ୟା: ୧୪୬୮ ତାରିଖ: ୧୮।୧୧।୨୫

ନିଲାମ ଡାକର ସଂଖ୍ୟା ଅନଲାଇନ - ୦୩/କ୍ଷୁ.ଜ.ବି. ନବରଙ୍ଗପୁର/୨୦୨୫-୨୬
Bid Identification No. SEMIDNGPUR - 03/2025-26
ଇ-ମେଲ୍: mingpur@yahoo.in, ଟେଲିଫୋନ ନମ୍ବର: ୦୬୮୫୮-୨୨୨୧୩୦

| | | |
|---|---|---|
| ୧. | କାର୍ଯ୍ୟର ନାମ | ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ରାସ୍ତା ଗୁଡ଼ିକର ଉନ୍ନତିକରଣ ୨୦୨୫-୨୬ ବର୍ଷ ପାଇଁ। |
| ୨. | ସର୍ବମୋଟ କାମର ସଂଖ୍ୟା | ୦୩ (ତିନି) ମାତ୍ର |
| ୩. | ଅଟକଳ ମୂଲ୍ୟ | ଆନୁମାନିକ ୬୦.୫୩ରୁ ୮୯.୩୩ ଲକ୍ଷ |
| ୪. | ଠିକାଦାରଙ୍କ ଶ୍ରେଣୀ | "ଖ" ଶ୍ରେଣୀ |
| ୫. | ଟେଣ୍ଡର କାଗଜ ମୂଲ୍ୟ (Online) | ଟଙ୍କା ୧୦,୦୦୦.୦୦ |
| ୬. | ନିଲାମ ସୁରକ୍ଷା (Online) | ଡି.ଟି.ସି.ଏନ୍.ରେ ଉପଲବ୍ଧ |
| ୭. | କାର୍ଯ୍ୟ ସମାପ୍ତି ସମୟ | ୦୪ (ଚାରି) ମାସ |
| ୮. | ନିଲାମ ଉପଲବ୍ଧତା ତାରିଖ ଓ ସମୟ | ତା୨୪।୧୧।୨୦୨୫ରିଖ ଦିବା ୧୦.୦୦ଘଟିକାଠାରୁ ତା୨୯।୧୧।୨୦୨୫ରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ୱେବସାଇଟ୍ (www.tendersorissa.gov.in)ରେ ଉପଲବ୍ଧ |
| ୯. | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | ତା୨୪।୧୧।୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା୨୯।୧୧।୨୦୨୫ରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ଅନଲାଇନ ୱେବସାଇଟ୍ ମାଧ୍ୟମରେ |
| ୧୦. | ବୈଷୟିକ ନିଲାମ ଖୋଲିବା ତାରିଖ ଓ ସମୟ | ତା୦୧।୧୨।୨୦୨୫ ଦିବା ୧୧.୦୦ ଘଟିକା ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ |
| ୧୧. | ଆର୍ଥିକ ବିଡ୍ ଖୋଲିବାର ତାରିଖ/ସମୟ | ବୈଷୟିକ ବିଡ୍ ମୂଲ୍ୟାଙ୍କନ ପରେ ୱେବସାଇଟ୍ ମାଧ୍ୟମରେ ସୂଚିତ କରାଯିବ |
| ୧୨. | ସ୍ୱଚ୍ଛ ଲଟେରୀ ତାରିଖ (ଆବଶ୍ୟକ ସ୍ଥଳେ) | ଆର୍ଥିକ ବିଡ୍ ମୂଲ୍ୟାଙ୍କନ ପରେ ୱେବସାଇଟ୍ ମାଧ୍ୟମରେ ସୂଚିତ କରାଯିବ |
| ୧୩. | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର, ସ୍ଥାନ/ପୋଷ୍ଟ: ନବରଙ୍ଗପୁର, ଜିଲ୍ଲା: ନବରଙ୍ଗପୁର, ପିନ୍ କୋଡ୍-୭୬୪୦୫୯ |
| ୧୪. | ଓଡ଼ିଶା ସରକାରଙ୍କ ୱେବସାଇଟ୍‌ରେ ଅଧିକ ବିବରଣୀ ଉପଲବ୍ଧ ହେବ | www.tendersorissa.gov.in |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର
OIPR-

## କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭
ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

### ବନ୍ଧକ ସୁନା ଅଳଙ୍କାରଗୁଡ଼ିକର ଇ-ନିଲାମ ବିଜ୍ଞପ୍ତି

କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖାର ଶାଖା ମୁଖ୍ୟମାନଙ୍କ ଦ୍ୱାରା ସୁନା ଋଣ ବାବଦ ବ୍ୟାଙ୍କର ବକେୟା ଦେୟ ପରିଶୋଧ କରିବା ପାଇଁ ସୁନା ଋଣଗ୍ରହୀତାମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ସୁନା ଅଳଙ୍କାରଗୁଡ଼ିକୁ **"ଯାହା ଯେପରି ଅଛି", "ସେଠାରେ ଯାହା ଅଛି"** ଏବଂ **"ବିନା ଆଇନଗତ ସହାୟତା"** ଭିତ୍ତିରେ ଅନ୍‌ଲାଇନ୍ ନିଲାମ କରାଯିବ। ଅନ୍‌ଲାଇନ୍ ନିଲାମ https://www.bankeauctions.com ମାଧ୍ୟମରେ ଅନୁଷ୍ଠିତ ହେବ।

ଇ-ନିଲାମ ତାରିଖ ଏବଂ ସମୟ: ତା.୧୦.୧୨.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା
ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୦୯.୧୨.୨୦୨୫ ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ
ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୦୯.୧୨.୨୦୨୫ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ସଂରକ୍ଷିତ ମୂଲ୍ୟ | ମୋଟ ଓଜନ ଏବଂ ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| **କଟକ ଚୌଧୁରୀ ବଜାର ଶାଖା (୦୩୨୮), ମୋ.: ୯୦୯୦୦୯୦୮୯୧, IFSC CODE-CNRB0000328** | | | | |
| ୧. | ଫିରୋଜ ଖାନ୍, ପିତା: ୟୁସୁଫ ଖାନ୍, ସା: ୨୨୪ ବାଙ୍କ ବଜାର, ଚାନ୍ଦିନୀ ଚୌକ, କଟକ, ଓଡ଼ିଶା, ପିନ୍-୭୫୩୦୦୧ / ୧୮୦୧୦୮୯୫୦୫୮୯ | ଟ.୪୦,୨୨୮/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୭୩,୧୬୪/- | ୮.୮ ଏବଂ ୬.୫ |
| **ଦାଣ୍ଡିସାହି ଶାଖା (୧୮୦୩୩), ମୋ.: ୯୪୩୭୫୬୭୯୫୭୨, IFSC CODE-CNRB0018033** | | | | |
| ୧. | ପ୍ରିୟଙ୍କା ମଳିକ, ପିତା: ଅକ୍ଷୟ କୁମାର ମଳିକ, ସା: ନହିଆଡିଆ, ପୋ: ଦାଣ୍ଡିସାହି, କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୪୦ / ୧୮୦୧୦୪୩୪୯୬୧୦ | ଟ.୬୫,୫୯୬.୦୦ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୦୧,୩୦୩/- | ୧୦.୩୩ ଏବଂ ୯ |
| ୨. | ସମ୍ଭୁନାଥ ମଳିକ, ସା: କୂଳସାହି, ପୋ: ପେଣ୍ଠପାଳ, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୪୦ / ୧୮୦୧୫୨୨୫୬୦୭୭ | ଟ.୮୮,୬୩୮.୨୨ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୪୭,୨୭୫/- | ୫.୬ ଏବଂ ୪.୨ |

ଅମାନତ ଜମା ବିବରଣୀ: ଆକାଉଣ୍ଟ ନଂ.: ୨୦୯୨୭୨୪୩୪, ଆକାଉଣ୍ଟର ନାମ: CANARA BANK, IFSC Code: ସମ୍ପୃକ୍ତ ଶାଖାର IFSC Code, ଅମାନତ ଜମା ରାଶି: ଟ.୨୫,୦୦୦/-

ଯାଞ୍ଚ ଓ ଅନ୍ୟ କୌଣସି ଅନୁସନ୍ଧାନ ପାଇଁ ଦୟାକରି ସମ୍ପୃକ୍ତ ଶାଖାର ଶାଖା ମୁଖ୍ୟଙ୍କ ସହ ଯୋଗାଯୋଗ କରନ୍ତୁ। ନିଲାମଧାରୀମାନେ ଅମାନତ ଜମା ଦାଖଲ ତାରିଖ ସୁଦ୍ଧା କେୱାଇସି କାଗଜାତ୍ ଏବଂ ପ୍ରତି ଶାଖା ପିଛା ଅମାନତ ରାଶି ଜମା କରିବେ। ଅଧିକ ସୂଚନା ପାଇଁ ଦୟାକରି M/S C1 INDIA PVT. LTD., ମୋ: 7291981126 / 7291981125 / 7291981124ରେ ଯୋଗାଯୋଗ କରନ୍ତୁ। ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଦୟାକରି https://www.bankeauctions.com ଦେଖନ୍ତୁ।

ସ୍ଥାନ : କଟକ
ତାରିଖ : ୨୧.୧୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

## झारखण्ड सरकार
## कार्यपालक अभियंता का कार्यालय
## ग्रामीण विकास विशेष प्रमण्डल, हजारीबाग

ई– अल्पकालीन निविदा आमंत्रण सूचना
ई–निविदा सं0 :– **RDSPL/SD/HZB/26/2025-26**

1.कार्य की विस्तृत विवरणी:

| ग्रुप सं0 | आईडेन्टीफिकेशन संख्या/पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/26/2025-26 | सदर | जगदीषपुर बीटी रोड से सिवाने नदी होते हुए ईचाक बीटी रोड को जोड़ने हेतु पीसीसी पथ निर्माण। | 21920700.00 | 438500.00 | 10000.00 | 09 माह |

2.वेबसाइट में निविदा प्रकाशन की तिथि – 28.11.2025
3.ई–निविदा प्राप्ति की तिथि एवं समय – दिनांक 28.11.2025 से दिनांक 05.12.2025 को अपराह्न 5:00 बजे तक
4.ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5.ई–निविदा खोलने की तिथि एवं समय –06.12.2025 अपराह्न 5:00 बजे
6.ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7.ई–निविदा प्रकोष्ठ का दूरभाष सं० – 9430154806
8.परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9.निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10.निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, हजारीबाग
PR 366702 (Rural Development)25-26*D

# ବଢ଼ୁଛି ଲୋୟର ସୁକ୍‌ତେଲ ପ୍ରକଳ୍ପ ବିସ୍ଥାପିତଙ୍କ ଦୁଃଖ

ବଲାଙ୍ଗୀର,୨୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)


ବନ୍‌ଛୋରପାଲି ଗାଁର ବିସ୍ଥାପିତମାନେ ଭାରପ୍ରାପ୍ତ ଜିଲାପାଳ ପବିତ୍ର ବେହେରାଙ୍କୁ ଦାବିପତ୍ର ଦେଉଛନ୍ତି।

■ଅଢ଼େଇ ବର୍ଷ ପରେ ବି ମୌଳିକ ସୁବିଧା ନାହିଁ

■ବନ୍‌ଛୋରପାଲିର ବିସ୍ଥାପିତମାନେ ଭାରପ୍ରାପ୍ତ ଜିଲାପାଳଙ୍କୁ ଦେଲେ ଦାବିପତ୍ର

ବଲାଙ୍ଗୀର ଜିଲାର ବୃହତ୍ତର ସ୍ୱାର୍ଥ ପାଇଁ ଭିଟାମାଟି, ଜମିବାଡି ଓ ଘରଦ୍ୱାର ଛାଡିଥିବା ବିସ୍ଥାପିତଙ୍କୁ ମୌଳିକ ସୁବିଧା ମିଳୁନାହିଁ। ବିସ୍ଥାପିତ ହେବାର ଅଢ଼େଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ କୁସ୍‌ମେଲ ବିସ୍ଥାପିତ କଲୋନୀରେ ରହୁଥିବା ଲୋୟର ସୁକ୍‌ତେଲ ପ୍ରକଳ୍ପର ବିସ୍ଥାପିତମାନେ ପାନୀୟ ଜଳ, ପ୍ରାଥମିକ ସ୍କୁଲ, ରାସ୍ତାଘାଟ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ବାରମ୍ବାର ହାରିଗୁହାରି କରିବା ପରେ ମଧ୍ୟ ସେମାନଙ୍କ ସମସ୍ୟାର ସମାଧାନ ହେଉନାହିଁ। ସେମାନେ ବାରମ୍ବାର ଜିଲାପାଳ ଅଫିସ, ଲୋୟର ସୁକତେଲ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ନୟାନ୍ତ ହୋଇଗଲେଣି। ମାତ୍ର ସମାଧାନ ପନ୍ଥା କିଛି ବାହାରୁ ନ ଥିବାରୁ ସେମାନେ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ କରିବାକୁ ମନସ୍ଥ କରିଛନ୍ତି। ଶୁକ୍ରବାର ଲୋଇସିଂହା ବ୍ଲକ ଅନ୍ତର୍ଗତ କୁସ୍‌ମେଲ ଗାଁ ନିକଟ ଲୋୟର ସୁକ୍‌ତେଲ ପୁନର୍ବାସ କଲୋନୀରେ ରହୁଥିବା ପ୍ରକଳ୍ପ ପ୍ରଭାବିତ ବନ୍‌ଛୋରପାଲି ଗାଁର ବହୁ ବ୍ୟକ୍ତି ଜିଲାପାଳ କାର୍ଯ୍ୟାଳୟକୁ ଆସି ଭାରପ୍ରାପ୍ତ ଜିଲାପାଳ ତଥା ଅତିରିକ୍ତ ଜିଲାପାଳ ପବିତ୍ର ବେହେରାଙ୍କୁ ୨୨ ଦଫା ଦାବିପତ୍ର ଦେଇଥିଲେ। ଭାରପ୍ରାପ୍ତ ଜିଲାପାଳଙ୍କୁ ଜଣାଇଥିଲେ ଯେ, ବିସ୍ଥାପିତ ହେବାର ଇତିମଧ୍ୟରେ ଅଢ଼େଇ ବର୍ଷ ବିତିଯାଇଥିଲେ ମଧ୍ୟ ବନ୍‌ଛୋରପାଲି ଗାଁର ଲୋକଙ୍କ ପାଇଁ ପୁନର୍ବାସ କଲୋନୀରେ ମୌଳିକ ସୁବିଧା ଉପଲବ୍ଧ କରାଯାଇନାହିଁ। କଲୋନୀରେ ପିଇବା ପାଣି ବ୍ୟବସ୍ଥା ହୋଇନାହିଁ। ଲୋକେ ପାଣି ନ ପାଇ ହନ୍ତସନ୍ତ ହେଉଛନ୍ତି। ପ୍ରାଥମିକ ବିଦ୍ୟାଳୟ ନ ଥିବାରୁ ଗତ ଅଢ଼େଇ ବର୍ଷରୁ ଉର୍ଦ୍ଧ୍ୱ ହେବ ବିସ୍ଥାପିତ ଛାତ୍ରୀଛାତ୍ରମାନେ ପାଠ ପଢ଼ି ପାରୁନାହାନ୍ତି। ସ୍କୁଲ ପାଇଁ ବାରମ୍ବାର ଦାବି କଲେ ମଧ୍ୟ ସ୍କୁଲ ଖୋଲାଯାଉନାହିଁ। ଏହାସହିତ ସମସ୍ତ ବିସ୍ଥାପିତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର ଯୋଗାଇବା, ପଟ୍ଟା ଦିଆଯାଉ ନ ଥିବାରୁ ସେମାନେ ବାସସ୍ଥାନ ପ୍ରମାଣପତ୍ର ପାଉ ନ ଥିବା, ନର୍ଥ କଲୋନୀରୁ ସାଉଥ୍ କଲୋନୀକୁ ରାସ୍ତା କରାଯିବା, ସମସ୍ତ ପରିବାରକୁ ରାଶନ କାର୍ଡ ପ୍ରଦାନ କରିବା ଓ କଲୋନୀ ଭିତରେ ଦେବାଦେବୀଙ୍କ ମନ୍ଦିର ପ୍ରତିଷ୍ଠା କରାଯିବାକୁ ଦାବି କରାଯାଇଛି। ଯେଉଁ ଲୋକଙ୍କୁ ବନ୍‌ଛୋରପାଲି ଭଳି ଏକ ସମୃଦ୍ଧ ଗାଁରୁ ବିସ୍ଥାପିତ କରାଗଲା ସେଇ ଗାଁର ଲୋକଙ୍କ ପାଇଁ ଏବେ କୌଣସି ରୋଜଗାର ବ୍ୟବସ୍ଥା କରାଯାଇନାହିଁ। ଏହି ଗାଁର ଯୁବକ, ଯୁବତୀ ଏବଂ ଲୋକ ବେକାର ହୋଇ ବସିଛନ୍ତି। ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା, ୨୦୨୨ ପରିବର୍ତ୍ତେ ୨୦୨୪ ମସିହାକୁ କଟ୍ ଅପ୍ ଡେଟ୍ ଘୋଷଣା କରାଯିବାକୁ ସେମାନେ ଦାବି କରିଛନ୍ତି। ଏହି କଲୋନୀ ମଧ୍ୟରେ ଏକ ଖେଳ ପଡିଆ ରହିଛି। ସେଠାକୁ ପାଖ ଗାଁର ଯୁବକ ମାନେ ଖେଳିବାକୁ ଆସି ବିସ୍ଥାପିତଙ୍କୁ ଗାଳିଗୁଲଜ କରୁଛନ୍ତି। ବର୍ଦ୍ଧିତ ବିଦ୍ୟୁତ୍ ବିଲ୍‌ର ଶୀଘ୍ର ସମାଧାନ କରି ବିସ୍ଥାପିତଙ୍କୁ ବିକଳ୍ପ ମାଗଣା ବିଦ୍ୟୁତ୍ ସୁବିଧା ଯୋଗାଇବାକୁ ସେମାନେ ଦାବି କରିଛନ୍ତି। ପୁନର୍ବାସ କଲୋନୀରେ ପାର୍କ ଓ ଶ୍ମଶାନ ନିର୍ମାଣ କରିବା, ବିସ୍ଥାପିତଙ୍କୁ ପରିଚୟପତ୍ର ପ୍ରଦାନ କରିବା ଏବଂ ପୁନର୍ବାସ କଲୋନୀରେ ନିୟମିତ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହି ସବୁ ଦାବି ପୂରଣ କରିବାରେ ସ୍ଥାନୀୟ ପ୍ରଶାସନ କି ସରକାର ଆନ୍ତରିକତା ଦେଖାଉ ନ ଥିବାରୁ ବିସ୍ଥାପିତମାନେ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାଇଛନ୍ତି। ଲୋକଙ୍କ ଦାବି ପୂରଣ ନ ହେଲେ ଲୋକେ ବାଧହୋଇ ରାଜରାସ୍ତା ଅବରୋଧ କରି ଆନ୍ଦୋଳନ କରିବେ ବୋଲି କହିଛନ୍ତି। ବିସ୍ଥାପିତଙ୍କ ପକ୍ଷରୁ ଗଡଶଙ୍କର-ଡୁଙ୍ଗୁରିପାଲି ସରପଞ୍ଚ ସଦାଶିବ କହ୍ନେର, ପାରେଶ୍ୱର ବୁଡେକ, ସଦାନନ୍ଦ ସାହୁ, କୁନ୍ଦୁରୁ ଛତ୍ରିଆ, ଅନିରୁଦ୍ଧ ମଲ୍ଲିକ, କାର୍ତ୍ତିକ ବଣିଆ, ଡମ୍ବରୁ ସାହୁ, ବଳଦେବ ପଟ୍ଟନିଆ, ପ୍ରମୋଦ ମହାକୁର ଓ ଅନ୍ୟମାନେ ଭାରପ୍ରାପ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଦାବିପତ୍ର ଗ୍ରହଣ କରି ଭାରପ୍ରାପ୍ତ ଜିଲାପାଳ ବେହେରା ଏଦିଗରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ।

# ସର୍ବଭାରତୀୟ କରାଟେ, ଟିଟିଲାଗଡ଼କୁ ୭ସ୍ୱର୍ଣ୍ଣ



ଟ୍ରଫି ସହିତ ଖେଳାଳିମାନେ।

ଟିଟିଲାଗଡ଼,୨୧।୧୧(ଶରତ ମିଶ୍ର)

ରାୟପୁର ଅଗ୍ରସେନ ଭବନ ଇନଣ୍ଡୋର ଷ୍ଟାଡିୟମରେ ଗତ ୧୯ ଓ ୨୦ ଦୁଇଦିନ ଧରି ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟରୁ ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ଛତିଶଗଡ଼ କରାଟେ ସଂଘ ପରିଚାଳକ କ୍ଷେତ୍ର ମହାନନ୍ଦ ଓ କାଂଶୀଭରତ ଶର୍ମା ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉତ୍କଳ କରାଟେ ସ୍କୁଲର ୧୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍କୁଲର ପ୍ରତିଯୋଗୀମାନେ ୭ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୮ଟି ବ୍ରୋଞ୍ଜ ପଦକ ଜିତି ପ୍ରତିଯୋଗିତାରେ ରନର ଅପ ହେଇଥିଲେ। ସଂସେଇ ସୁରେଶ ଜାଲ, ବ୍ୟୋମକେଶ ବେହେରା ରେଫରି ଓ ଜଜ ଦାୟିତ୍ୱ ତୁଲାଇଥିଲେ। ରାହୁଲ ଜାଲକୋଚ ଦାୟିତ୍ୱ ତୁଲାଇଥିଲେ।

# ୧୨ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଫେରାର


ମୁରିବାହାଲ ଥାନା ପୋଲିସ ପକ୍ଷରୁ ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ।

କଣ୍ଟାବାଞ୍ଜି,୨୧।୧୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ପୋଲିସ ପାଟ୍ରୋଲିଂ କରୁଥିବାବେଳେ କୁର୍ଲୁବାହାଲ ଛକଠାରେ ବେଆଇନ ଭାବେ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ୧୨ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ପୋଲିସ ଶ୍ରମିକ ଚାଲାଣରେ ବ୍ୟବହୃତ ଏକ ଅଟୋରିକ୍ସାକୁ ମଧ୍ୟ ଜବତ୍ କରିବା ସହ ଅଟୋ ଡ୍ରାଇଭରଙ୍କୁ ଅଟକ ରଖିଛି। ଦାଦନ ସର୍ଦ୍ଦାର ଜଣକ ସେଠାରୁ ଫେରାର ହେବାରେ ସଫଳ ହୋଇଥିବା ଜଣାପଡିଛି। ଉଦ୍ଧାର ଦାଦନ ଶ୍ରମିକଙ୍କ ମଧ୍ୟରେ ଜଣେ ଶିଶୁ ସମେତ ୪ ମହିଳା ଏବଂ ୮ ପୁରୁଷ ରହିଛନ୍ତି। ଏହି ଦାଦନ ଶ୍ରମିକଙ୍କୁ ଧାତୁକ୍‌ଜୁରୀ ଗାଁର ସର୍ଦ୍ଦାର ବେଆଇନ ଭାବେ ଚାଲାଣ କରୁଥିବା ଜଣାପଡିଛି। ଘଟଣାସ୍ଥଳରୁ ସର୍ଦ୍ଦାର ଫେରାର ମାରିଥିବାରୁ ତାଙ୍କୁ ପୋଲିସ ଖୋଜାଖୋଲି ଆରମ୍ଭ କରିଛି। ଉଦ୍ଧାର ହୋଇଥିବା ଦାଦନ ଶ୍ରମିକମାନେ ମୁରିବାହାଲ ଥାନା ଚଣାବାହାଲ ଗାଁର ବୋଲି ଜଣାପଡିଛି।

# ବାଇକ୍ ଦୁର୍ଘଟଣା: ବାପ, ପୁଅ ମୃତ

ମୁରିବାହାଲ,୨୧।୧୧(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଲେବଡ଼ା ପଞ୍ଚାୟତ ମାକ୍ରିପଡ଼ା-ଗଣ୍ଡପଦର ମୁଖ୍ୟ ରାସ୍ତାରେ ଶୁକ୍ରବାର ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ବାପ, ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସିନ୍ଧେକେଲା ଥାନା ଅଲଣ୍ଡା ପଞ୍ଚାୟତ ବକାଗୁରା ଗ୍ରାମର ବଲମ ବଗର୍ତ୍ତୀ (୫୮) ଏବଂ ତାଙ୍କ ପୁଅ ଏକାମ୍ବର(୩୫)। ବଲମ ନିଜ ପୁଅ ଏବଂ ନାତି ଚୈତନ୍ୟ(୨୬)ଙ୍କ ସହ ଏକ ବାଇକ୍ ଓଡ଼ି୦୮ ଏବ୍‌୦୬୭୮ ଯୋଗେ ଟିଟିଲାଗଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ଝିଆରୀକୁ ଦେଖି ଫେରିବାବେଳେ ବାଇକ୍ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ବାପ, ପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ନାତି ଗୁରୁତର ଅବସ୍ଥାରେ ଟିଟିଲାଗଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ମୁରିବାହାଲ ଥାନା ପୋଲିସ ଏସ୍‌ଆଇ ପ୍ରମୋଦ କୁମାର ପଧାନଙ୍କ ସହ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ବାପପୁଅଙ୍କ ମୃତ୍ୟୁରେ ବକାଗୁରା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ମୁରିବାହାଲ ଥାନାରେ ଏକ ମାମଲା (ନଂ. ୨୩୮/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଭାରପ୍ରାପ୍ତ ଅଧିକାରୀ ପଙ୍କଜିନୀ ବାଗ ପ୍ରକାଶ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ୧୬୦ପ୍ରକଳ୍ପ


ବିଧାୟକ ଓ ଅନ୍ୟ ଅତିଥିମାନେ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଟିଟଲାଗଡ଼, ୨୧।୧୧(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ କୁରସୁଡଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ, ଟିଟିଲାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଭିରାମ ମାଝୀ ଯୋଗଦେଇଥିଲେ। ଜିଲା ପରିଷଦ ସଦସ୍ୟ ସଞ୍ଜୟ ବେହେରା ଓ କୁରସୁଡ଼ ଗ୍ରାମ ପଞ୍ଚାୟତର ସରପଞ୍ଚ ସଙ୍ଗୀତା ବେହେରା ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଜ୍ଞାନବିଜ୍ଞାନ ମେଳାରେ ଟିଟିଲାଗଡ଼ ବ୍ଲକର ୮୫ଟି ବିଦ୍ୟାଳୟରୁ ମନୋନୀତ ୧୬୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଜ୍ଞାନବିଜ୍ଞାନ ମେଳାର ଥିମ ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତ ପାଇଁ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ ରହିଥିଲା। ବିଚାରକ ଭାବେ ସିନ୍ଧେକେଲା ପଲ୍ଲିଶ୍ରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଶୁଭ୍ରଜିତ ମିଶ୍ର, ଠେମରା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ତେଜଶ୍ରୀ କୁମାର ସାହୁ, ଦେଢଗାଁ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଶ୍ରୀକାନ୍ତ ବାରିକ ଓ ଜାମଖୁଣ୍ଟା ପଲ୍ଲୀ ପ୍ରଗତି ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଗଣପତି ସାହୁ ପ୍ରକଳ୍ପଗୁଡିକ ମୂଲ୍ୟାୟନ କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ସ୍ୱର୍ଣ୍ଣପ୍ରଭା ନାଏକ ବିଜ୍ଞାନମେଳକୁ ପରିଚାଳନା କରିଥିଲେ। ଆଦର୍ଶ ବିଦ୍ୟାଳୟର କାହ୍ନା ଭୋଇ ଓ ତୁରୁକଭଟା ବିଦ୍ୟାଳୟର ଦୁଷ୍ମନ୍ତ ଶବର ସଭା ସଞ୍ଚାଳନ କରିଥିଲେ।

# ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମେଳା


ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମେଳାରେ ମଞ୍ଚାସୀନ ଅତିଥି।

ମୁରିବାହାଲ,୨୧।୧୧(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଉଦ୍ୟାନ ବିଭାଗ ନର୍ସରୀଠାରେ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବଙ୍ଗୋମୁଣ୍ଡା ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପୁଟେଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷଙ୍କର ପ୍ରତିନିଧି ଭୋଳାନାଥ ବେହେରା, ସିନ୍ଧେକେଲା ଜିଲା ପରିଷଦ ସଦସ୍ୟ ଦାମ ସୁନା, ବଙ୍ଗୋମୁଣ୍ଡା ଜିଲା ପରିଷଦ ସଦସ୍ୟ ଓମ ପ୍ରକାଶ କୁମ୍ଭାର, ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ ନାଏକ, ବଲାଙ୍ଗୀର ଜିଲା ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀ ଡ. ସାରଦା ପ୍ରସାଦ ରଞ୍ଜନ ସିଂ ବରିହା, ବ୍ଲକ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଭବାନୀ ଶଙ୍କର ବେହେରା, ମତ୍ସ୍ୟ ଅଧିକାରୀ ଆଲୋକ କୁମାର ଜେନା ମଞ୍ଚାସୀନ ଥିଲେ। ପ୍ରତ୍ୟେକ ବ୍ଲକରେ ବିକଳ୍ପ ଭାବେ ମତ୍ସ୍ୟ ଚାଷ ସହ ଗୋପାଳନ, କୁକୁଡ଼ା ଚାଷ, ଛେଳି, ଗାଈ, ଦୁଗ୍ଧ , ଘାସ ଚାଷ ତଥା ଅଣ୍ଡା ଉତ୍ପାଦନ ସହ ସ୍ୱାବଲମ୍ବୀ ନେଇ ଅନେକ ରିହାତି ଯୋଜନା ରହିଛି। ଚାଷୀମାନେ ଏନେଇ ଆଗେଇ ଆସିବା ସହ ରାଜ୍ୟ ତଥା ଦେଶ ବାହାରେ ସମୃଦ୍ଧ ହେବା ପାଇଁ ବିଧାୟକ ଆହ୍ୱାନ ଦେଇଥିଲେ। ମୁରିବାହଲ ବ୍ଲକ ସହକାରୀ ପ୍ରାଣୀ ଅଧିକାରୀ ମୌସୁମୀ ବର୍ଷା ବନାନୀ ସଭା ପରିଚାଳନା କରିଥିଲେ। ମତ୍ସ୍ୟ ଚାଷୀ, ପ୍ରାଣୀ ପାଳକ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଜିପିଡ଼ିଓ ପୁରୁଷୋତ୍ତମ ମାଝୀ, ସହକାରୀ କୃଷି ଅଧିକାରୀ ସ୍ମାରକୀ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ରେଣୁରଞ୍ଜନ ବାଗ ଓ ତାଙ୍କ ସାଥିମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଙ୍ଗୋମୁଣ୍ଡା ବ୍ଲକର ଉଦ୍ୟାନ ବିଭାଗ, କୃଷି ବିଭାଗ,ପ୍ରାଣୀ ବିଭାଗର କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଆନନ୍ଦ ନଗରରେ ଗୋଷ୍ଠୀ ସଂଘର୍ଷ, ୮ ଅଟକ

ବଲାଙ୍ଗୀର,୨୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଲକ୍ଷ୍ମୀଜୋର ଥାନା ଅନ୍ତର୍ଗତ ଆନନ୍ଦନଗର ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୨ଜଣ ଯୁବକ ଗୁରୁତର ହୋଇଥିଲେ। ପୋଲିସ ଏହି ଘଟଣାରେ ୨ଟି ମାମଲା ରୁଜୁ କରି ୮ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମିଳିଥିବା ସୂଚନା ଅନୁଯାୟୀ ଆନନ୍ଦ ନଗର ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ କୌଣସି କଥାକୁ ନେଇ ୨ଗୋଷ୍ଠୀ ମଧ୍ୟରେ ମାଡପିଟ୍ ହୋଇଥିଲା। ଏହି ଗୋଷ୍ଠୀରେ ଜଣେ ଯୁବତୀଙ୍କ ଭୂମିକା ଚର୍ଚ୍ଚାକୁ ଆସିଥିଲା। ତେବେ ସେହି ଯୁବତୀ ଜଣକ କିଏ ପୋଲିସ ତଦନ୍ତ କରୁଛି। ଏହି ଗୋଷ୍ଠୀ ସଂଘର୍ଷ ଘଟଣାରେ ୨ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗୁଡୁଲ ପରିଚ୍ଛା ନାମକ ଯୁବକ ଗୁରୁତର ହେବାରୁ ତାଙ୍କୁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରୁ ବୁର୍ଲା ଭିମସାର ହସ୍ପିଟାଲକୁ ପଠାଯାଇଛି। ଅନ୍ୟ ଜଣେ ଗୁରୁତର ଆହତ ଯୁବକ ସାହିଲ ସୁନା ଭୀମଭୋଇ ମେଡିକାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଲକ୍ଷ୍ମୀଯୋର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୮ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଘଟଣାର ତଦନ୍ତ ଚାଲିଛି ବୋଲି ସୂଚନା ଦେଇଛନ୍ତି।

# ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା



ଅତିଥିମାନଙ୍କ ଗହଣରେ ବାଲ ବୈଜ୍ଞାନିକ ଓ କୃତୀ ପ୍ରତିଯୋଗୀ।

ଲୋଇସିଂହା,୨୧।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ ପଞ୍ଚାୟତ ହାଇସ୍କୁଲରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ୮୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରୁ ମୋଟ ୧୬୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ତୁଡୁକା ଆଦର୍ଶ ବିଦ୍ୟାଳୟର ଛାତ୍ର ସ୍ୱପ୍ନେନ୍ଦୁ ପାଢ଼ୀ, ବୁଢୁଲା ପିଏଚ୍‌ସର ଛାତ୍ର ମୌସୁମ ପଧାନ, ବାବୁଫାସଡ ବିଦ୍ୟାଳୟର ଛାତ୍ର ନରେଶ ଖମାରୀ, ଉଛବାହାଲ ବିଦ୍ୟାଳୟର ଛାତ୍ରୀ ମେଲିନା ଦୋରା, ଭରସୁଜା ବିଦ୍ୟାଳୟର ଛାତ୍ର ରିକନ ଭୋଇ, ଆଗଲପୁର ବିଦ୍ୟାଳୟର ଛାତ୍ର ରିପୁନ ପଧାନ, ରୋତ ବିଦ୍ୟାଳୟର ଛାତ୍ର ରମେଶ ପଟେଲ ପ୍ରମୁଖ ବିଭିନ୍ନ ବିଷୟରେ ପ୍ରଥମ ସ୍ଥାନ ଅଧିକାର କରି ବଲାଙ୍ଗୀର ଜିଲାସ୍ତରୀୟ ବାଲ ବିଦ୍ୱାନ ମେଳା ପାଇଁ ମନୋନୀତ ହୋଇଛନ୍ତି। ବାଲ ବୈଜ୍ଞାନିକମାନଙ୍କୁ ପ୍ରମାଣପତ୍ର ସହ ମେମେଣ୍ଟୋ ପ୍ରଦାନ କରାଯାଇଥିଲା। ବିଚାରକ ଭାବେ ଆତ୍ମଜ ପଟେଲ, କାର୍ତ୍ତିକ ପଣ୍ଡା, ଜୟକୃଷ୍ଣ ନାୟକ, ସୁଧାନିଧି ନାୟକ, ପ୍ରଦୀପ ପଧାନ, ଅଜିତ ହୋତା ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ସେଠୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ମୁଖ୍ୟବକ୍ତା ଭାବେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହାପାତ୍ର କୁଲଦୀପ ମହାନ୍ତି, ବ୍ଲକ ଶିକ୍ଷା ଅଧିକାରୀ ଶ୍ୟାମ ମେହେର, କନଭେନାର ବାଳକୃଷ୍ଣ ମହାନନ୍ଦ, ବଲାଙ୍ଗୀର ଏଆଇଏଫର କୀର୍ତ୍ତି ରାଉତ ମଞ୍ଚାସୀନ ହୋଇଥିଲେ। ବିଗତ ଦିନରେ ବୈଜ୍ଞାନିକମାନେ କିପରି ଭାବେ ବିଜ୍ଞାନ କ୍ଷେତ୍ରରେ ଅଗ୍ରଗତି କରି ଦେଶକୁ ଆଗେଇ ନେବାରେ ସଫଳ ହୋଇଛନ୍ତି ଓ ବୈଜ୍ଞାନିକମାନଙ୍କ ଜୀବନ ଶୈଳୀ ଉପରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ ଅତିଥି। ମେଳାରେ ଭାଗ ନେଇଥିବା ବାଲ ବୈଜ୍ଞାନିକ ଓ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ମେମେଣ୍ଟୋ ପ୍ରଦାନ କରିଥିଲେ।

# ପୂର୍ବତନ କାଉନସିଲର ନିଶିକାନ୍ତ କୁମ୍ଭାରଙ୍କ ପରଲୋକ

ବଲାଙ୍ଗୀର,୨୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ଜଣାଶୁଣା ସାମାଜିକ କର୍ମୀ ତଥା ପୂର୍ବତନ କାଉନସିଲର ନିଶିକାନ୍ତ କୁମ୍ଭାରଙ୍କ ଶୁକ୍ରବାର ପରଲୋକ ହୋଇଛି। ସ୍ଥାନୀୟ ମହାରାଣୀ ସାଗର ଆଡିବନ୍ଧରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରକୁ ଯାଉଥିବାବେଳେ ସେ ହିଡରୁ ପଡ଼ିଯାଇ ଗୁରୁତର ହୋଇଥିଲେ। ସେଠାରୁ ତାଙ୍କୁ କିଛି ଲୋକେ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ। ସେ ୧୯୮୫ ମସିହାରେ ବଲାଙ୍ଗୀର ସହରର ୧୩ ନମ୍ବର ୱାର୍ଡ଼ରେ କଂଗ୍ରେସ କାଉନସିଲର ଭାବେ ନିର୍ବାଚିତ ହୋଇ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ।

# ହତ୍ୟା ଅଭିଯୁକ୍ତ ୫ ବର୍ଷ ପରେ ବେଙ୍ଗାଲୁରୁରୁ ଗିରଫ

ଲାଠୋର,୨୧।୧୧(ଭୁବନେଶ୍ୱର ବାରିକ)


ହତ୍ୟା ଅଭିଯୁକ୍ତ ଅନିଲଙ୍କୁ ପାଟଣାଗଡ଼ କୋର୍ଟ ଚାଲାଣ କରାଯାଉଛି।

**ଭାଉଜଙ୍କୁ ହତ୍ୟା କରି ଫେରାର ଥିଲେ**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ସାହାଜପାଣି ଗ୍ରାମର ଅନିଲ ମେହେର(୨୯) ନାମକ ଜଣେ ହତ୍ୟା ଅଭିଯୁକ୍ତଙ୍କୁ ୫ ବର୍ଷ ପରେ ପୋଲିସ ବେଙ୍ଗାଲୁରୁରୁ ଗିରଫ କରିଛି। ଅନିଲଙ୍କୁ ପୋଲିସ ଶୁକ୍ରବାର ପାଟଣାଗଡ଼ କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ, ଅନିଲଙ୍କ ନିଜ ବଡ଼ଭାଇ କ୍ଷୀରଧର ମେହେରଙ୍କ ସହ ପଟ୍ଟୁ ନ ଥିଲା। ଦୁଇଭାଇଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା। ଗତ ୨୦୨୧ ଅଗଷ୍ଟ ୪ ସନ୍ଧ୍ୟାରେ ବଡ଼ଭାଇ ଘରେ ଅନୁପସ୍ଥିତ ଥିବା ସୁଯୋଗ ନେଇ ଭାଉଜ ସୂର୍ଯ୍ୟକାନ୍ତି ମେହେର(୩୮)ଙ୍କୁ ଏକ ଧାରୁଆ ଛୁରିରେ ଆକ୍ରମଣ କରି ଘରୁ ଫେରାର୍ ହୋଇଯାଇଥିଲେ। ସୂର୍ଯ୍ୟକାନ୍ତିଙ୍କୁ ସଙ୍ଗେସଙ୍ଗେ ପାଟଣାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ଷୀରଧର ଘଟଣାକୁ ନେଇ ଲାଠୋର ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ.୧୦୫/୨୦୨୧) ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଖୋଜି ଚାଲିଥିଲା। ୫ ବର୍ଷ କାଳ ଅନିଲ ପୋଲିସ ଆଖିରେ ଧୂଳିଦେଇ ବେଙ୍ଗାଲୁରୁ ଚାଲିଯାଇଥିଲେ। ସେଠାରେ ସେ ଜଣେ ଯୁବତୀଙ୍କୁ ବିବାହ ହୋଇ ଏକ କମ୍ପାନୀରେ କାମ କରୁଥିଲେ। ୫ ବର୍ଷ କାଳ ପୋଲିସ ଅନିଲଙ୍କୁ ଗିରଫ କରିବାରେ ବିଫଳ ହେବାରୁ ପାଟଣାଗଡ଼ କୋର୍ଟରୁ ଅନିଲଙ୍କ ନାମରେ ୱାରେଣ୍ଟ ବାହାରିଥିଲା। ଉକ୍ତ ୱାରେଣ୍ଟକୁ ଭିତ୍ତିକରି ବର୍ତ୍ତମାନର ଲାଠୋର ଥାନା ଅଧିକାରୀ ରମାକାନ୍ତ ସାହୁ ତଦନ୍ତ ଆରମ୍ଭ କରିଥିଲେ। ସେ କୌଣସି ସୂତ୍ରରୁ ଖବରପାଇ ୪ ଜଣିଆ ପୋଲିସ ଟିମ୍‌କୁ ନେଇ ବେଙ୍ଗାଲୁରୁ ଯାଇଥିଲେ। ସେଠାକୁ ଯାଇ ଅନିଲଙ୍କୁ ଗିରଫ କରି ଲାଠୋର ଥାନାକୁ ଆଣିଥିଲେ।

# ଧାନ ବିକ୍ରି ଆରମ୍ଭରୁ ଅଚଳାବସ୍ଥା ଆଶଙ୍କା



ବରଗଡ଼ ବ୍ଲକ କଲାପାଣି ରାସ୍ତାରେ ଅମଳ ଧାନ।



ବରଗଡ଼ର ଏକ ମିଲ୍‌ରେ ପଡ଼ି ରହିଥିବା ଚାଉଳ।

**ବରଗଡ଼,୨୧।୧୧(ପ୍ରେମାନନ୍ଦ ଖମାରୀ)**

- ଚାଉଳରେ ପୂରିଛି ରାଇସ୍ ମିଲ୍ ଗୋଦାମ
- ଖୋଲା ଆକାଶ ତଳେ ପଡ଼ି ରହିଛି ଧାନ

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଚଳିତ ମାସ ପହିଲାରୁ ଜୋର୍ ଧରିଛି। ଅଥଚ ଏପର୍ଯ୍ୟନ୍ତ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ହୋଇନାହିଁ। ପୂର୍ବରୁ ନଭେମ୍ବର ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ସୁଦ୍ଧା ଜିଲାରେ ଧାନ କିଣାବିକା ଆରମ୍ଭ ହେଉଥିଲା। ମାତ୍ର ଏଥର ପ୍ରଥମଥର ପାଇଁ ଚଳିତମାସ ଶେଷ ସପ୍ତାହ ଅର୍ଥାତ୍ ଆସନ୍ତା ୨୮ତାରିଖରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ବିଭିନ୍ନ ରାଇସ୍ ମିଲ୍‌ର ଗୋଦାମଗୁଡ଼ିକ ବିଗତ ଖରିଫ ଏବଂ ରବି ଧାନ ସଂଗ୍ରହ ପ୍ରକ୍ରିୟାର ଧାନ, ଚାଉଳରେ ପୂରି ରହିଛି। ଏଭଳି ସ୍ଥଳେ ରାଇସ୍ ମିଲ୍‌ରେ ଗଚ୍ଛିତ ଚାଉଳ ଉଠା ନ ଗଲେ ଏବଂ ଅନ୍ୟ ଦାବି ସମୂହ ପୂରଣ ନ ହେଲେ ଆଗାମୀ ଧାନ ସଂଗ୍ରହ ପ୍ରକ୍ରିୟାରେ ଅସହଯୋଗ କରିବେ ବୋଲି ଅଲ୍ ଓଡ଼ିଶା ମିଲର୍ସ ଆସୋସିଏଶନ ମଧ୍ୟ ପୂର୍ବରୁ ଚେତାବନୀ ଦେଇ ସାରିଛି। ଗୋଟିଏ ପଟେ ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟା ଏବଂ ଅନ୍ୟପଟେ ମିଲର୍ସଙ୍କ ଅସହଯୋଗ ଯୋଗୁ ଏଥର ଆରମ୍ଭରୁ ଧାନବିକ୍ରିରେ ଅଚଳାବସ୍ଥା ପରିସ୍ଥିତି ଉପୁଜିବା ଆଶଙ୍କା ଦେଖାଯାଇଛି। କେବଳ ସେତିକି ନୁହେଁ, ପାଣିପାଗ ବିଭାଗ ମଧ୍ୟ ଲଘୁଚାପ ଜନିତ ବର୍ଷା ତଥା ବାତ୍ୟା ସୂଚନା ଦେଉଛି। ଏହାହେଲେ ଏଥର ଜିଲାର ଅନ୍ୟବର୍ଷ ତୁଳନାରେ ଅଧିକ କ୍ଷତି ସହିବାକୁ ପଡ଼ିବ ବୋଲି ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି।

ସୂଚନା ଅନୁଯାୟୀ, ସାଧାରଣତଃ ଅକ୍ଟୋବର ମାସ ଶେଷ ସପ୍ତାହ ସୁଦ୍ଧା ଜିଲାରେ ଖରିଫ୍ ଧାନ ସଂଗ୍ରହ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକ ସରିଯାଇଥାଏ। ଉକ୍ତ ବୈଠକରେ ଜିଲାରେ ଧାନ ସଂଗ୍ରହ ପାଇଁ ନୀତି ନିର୍ଦ୍ଧାରଣ କରାଯାଏ। ବୈଠକ ପୂର୍ବରୁ ଧାନ ବିକ୍ରି ପାଇଁ ଯୋଗ୍ୟ ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହେଉଥିଲା। ମାତ୍ର ଏଥର ତାହା ହୋଇ ନ ଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଗତ ୧୦ତାରିଖରେ ଜିଲା ପ୍ରଶାସନ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଡାକିଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ନୂଆପଡ଼ା ଉପନିର୍ବାଚନ ଆଳ ଦେଖାଇ ଏହି ବୈଠକକୁ ବାତିଲ୍ କରି ଦିଆଗଲା। ଅନ୍ୟପଟେ ସେହିଦିନଠାରୁ ଧାନବିକ୍ରି ପଞ୍ଜୀକରଣ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୧ଦିନ ଧରି ଅହୋରାତ୍ର ଚାଷୀଙ୍କ ଧାରଣା ଚାଲିଥଲା। ତେବେ ଇତିମଧ୍ୟରେ ଗତ ୧୫ତାରିଖରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସିଥିବାବେଳେ ୨୦ତାରିଖରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ପ୍ରତିଶ୍ରୁତି ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଲିଥିବା ଚାଷୀଙ୍କ ଧାରଣା ଉଠିଛି। ଏହାସତ୍ତ୍ୱେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ନେଇ ଦ୍ୱନ୍ଦ୍ୱ ଦୂର ହୋଇନାହିଁ। ୨୮ତାରିଖ ସୁଦ୍ଧା ପଞ୍ଜୀକରଣରୁ ବଞ୍ଚିତ ଚାଷୀଙ୍କୁ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରା ନ ଗଲେ ଚାଷୀମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

ସେହିପରି ଜିଲାର ରାଇସ୍ ମିଲ୍ ଗୋଦାମଗୁଡ଼ିକ ଗତବର୍ଷ ଖରିଫ ଏବଂ ରବି ଋତୁର ଚାଉଳ ଓ ଧାନରେ ପୂରି ରହିଛି। ଏଭଳି ସ୍ଥିତିରେ ଜିଲାରେ ଆସନ୍ତା ୨୮ତାରିଖରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେଲେ ମଣ୍ଡିକୁ ବିକ୍ରି ପାଇଁ ଧାନ ଆସିବ କିନ୍ତୁ ମିଲର୍ସମାନେ ଧାନ ଉଠାଣରେ ତତ୍ପରତା ଦେଖାଇବା ଭଳି ମନେ ହେଉନାହିଁ। ଜିଲାର ଜଣେ ମିଲର୍ସ କହିଛନ୍ତି, ଗତବର୍ଷ ଖରିଫ୍‌ରେ ମିଲର୍ସଙ୍କୁ କଷ୍ଟମ ମିଲିଂ ପାଇଁ ଯୋଗାଣ ବିଭାଗ ଦେଇଥିବା ଧାନ ଅନୁପାତରେ ଚାଉଳ ଉଠାଯାଇନାହିଁ। ସେହିପରି ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ମିଳିଥିବା ଧାନ ଶତ ପ୍ରତିଶତ ରାଇସ୍ ମିଲ ଗୋଦାମଗୁଡ଼ିକରେ ପୂରି ରହିଛି। ଏଭଳି ସ୍ଥଳେ ରାଇସ୍ ମିଲ୍ ଗୋଦାମରେ ପୁଣି ଧାନ ଗଚ୍ଛିତ ରଖିବା ପାଇଁ ଜାଗା ନାହିଁ। ସରକାର ଧାନ କିଣନ୍ତୁ ଏବଂ ନିଜ ଗୋଦାମରେ ଗଚ୍ଛିତ ରଖନ୍ତୁ । ମିଲର୍ସମାନଙ୍କ ଆବଶ୍ୟକତା ଅନୁସାରେ କଷ୍ଟମ ମିଲିଂରେ ମିଲର୍ସଙ୍କୁ ଧାନ ଦିଆଯାଉ। ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ଏଭଳି ସ୍ଥିତିରୁ ଆଗାମୀ ଦିନରେ ଏଠାରେ ଧାନ ସଂଗ୍ରହ ପ୍ରକ୍ରିୟା କେତେ ଜଟିଳ ହୋଇପଡ଼ିବ ତାହା ବାରି ହୋଇପଡୁଛି।

# ମଣ୍ଡି ଖୋଲିନି, ଧାନ ଭର୍ତ୍ତିକଲେ ଚାଷୀ



ଚାଷୀମାନେ ମଣ୍ଡିରେ ଅମଳ ଧାନକୁ ପୂଜାର୍ଚ୍ଚନା କରୁଛନ୍ତି ।

**ଗୋଡ଼ଭଗା/ଅତାବିରା,୨୧।୧୧ (ସୁରେଶ ଦାଶ/ଯୁଧିଷ୍ଠିର ମହାପାତ୍ର)**

ଚଳିତ ବର୍ଷ ଖରିଫ ଧାନ ଅମଳ ଚାଲିଛି। ଆସନ୍ତା ୨୮ ତାରିଖରେ ମଣ୍ଡି ଖୋଲିବ ବୋଲି ଜିଲା ପ୍ରଶାସନ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନେଇଛନ୍ତି। ତେବେ ଚଳିତ ଖରିଫ୍ ଧାନ କିଣାବିକା ପ୍ରକ୍ରିୟା ବିଳମ୍ବକୁ ନେଇ ଚାଷୀ ଅସନ୍ତୋଷ ବଢିବାରେ ଲାଗିଛି। ମଣ୍ଡି ଖୋଲିବା ପୂର୍ବରୁ ଗୁରୁବାର ଅତାବିରା ମଣ୍ଡିରେ ଚାଷୀମାନେ ଧାନ ଭର୍ତ୍ତି କରିଥିବା ବେଳେ ଶୁକ୍ରବାର ଗୋଡ଼ଭଗା ନିୟନ୍ତ୍ରିତ ବଜାରରେ ଧାନ ପୂରାଇଛନ୍ତି। ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଚାଷୀମାନେ ୨ହଜାର୦ ପ୍ୟାକେଟ ଧାନ ପକାଇଥିବା ଜଣାଯାଇଛି। ଶୁକ୍ରବାର ସକାଳ ୧୦ଟା ସମୟରେ ଗୋଡ଼ଭଗା ମାର୍କେଟ ୟାର୍ଡ ଗେଟ୍ ବନ୍ଦ ଥିବାରୁ ଚାଷୀମାନେ ପ୍ରାୟ ୧୨ଟି ଟ୍ରାକ୍ଟରରେ ଧାନ ଆଣି ଗେଟ୍ ସମ୍ମୁଖରେ ଅଟକି ରହିଥିଲେ। ପରେ ମାର୍କେଟ ଇନ୍‌ଚାର୍ଜ ଭରତ ବାରିକଙ୍କ ସହ କଥାବାର୍ତ୍ତା ହେଲା ପରେ ଅତାବିରା ଆର୍‌ଏମ୍‌ସି ସମ୍ପାଦକ ଶଶାଙ୍କ ଶେଖର ସାହାଣୀଙ୍କ ଆଦେଶ କ୍ରମେ ତାଲା ଖୋଲାଯାଇ ସବୁ ଧାନ ଟ୍ରାକ୍ଟର ଭିତରକୁ ନିଆଯାଇଥିଲା। ଚାଷୀମାନେ ପୂଜାର୍ଚ୍ଚନା କରି ମଣ୍ଡିରେ ଧାନ ପକାଇଥିଲେ। ଦଶରଥ ଭୋଇ, ପାପା ରାଓ, ଭୁବନ ପ୍ରଧାନ, କେ. ରାମବାବୁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ ଉତ୍ସବ

**ବରଗଡ଼,୨୧।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ମହତାବ ଶିଶୁ ସାହିତ୍ୟ ସଂସଦର ୩୨ତମ ସ୍ୱନକ୍ଷତ୍ର ଉତ୍ସବ, ହରେକୃଷ୍ଣ ମହତାବଙ୍କ ୧୨୬ତମ ଜୟନ୍ତୀ ଓ 'କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ' ସମାରୋହ ଶୁକ୍ରବାର ସ୍ଥାନୀୟ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବରଗଡ଼ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି, ଟ୍ରଷ୍ଟ ଫଣ୍ଡ କଲେଜର ଅଧ୍ୟକ୍ଷ ଡ. ସରୋଜ କୁମାର ଦେବତା ସମ୍ମାନିତ ଅତିଥି ଏବଂ ପ୍ରାଧ୍ୟାପକ ଡ. ପ୍ରଦୀପ କୁମାର ହୋତା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମହତାବଙ୍କୁ ନବ ଉତ୍କଳର ନିର୍ମାତା ଭାବେ ଅଭିହିତ କରିଥିଲେ। ଜଣେ ସ୍ୱାଧିନତା ସଂଗ୍ରାମୀ ଓ ରାଜନେତା ଭାବେ ସେ ଯେତିକି ପରିଚିତ ନୁହେଁ ବରଂ ଓଡ଼ିଶାର ସାହିତ୍ୟ, ସଂସ୍କୃତି, ଇତିହାସ, ଶିଳ୍ପ ଓ ସର୍ବୋପରି ଶିଶୁମାନଙ୍କର ସେ ଅତିପ୍ରିୟ କାକା ମହତାବ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦୀପ୍ତ କୁମାର ରଥ, ଅର୍ଜ୍ଜୁନ ସେଠ୍, ସୁପ୍ରଭା ସାମଲ, ଡ. ଡୋଳାମଣୀ ଶତପଥୀ, ତୁଳସୀ ଚରଣ ଦାଶ, ସଂଘମିତ୍ରା ପଟେଲ, ଆଲୋକ ରଞ୍ଜନ ଦାଶ, ଦୟାନିଧି ମହାପାତ୍ର, ଶରତ କୁମାର ସାହୁ ପ୍ରମୁଖ ମହତାବଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସୁପରିଚିତ ଶିଶୁ ସାହିତ୍ୟିକ କନ୍ଦର୍ପ ବେହେରାଙ୍କୁ ଚଳିତ ବର୍ଷର 'କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଶିଶୁ କଳାକାର ରୂପାଲି ସାମଲ, ସ୍ୱାତୀ ଦାଶ, ପ୍ରାଞ୍ଜଲ ପରିମିତା ନନ୍ଦ, ପ୍ରୀତି ଭୁଏ, ଶାଳିନୀ ସା, ରିତିକା ସା, ନୀଳିମା ବାଗଙ୍କୁ ସମ୍ମାନିତ କରାଯାଇଥିଲା। ସଂସଦର ସମ୍ପାଦକ ଡ. ରବିନାରାୟଣ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଏବଂ କପିଲ୍ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି।



ପଦଯାତ୍ରାରେ ବରଗଡ଼ ଏମପି, ପଦ୍ମପୁର ଉପଜିଲାପାଳ ଓ ଅନ୍ୟମାନେ।

# ପଦ୍ମପୁରରେ ଜିଲାସ୍ତରୀୟ ଏକତା ପଦଯାତ୍ରା

**ପଦ୍ମପୁର,୨୧।୧୧(ପ୍ରଦୀପ୍ତ ଦାଶ)**

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ଏକତା ଦିବସ ଅବସରରେ ଶୁକ୍ରବାର ସ୍ଥାନୀୟ ଆରବି ହାଇସ୍କୁଲପଡିଆଠାରୁ ଭେଡଁରିଆ ଛକ,ରାଜବାଟିପଡିଆ, ଶାସ୍ତ୍ରୀଛକ ପର୍ଯ୍ୟନ୍ତ ଏକତା ପଦଯାତ୍ରା ଆୟୋଜିତ ହୋଇଥିଲା। ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ପଦ୍ମଶ୍ରୀ ହଳଧର ନାଗ, ଉପ ଜିଲାପାଳ ସ୍ନେହା ଅରଗୁଲ, ଉପଆରକ୍ଷୀ ଅଧିକ୍ଷକ ପାଣ୍ଡବଶର, ଦହିତା କଲେଜର ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ସମେତ ସମସ୍ତ ଉପସ୍ତରୀୟ ଅଧିକାରୀ, କର୍ମଚାରୀ, ପୋଲିସ ବାହିନ, ଲାୟନ୍ସ କ୍ଲବ, ସହଯୋଗ ଅନୁଷ୍ଠାନ, ଛାତ୍ରୀଛାତ୍ର ଏବଂ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଏକତା ପାଇଁ ପଦଯାତ୍ରା କରିବା ସହ ରାଷ୍ଟ୍ର ନିର୍ମାଣ ପାଇଁ ସଜାଗ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଜିଲା ପ୍ରଶାସନ ତଥା କ୍ରିଡା ଓ ଯୁବସେବା ବିଭାଗ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ମାଇ ଭାରତ ଆନୁକୂଲ୍ୟରେ ଆୟୋଜିତ ଏହି ପଦଯାତ୍ରାରେ ଏମ୍‌ପି ପୁରୋହିତ ଆତ୍ମନିର୍ଭର ଭାରତ ଏବଂ ନିଶାମୁକ୍ତ ଭାରତ ଗଠନ ନିମନ୍ତେ ସମସ୍ତଙ୍କୁ ଶପଥ ପାଠ କରାଇବା ସହ ଜିଲାସ୍ତରୀୟ ଓ ଉପଖଣ୍ଡସ୍ତରୀୟ ପଦ୍ମପୁରର ବିଶିଷ୍ଟ ବ୍ୟକ୍ତି ବିଶେଷ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମହେନ୍ଦ୍ର ସାହୁ, ଜିଲା ସଂସ୍କୃତି ଅଧିକାରୀ ତାହିର ହୁସେନ, ଜିଲା କ୍ରିଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ଦେବତା ପ୍ରମୁଖ ଆୟୋଜନ କରିଥିଲେ।

# ବାର୍ଷିକ ଉତ୍ସବ ଉପଲକ୍ଷେ ପ୍ରତିଯୋଗିତା

**ବରପାଲି,୨୧।୧୧(ଚିତ୍ତରଞ୍ଜନ ସାହୁ):** ବରପାଲି ସ୍ଥାନୀୟ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ବରପାଲି ସାମ୍ବାଦିକ ସଂଘର ୩୯ତମ ବାର୍ଷିକ ଉତ୍ସବ ଅବସରରେ ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଯୋଗଦେଇ ବକ୍ତୃତା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସଂଘର ସଭାପତି ଆବାହକ ଚିତ୍ତରଞ୍ଜନ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ବିଚାରକଗଣଙ୍କ ପରିଚୟ ପ୍ରଦାନ କରିଥିଲେ। ସର୍ବକନିଷ୍ଠ, କନିଷ୍ଠ, ବରିଷ୍ଠ ଏହିପରି ୩ଟି ବିଭାଗରେ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ସର୍ବକନିଷ୍ଠ ବିଭାଗରୁ ଦିବ୍ୟାଂଶୀ ବାରିକ ଓ ଅଂଶିକା ନାୟକ ପ୍ରଥମ ସ୍ଥାନ, ସ୍ୱନ୍ଦନ ସେଠ ଓ ଅନ୍ୱେଷ ସୌରଭ ଦାଶ ଦ୍ୱିତୀୟ ସ୍ଥାନ, ସାନଭି ବାରିକ ଓ ଅର୍ପଣ ଦାଶ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ କନିଷ୍ଠ ବିଭାଗର ବକ୍ତୃତା ପ୍ରତିଯୋଗିତାରେ ଯଶ ଚାଉଳିଆ, ବଂଶିକା ପଧାନ ଓ ପ୍ରିୟାଂଶୁ ପ୍ରୀତମ ତ୍ରିପାଠୀ ଯଥାକ୍ରମେ ପ୍ରଥମ ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବିଭାଗର ବକ୍ତୃତା ପ୍ରତିଯୋଗିତାରେ ରେଶମା ସାହୁ ପ୍ରଥମ ସ୍ଥାନ, ସାର୍ଥକ ସାହୁ ଓ ଝାନ୍‌ସୀ ବନଛୋର ଦ୍ୱିତୀୟ ସ୍ଥାନ ଏବଂ ଆଭୋଶ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଜଣେ ବ୍ୟକ୍ତି ରକ୍ତ ଦେଉଛନ୍ତି।

**ପାଇକମାଳ,୨୦।୧୧(ବଡ ଶତପଥୀ)**

ପାଇକମାଳ ବ୍ଲକ ଛିନ୍ଦେଇକେଲାର ଶ୍ରୀଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ଆନୁକୂଲ୍ୟରେ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଦିବସ ସତ୍ୟସାଇ ମନ୍ଦିର ପରିସର କଲ୍ୟାଣ ମଣ୍ଡପରେ ଶୁକ୍ରବାର ପାଳିତ ହୋଇଯାଇଛି। ଏନେଇ ଆବାହକ ପତିତପାବନ ସାହୁଙ୍କ ନେତୃତ୍ୱରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମପୁର ସମିତି ଆବାହକ କମଳାକାନ୍ତ ପାଣିଗ୍ରାହୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇ ପଦ୍ମପୁର ଡାକ୍ତରଖାନାକୁ ଦିଆଯାଇଥିଲା। ଶିବିରରେ ଭଜନ ମଣ୍ଡଳୀର ସୁଧାଂଶୁ ଶେଖର ସେଠ, ସୁରଥ ସାହୁ, ନିରୋଜ ସାହୁ, ସନ୍ତୋଷ ପାଢ଼ୀ, ହେମସାଗର ସାହୁ, ଫକୀର ମୋହନ ବାରିକ, ଗୀତା ସାହୁ, ବୀଣା ସାହୁ, ସୁଦାମ ଚରଣ ସାହୁ, ଶତ୍ରୁଘ୍ନ ସାହୁ, ଚନ୍ଦ୍ରମଣି ସାହୁ, ଶରତ ଚନ୍ଦ୍ର ହଂସ, ଅରୁଣା ସାହୁ, ଆକାଶ ସାହୁ, ରିଶବ ସାହୁ, ଆଦର୍ଶ ସାହୁ, ସତ୍ୟ ସାହୁ, ବିନୟ ସାହୁ, ସୁନିଲ ସାହୁ, ରାଜା ସାହୁ, ଦୀପକ ସାହୁ, ପିଣ୍ଟୁ ସାହୁ, ଯତୀନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

**ଗାଇସିଲେଟ୍,୨୧।୧୧(ଦୁର୍ଗାପ୍ରସାଦ ତ୍ରିବେଦୀ):** ବରଗଡ଼ ଜିଲା ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ଜାମୁଟବାହାଲ ଗ୍ରାମରେ ଶ୍ରୀ ସତ୍ୟସାଇ ଟ୍ରଷ୍ଟ ତରଫରୁ ସତ୍ୟସାଇ ବାବାଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉକ୍ତ ଗ୍ରାମରେ ଟ୍ରଷ୍ଟ ତରଫରୁ ଏକ ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପ (ଶ୍ରୀ ସତ୍ୟସାଇ ନିର୍ମଳ ଝରଣା) ଉଦ୍‌ଘାଟିତ ହୋଇଥିଲା। ଏହା ରାଜ୍ୟରେ ସତ୍ୟସାଇ ଟ୍ରଷ୍ଟର ୪୩ତମ ପ୍ରକଳ୍ପ ଅଟେ। ଜାମୁଟବାହାଲ ଗ୍ରାମରେ ଲୋକେ ଫ୍ଲୋରାଇଡ୍ ପ୍ରଭାବିତ ପାଣି ସେବନ କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସତ୍ୟସାଇ ଟ୍ରଷ୍ଟ ତରଫରୁ ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପ ଉଦଘାଟନ ହେବା ପରେ ଗ୍ରାମବାସୀ ଆନନ୍ଦ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଡାଙ୍ଗବାହାଲ ସତ୍ୟସାଇ ସମିତିର ଆବାହକ, ବାଲ୍ ବିକାଶ ଛାତ୍ରୀଛାତ୍ର, ରାଜ୍ୟ ସତ୍ୟସାଇ ଟ୍ରଷ୍ଟର କର୍ମକର୍ତ୍ତା, ଜାମୁଟବାହାଲ ସରପଞ୍ଚ ପ୍ରମୁଖ ଯୋଗଦାନ କରିଥିଲେ।

# ମାତୃପୁରୀର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ଅତାବିରା,୨୧।୧୧(ଯୁଧିଷ୍ଠିର ମହାପାତ୍ର):** ଲାଦରପାଲି ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃପୁରୀର ବାର୍ଷିକ କ୍ରୀଡା ପ୍ରତିଭା ଅନ୍ୱେଷଣ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତାବିରା ସ୍କୁଲ ସ୍ପୋର୍ଟସ ଆସୋସିଏଶନର ସମ୍ପାଦକ ସୁଦୀପ୍ତ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ବବୃବାହନ ମିଶ୍ରଙ୍କ ପରିଚାଳନାରେ ଲାଦରପାଲି ହନୁମାନ ମନ୍ଦିରରୁ ଏକ ଭବ୍ୟ ମଶାଲ ଶୋଭାଯାତ୍ରା ହୋଇଥିଲା। କ୍ରୀଡା ଉତ୍ସବରେ ୯୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ ବିଭିନ୍ନ ବର୍ଗରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିଲେ। କ୍ରୀଡା ଉତ୍ସବରେ ୯୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ ବିଭିନ୍ନ ବର୍ଗରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିଲେ। କ୍ରୀଡା ବିଭାଗ ମୁଖ୍ୟ ଗଜିନ୍ଦ୍ର ବାଗଙ୍କ ନେତୃତ୍ୱରେ ଶିକ୍ଷାକେନ୍ଦ୍ରର ହରିବୋଲ ଅଦାବର୍, ସରୋଜ ରଥ, ଯତୀନ୍ଦ୍ର ପ୍ରଧାନ, ନିରଞ୍ଜନ ପଶାୟତ, ସୁନୀଲ ଖମାରୀ, ରତନ ଦୀପ, ଆଲୋକ ପଧାନ, ସୁଦୀପ ସାହୁ , ଯୁଗଳ ସାହୁ, ମିନତୀ ଦାଶ, ଜୟଶ୍ରୀ ପ୍ରଧାନ, ଲୋପାମୁଦ୍ରା ପ୍ରଧାନ, ଗିରିଜା ସାହୁ, ସୁମି ପ୍ରଧାନ, ଅମ୍ରିତା ପ୍ରଧାନ, ଧର୍ମରାଜ ସାହୁ, ହେମାନନ୍ଦ ଭୋଇ, ଝସକେତନ ସାହୁ, ମିଲନିକା ନନ୍ଦ, ସରିତା ପ୍ରଧାନ ତଥା ପରିଚାଳନା କମିଟି ପକ୍ଷରୁ ସଭାପତି ଶେଷଦେବ ନାୟକ, ଉପ ସଭାପତି ଅରୁଣ କୁମାର ହୋତା, ସହ ସମ୍ପାଦକ ଶରତ କୁମାର ପ୍ରଧାନ ସହଯୋଗ କରିଥିଲେ।



# ଅର୍ଚ୍ଚିତା, ଆଲୋକ ଚାମ୍ପିୟନ

**ଟ୍ରଷ୍ଟ ଫଣ୍ଡ୍ କଲେଜର ବାର୍ଷିକ କ୍ରୀଡ଼ା**

**ବରଗଡ଼,୨୧।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଟ୍ରଷ୍ଟ ଫଣ୍ଡ୍ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆନନ୍ଦ ସେଠଙ୍କ ତତ୍ତ୍ୱାବଧାନରେ ଏକ ମଶାଲ ଶୋଭାଯାତ୍ରା କାଳୀ ମନ୍ଦିରରୁ ଷ୍ଟାଡ଼ିୟମକୁ ଅଣାଯାଇ ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ କଲେଜ ଅଧ୍ୟକ୍ଷ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କଲେଜର ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। କଲେଜ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ସେ ଉତ୍ସାହିତ କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଅର୍ଚ୍ଚିତା ବାଗ ଏବଂ ଛାତ୍ରମାନଙ୍କ ମଧ୍ୟରେ ଆଲୋକ ଗଡ଼ତୀଆ ଚାମ୍ପିୟନ ହୋଇଥିଲେ। ଝରଣା ଦାଶ, ସୌମ୍ୟକୁମାର ବିଭାର, ଆନନ୍ଦ ସେଠଙ୍କ ସମେତ କଲେଜର ଅନ୍ୟ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ପ୍ରତିଯୋଗିତା ସହଯୋଗ କରିଥିଲେ। ଡଃ ଜଗଦୀଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଥଇଥାନ ପୂର୍ବରୁ ଉଠାଦୋକାନୀଙ୍କୁ ଉଚ୍ଛେଦ

**ବରଗଡ଼,୨୧।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରରେ ପ୍ରଶାସନ ପକ୍ଷରୁ ଗତ କିଛିଦିନ ହେଲା ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ କରାଯାଉଛି। ତେବେ ଏଥିରେ ଅଧିକାଂଶ ଠେଲା ଦୋକାନୀ ଏବଂ ଗରିବ ଶ୍ରେଣୀର ଲୋକେ ପ୍ରଭାବିତ ହେଉଛନ୍ତି। ରାସ୍ତାପାର୍ଶ୍ୱ ପ୍ରଶସ୍ତୀକରଣ ଏବଂ ଡ୍ରେନ ନିର୍ମାଣ ପାଇଁ ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା କୁହାଯାଉଛି। ମାତ୍ର ଉଚ୍ଛେଦ ପରେ ଅନେକ ଗରିବ ଲୋକଙ୍କ ପେଟପାଟଣା ପ୍ରଭାବିତ ହେଉଛି। ଗୋଟିଏ ପଟେ ବାରମ୍ବାର ଦାବି ସତ୍ତ୍ୱେ ଜବରଦଖଲରେ ରହିଥିବା ଥିଲାବାଲାଙ୍କ ଘରକୁ ହାତ ପାଉ ନ ଥିବାବେଳେ ଅନ୍ୟପଟେ ଗରିବ ଶ୍ରେଣୀର ଲୋକଙ୍କ ଠେଲା ଦୋକାନକୁ ଉଚ୍ଛେଦ କରାଯିବା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ବର୍ଗର ଲୋକଙ୍କୁ ଆଗରୁ ଥଇଥାନ ଏବଂ ପରେ ଉଚ୍ଛେଦ କରିବାକୁ ନେଇ ସଚେତନ ନାଗରିକ ମହଲରେ ମତପ୍ରକାଶ ପାଇଛି। ଶୁକ୍ରବାର ବରଗଡ଼ ଏସ୍‌ପି ଛକଠାରୁ ମିନି ଷ୍ଟାଡ଼ିୟମ, କାଳୀ ମନ୍ଦିର ରାସ୍ତାରେ ବୁଲଡ଼ୋଜର ଲଗାଇ ଉଚ୍ଛେଦ କରାଯାଇଥିଲା। ଏଥିରେ ରାସ୍ତାପାର୍ଶ୍ୱରେ ରହିଥିବା ସେଲୁନ, ହୋଟେଲ, ସିଲେଇ ଦୋକାନ, ପାନ ଦୋକାନ ଆଦି ଧୂଳିସାତ୍ ହୋଇ ଯାଇଛି। ନିଜ ଉଠା ଦୋକାନ ହରାଇବା ପରେ ସେମାନେ କିଭଳି ପରିବାର ଗୁଜୁରାଣ ମେଣ୍ଟାଇବେ, ଉଠାଦୋକାନୀଙ୍କୁ ସେହି ଚିନ୍ତା ଘାରିଛି। ଅନ୍ୟପଟେ ସହରବାସୀଙ୍କ ଦୀର୍ଘବର୍ଷର ଦାବି ରହି ଆସିଥିବା ବରଗଡ଼ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜିରା ବ୍ରିଜ୍ ରାସ୍ତାପାର୍ଶ୍ୱ ଜବରଦଖଲକୁ ଏପର୍ଯ୍ୟନ୍ତ ଉଚ୍ଛେଦ କରାଯାଇ ପାରିନାହିଁ। ଉଚ୍ଛେଦ ସପକ୍ଷରେ ନ୍ୟାୟାଳୟ ବାରମ୍ବାର ରାୟ ଦେଇଛନ୍ତି। କିନ୍ତୁ ବିଭିନ୍ନ ଆଳ ଦେଖାଇ ପୌର ପ୍ରଶାସନ ସମୟ ଗଡ଼ାଇ ଚାଲିବାରୁ ଉଚ୍ଛେଦରେ ପ୍ରଭାବିତ ହେବାକୁ ଥିବା ଲୋକେ ପୁଣି ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ତାହା ନ୍ୟାୟାଳୟରେ ବିଚାରାଧୀନ ରହିଛି ଏବଂ ଥରକୁ ଥର ଶୁଣାଣି ଘୁଞ୍ଚି ଚାଲିଛି।



ବରଗଡ଼ ଏସ୍‌ପି ଅଫିସ କାଳୀ ମନ୍ଦିର ଛକ ରାସ୍ତାପାର୍ଶ୍ୱରେ ଉଚ୍ଛେଦ ଚାଲିଛି।

## ୨୩ରେ ଜିଲା ଖୋ ଖୋ ଦଳ ଚୟନ

**ସୁନ୍ଦରଗଡ,୨୧।୧୧(ଜୟ ନାରାୟଣ ମେଣ୍ଡୁଲି)**

ନଭେମ୍ବର ୨୬ରୁ ଡିସେମ୍ବର ୧ ଯାଏଁ କନିଷ୍ଠ ରାଜ୍ୟସ୍ତରୀୟ ବାଳିକା ଓ ବାଳକ ଖୋ ଖୋ ପ୍ରତିଯୋଗିତା ପୁରୀଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ ଜିଲାର ପ୍ରତିନିଧିତ୍ୱ କରିବା ପାଇଁ ଏକ କନିଷ୍ଠ ଖୋଖୋ ଦଳ ଚୟନ କରିବା ସ୍ଥିରୀକୃତ ହୋଇଛି। ଏହି ଚୟନ ଶିବିର ଆସନ୍ତା ୨୩ତାରିଖରେ ସୁନ୍ଦରଗଡ ସ୍ଥିତ ସେଣ୍ଟ ଥେରେସା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ସକାଳ ୮ରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ଯାଏଁ ଚାଲିବ। ଇଚ୍ଛୁକ ଖେଳାଳିମାନେ ସକାଳ ୮ରେ ଉପରୋକ୍ତ ସ୍ଥାନରେ ନିଜ ଆଧାର କାର୍ଡ ଓ ଜନ୍ମ ପ୍ରମାଣ ପତ୍ର ସହ ଆସି ପଞ୍ଜୀକରଣ କରିବାକୁ ଜିଲା କ୍ରିଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ଅନୁରୋଧ କରିଛନ୍ତି। ସବିଶେଷ ସୂଚନା ପାଇଁ ପ୍ରଶାନ୍ତ କୁମାର ପଟେଲ (୭୭୩୫୪୩୩୮୯୯) ଓ ଶୁଭମ ଦାଶଙ୍କୁ (୭୭୪୯୯୫୨୦୩୩)ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଧାନ ସଂଗ୍ରହ ପାଇଁ ଜିଲାରେ ୧୩୩ କେନ୍ଦ୍ର ଖୋଲିବାକୁ ଲକ୍ଷ୍ୟ



ସ୍ଥାନୀୟ ବିକାଶ ଭବନ ଠାରେ ଜିଲା ସ୍ତରୀୟ ଧାନ କ୍ରୟ ବୈଠକରେ ଉପସ୍ଥିତ ଉପବାଚସ୍ପତି, ବିଧାୟକ ଗଣ,ଜିଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ମାନେ।

**ସୁନ୍ଦରଗଡ,୨୧।୧୧(ଜୟ ନାରାୟଣ ମେଣ୍ଡୁଲି)**

### ଜିଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ସୁନ୍ଦରଗଡ ଜିଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଶୁକ୍ରବାର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସଦର ବିଧାୟକ ଯୋଗେଶ କୁମାର ସିଂହ, ରାଜଗାଙ୍ଗପୁର ବିଧାୟକ ଡା. ସି.ଏସ. ରାଜେନ ଏକ୍କା, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ଜିଲାର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। କିଭଳି ଜିଲାରେ ସୁରୁଖୁରୁରେ ଧାନ ସଂଗ୍ରହ ହୋଇପାରିବ ଏବଂ ଚାଷୀମାନେ କିଭଳି ବିନା ଅସୁବିଧାରେ ନିଜର ଧାନ ବିକ୍ରୟ କରି ପାରିବେ ତାହା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରକ୍ରିୟାରେ ଚାଷୀ, ମିଲର୍ସ ତଥା ଅଧିକାରୀଙ୍କ ଆପୋଷ ବୁଝାମଣା ତଥା ସହଯୋଗ ଆବଶ୍ୟକ ବୋଲି କହିଥିଲେ। ସେହିଭଳି ଚାଷୀଙ୍କ ସମସ୍ତ ସମସ୍ୟା ଗୁଡ଼ିକର ଦୂରୀକରଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

ଜିଲାରେ ଖରିଫ ଧାନ ସଂଗ୍ରହ,ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗାଇ ଦେବା, ତ୍ରୁଟି ବିହୀନ ଧାନ ସଂଗ୍ରହ ପ୍ରକ୍ରିୟା ଆଦି ଲକ୍ଷ୍ୟ ନେଇ ଚଳିତବର୍ଷ ଖରିଫ ଧାନ ସଂଗ୍ରହ ନିମନ୍ତେ ତାରିଖ ଧାର୍ଯ୍ୟ କରାଯାଇଛି। ବଣାଇ ଉପଖଣ୍ଡ ଅଞ୍ଚଳରେ ପ୍ରଥମେ ଡିସେମ୍ବର ୧୫ ତାରିଖ ଏବଂ ସୁନ୍ଦରଗଡ଼ ଓ ପାନପୋଷ ଉପଖଣ୍ଡରେ ଧାନ ସଂଗ୍ରହ ନିମନ୍ତେ ଡିସେମ୍ବର ୨୦ ତାରିଖକୁ ଧାର୍ଯ୍ୟ କରାଯାଇଛି। ଧାନ ସଂଗ୍ରହ ନିମନ୍ତେ ଜିଲାରେ ୧୩୩ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯିବାର ଲକ୍ଷ୍ୟ ରଖାଯାଇଛି। ଯେଉଁଥିରେ ୬ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ୪୭ଟି ଲାମ୍ପସ ଭାଗ ନେବେ। ସେହିଭଳି ଏଥର ନୂତନଭାବେ ୨୫ଟି ଲାମ୍ପସ ଏହି ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେବେ। ମଣ୍ଡି ଗୁଡ଼ିକର ସୁପରିଚାଳନା ନିମନ୍ତେ ଜିଲାରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ, ଟୋଲ ଫ୍ରି ନମ୍ବର ୧୮୦୦୪୩୫୭୪୬୧ ଏବଂ ଜିଲା ଯୋଗାଣ କାର୍ଯ୍ୟାଳୟର ଟୋଲ ଫ୍ରି ନମ୍ବର ୦୬୬୨୨୩୧୩୫୪୩ ରହିଛି।

ପଞ୍ଜୀକୃତ ହୋଇଥିବା ୬୧୯୭୭ ଜଣ ଚାଷୀଙ୍କ ଠାରୁ ପ୍ରଥମ ପର୍ଯ୍ୟାୟରେ ୧୪୬୧୦୦ ମେଟ୍ରିକ ଟନ ଧାନ କିଣାଯିବାର ଲକ୍ଷ୍ୟ ରହିଛି। ବୈଠକରେ ବହୁ ଚାଷୀ ଧାନ କିଣା ସମୟରେ ଚାଷୀଙ୍କ ଆପତ୍ତି ଅଭିଯୋଗ ପାଇଁ ଖୋଲାଯାଇଥିବା ଟୋଲଫ୍ରି ନମ୍ବରରେ ଗତ ବର୍ଷ କୌଣସି ଠିକ ସହାୟତା ସହଯୋଗ ମିଳି ନ ଥିବାରୁ ଚଳିତବର୍ଷ ଏହାର ଠିକ କାର୍ଯ୍ୟ କାରିତା ନେଇ ଦାବି କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ, ସଦର ଉପଜିଲାପାଳ ତେଜସ୍ୱିନୀ ବେହେରା, ପାନପୋଷ ଉପ ଜିଲାପାଳ ବିଜୟ କୁମାର ନାୟକ, ମୁଖ୍ୟ ଯୋଗାଣ ଅଧିକାରୀ ଅଜୟ କୁମାର ରଥ, ଜିଲା ଯୋଗାଣ ଅଧିକାରୀ ସଞ୍ଜୟ କୁମାର ସାହୁ, ଡିଆର୍‌ସିଏସ ରଶ୍ମିଲତା ବେହେରା, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବହୁ ସଂଖ୍ୟାରେ ଚାଷୀ ଏବଂ ମିଲର୍ସ ମାନେ ଯୋଗ ଦେଇ ବୈଠକରେ ଧାନ ସଂଗ୍ରହ କିଭଳି ସୁରୁଖୁରୁରେ ହୋଇପାରିବ ସେଥି ନିମନ୍ତେ ନିଜ ନିଜର ମତାମତ ରଖିଥିଲେ।

## ରାଏବୋଗାରେ ଜନଜାତୀୟ ଗୌରବ ଦିବସ

**କୁଆଁରମୁଣ୍ଡା,୨୧।୧୧(ମହେନ୍ଦ୍ର କୁମାର ସାହୁ)**

ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ବ୍ଲକସ୍ତରୀୟ ଜନଜାତୀୟ ଗୌରବ ଦିବସ ଗୁରୁବାର କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ରାଏବୋଗାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଆଦିବାସୀ ଚାଲିଚଳଣୀ, ଭାଷା, ସଂସ୍କୃତି, ପରମ୍ପରା, ଜୀବନ ଜୀବିକା ସମ୍ପର୍କରେ ଦିନ ତମାମ ଆଲୋଚନା ହୋଇଥିଲା। ଏହି ଅବସରରେ ଠେଟ ନାଗପୁରୀ ଅର୍କେଷ୍ଟ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଝାଡ଼ଖଣ୍ଡ ରାଞ୍ଚିର ପଦ୍ମଶ୍ରୀ ପୁରସ୍କାର ବିଜେତା ୭୮ ବର୍ଷୀୟ ମଧୁ ମାନସୁରି ଅଂଶ ଗ୍ରହଣ କରି ବିର୍ସା ମୁଣ୍ଡାଙ୍କ ଜୀବନ କାହାଣୀ ନିଜ ଗୀତ ମାଧ୍ୟମରେ ବର୍ଣ୍ଣନା କରିଥିଲେ। ବିର୍ସା ମୁଣ୍ଡା ଜଳ, ଜମି, ଜଙ୍ଗଲକୁ ଭଲ ପାଉଥିଲେ। ଏହାର ସୁରକ୍ଷା ପାଇଁ ଆଦିବାସୀମାନଙ୍କୁ ସଚେତନ କରୁଥିଲେ ବୋଲି ପଦ୍ମଶ୍ରୀ ମନସୁରୀ କହିଥିଲେ। ତାଙ୍କର ଗୀତ ଏତେ ହୃଦୟସ୍ପର୍ଶୀ ହୋଇଥିଲା ଯେ ଉପସ୍ଥିତ ସମସ୍ତେ ଝୁମିଥିଲେ। ଏହି କାର୍ଯ୍ୟକ୍ରମରେ ବୀରମିତ୍ରପୁରର ପୂର୍ବତନ ବିଧାୟକ ବରିଷ୍ଠ ଭାଜପା ନେତା ଶଙ୍କର ଓରାମ, ଅବସରପ୍ରାପ୍ତ ଉପଜିଲାପାଳ ରାଇନୁ ସିଂ, ପୂର୍ବତନ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ନାଏକ, ଉପାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ମଧୁ ଦାସ, ଲକ୍ଷ୍ମୀନାରାୟଣ ସାହୁ, ଶଙ୍କର ପୁଝାରୀ, ହଳପାଣି ମାଝୀ, ଭୋଲାନାଥ ସାହୁ, ରୀନା ମେହେର, ଜୟଶଙ୍କର ନନ୍ଦ, ବୁଲୁ ଚାନ୍ଦ ଓ ଅନ୍ୟମାନେ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଦଳଙ୍କୁ ମାଦଳ ପ୍ରଦାନ କରି ଅତିଥିମାନେ ପୁରସ୍କୃତ କରିଥିଲେ।


ରାଏବୋଗାରେ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ମଧୁ ମାନସୁରି ସଙ୍ଗୀତ ପରିବେଷଣ କରୁଛନ୍ତି।

## ବ୍ଲକ୍ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ସୁନ୍ଦରଗଡ,୨୧।୧୧(ଜୟ ନାରାୟଣ ମେଣ୍ଡୁଲି) :**
ସବ୍‌ଡେଗା ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଶୁକ୍ରବାର ନ୍ୟୁ ଓଡ଼ିଶା ଉଚ୍ଚ ବିଦ୍ୟାଳୟ ଗାଇବିରାଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସବ୍‌ଡେଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶନାଥ ସାହୁ ଯୋଗଦାନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ନୂତନ ଜିନିଷ ଆବିଷ୍କାର କରିବା, ଉଦ୍ଭାବନ କରିବାର ମନୋବୃତ୍ତି ନେଇ ଆସିଥିବା କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିବା ସହ ପିଲାଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସବ୍‌ଡେଗା ସରପଞ୍ଚ ଗଣେଶ ପ୍ରଧାନ, ଗାଇବିରା ଫାଦର ପିଟର ଟପ୍ପୋ, ଅଜୟ କେରକେଟା, ନ୍ୟୁ ଓଡିଶା ଉଚ୍ଚ ବିଦ୍ୟାଳୟ ଗାଇବିରାର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ପିଲାଙ୍କୁ ଉତ୍ସାହିତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ମିଶିରଙ୍କ ତତ୍ତ୍ୱାବଧାନ ଓ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୮ଟି ବିଭାଗରୁ ମୋଟ ୨୨୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରତି ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମୁକ୍ତେଶରୀ ପଟେଲଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ସିଆର୍‌ସିସି ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ଅର୍ଜୁନ ରୋହିଦାସ ମଞ୍ଚ ପରିଚାଳନା କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମୁକ୍ତେଶରୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ଲହୁଣିପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ୨ ବାଲି ଗାଡ଼ି ଜବତ, ୨ ଗିରଫ

**କୁଆଁରମୁଣ୍ଡା,୨୧।୧୧(ମହେନ୍ଦ୍ର କୁମାର ସାହୁ):**
ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ ପସରା ଛକ ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଫାଣ୍ଡି ପୋଲିସ ବୁଧବାର ଜବତ କରିବା ସହ ଚାଳକ ଅଙ୍କିତ କେରକେଟା(୨୪)ଙ୍କୁ ଗିରଫ କରାଯାଇଛି। ଏନେଇ ବୀରମିତ୍ରପୁର ଥାନାରେ ଏକ ମାମଲା(୫୫୬/୨୫) ରୁଜୁ ହୋଇଛି। ସେହିପରି ବୀରମିତ୍ରପୁର ଥାନା ଅନ୍ତର୍ଗତ ରାଏବୋଗା ରୋଡରେ ଗୁରୁବାର ସକାଳୁ ଅନ୍ୟ ଏକ ବାଲି ବୋଝେଇ ଡମ୍ଫରକୁ ପୋଲିସ ଜବତ କରିବା ସହ ଏକ ମାମଲା( ୫୫୭/୨୫)ରୁଜୁ କରି ଚାଳକ ସଞ୍ଜୟ ଏକ୍କା(୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ରାମ ପ୍ରସାଦ ନାଗ ସୂଚନା ଦେଇଛନ୍ତି।

## ବିକଶିତ ଭାରତ ଗଠନରେ ବାଲ୍ ବୈଜ୍ଞାନିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବଡ଼ଗାଁ,୨୧।୧୧(ଅଶୋକ ଷଡଙ୍ଗୀ)**

ସମସ୍ତ କ୍ଷେତ୍ରରେ ବିଜ୍ଞାନର ଆବଶ୍ୟକତା ରହିଛି। ଆଜିର ଛାତ୍ରୀଛାତ୍ର ଆସନ୍ତା କାଲିର ଭବିଷ୍ୟତ। ବିକଶିତ ଭାରତ ଗଠନରେ ବାଲ ବୈଜ୍ଞାନିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶୁକ୍ରବାର ବଡ଼ଗାଁ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା ମତବ୍ୟକ୍ତ କରିଛନ୍ତି। ମେଳାରେ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ମୁଖ୍ୟ ବକ୍ତା ଓ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ଭାଜପା ଯୁବ ନେତା ଅମୀର ନାଏକ, ବଡ଼ଗାଁ ରେଞ୍ଜର ପ୍ରଦୀପ କୁମାର ଭୁଟିଆ, ଉପ ବାଚସ୍ପତିଙ୍କ ବଡ଼ଗାଁ ପ୍ରତିନିଧି ବାବୁଲି କର୍ସେଲ, ଆୟୋଜକ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଲାକ୍ରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାକୁ ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ନାୟକ ଓ ଅନ୍ୱେଷା ଦାସ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତହସିଲଦାର ଝରଣା ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଅଂଶ ଗ୍ରହଣ କରିଥିଲେ। ବିଜ୍ଞାନ ମେଳାରେ ବ୍ଲକ ଅଧୀନ ବିଭିନ୍ନ ସ୍କୁଲର ସମୁଦାୟ ୨୧୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଡିମ୍ପଲ ଭିଡ୍ରୀୟା, ଶୈଳସ କୁମାର୍ ଦାସ, ସଂଗ୍ରାମ କେଶରୀ ସ୍ୱାଇଁ, ଦେଓକରଣପୁର ଉଚ୍ଚ ବିଦ୍ୟାଳୟର ଶୁଭମ କିସାନ, କେଶବ ଚନ୍ଦ୍ର ଜୟପୁରିଆ ଓ ଟିକିଲିପଡା ଉଚ୍ଚ ବିଦ୍ୟାଳୟର ତ୍ରିଶା ଦେଓଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ପାଇଥିଲା।


ମୁଖ୍ୟ ଅତିଥି ପ୍ରକଳ୍ପ ଦେଖୁଛନ୍ତି।

## କିରିପସିରା ଛକରେ ଜାମକୁ ନେଇ ରାସ୍ତାରୋକୋ

**ହେମଗିର,୨୧।୧୧(ଚୈତନ୍ୟ ପଟେଲ):**
ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ କିରିପସିରା ଛକଠାରେ କିରିପସିରା ଗ୍ରାମବାସୀୟଙ୍କ ପକ୍ଷରୁ ଶୁକ୍ରବାର ଭାରିଜାନ ଚଳାଚଳ ଯୋଗୁ ସୃଷ୍ଟି ହେଉଥିବା ଜାମକୁ ନେଇ ରାସ୍ତାରୋକୋ କରାଯାଇଛି। ପ୍ରତ୍ୟେକ ଦିନ ଗର୍ଜନବାହାଲ କିରିପସିରା ରାସ୍ତାରେ ଜାମ ଲାଗୁଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଲୋକେ ଶୁକ୍ରବାର ରାସ୍ତାରୋକୋ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି ।

## ବ୍ଲକ୍ ସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା

**ଲହୁଣୀପଡା,୨୧।୧୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣିପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଲହୁଣିପଡା ବ୍ଲକ ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ଲାକ୍ରାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ମେଳାରେ ମୁଖ୍ୟ ଅତିଥିଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥିଭାବେ ଏମ୍‌ପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓରାମ, ଲହୁଣିପଡା (କ) ଜିଲା ପରିଷଦ ସଭ୍ୟା ଜୁଲିଆନି କାଣ୍ଡିର, ଏଡିଓ ମନୋଜ ପ୍ରଧାନ, ଡେପୁଟି ଡାଇରେକ୍ଟର ସ୍ୱରୂପ ରଞ୍ଜନ ମହାପାତ୍ର ଯୋଗଦେଇ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିବା ବେଳେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବଣେଇ ଏସଡିଭିଓ ଜିତାଂଶୁ ଶେଖର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଲହୁଣିପଡା ବ୍ଲକ ଏପିଓ ବିଷ୍ଣୁ ମୋହନ ନାୟକ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଚାଷୀଙ୍କୁ ମତ୍ସ୍ୟ ଓ ପ୍ରାଣି ପାଳନ ସମ୍ପର୍କିତ ବିଭିନ୍ନ ଉପାଦେୟ ତଥ୍ୟ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ପ୍ରଦାନ କରିଥିଲେ। ଏହି ଅବସରରେ ମତ୍ସ୍ୟ ଓ ଗୋପାଳନର ସଫଳ ଚାଷୀଭାବେ ପ୍ରସନ୍ନ କୁମାର ମାହାନ୍ତ, ମନ୍ମଥ ଦେହୁରୀ, ପ୍ରଭାତି ମାହାନ୍ତ, ଦେବ କୁମାର ମାହାନ୍ତ, ଡୋଳାମଣି ମାହାନ୍ତ, ଉପେନ୍ଦ୍ର ମହାକୁଡ଼, ମଧୁସ୍ମିତା ମାହାନ୍ତ ତଥା ମଦର ଟେରେସା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଅତିଥିମାନେ ମାନପତ୍ର ଓ ସିଲ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସବ୍‌ଡେଗା ଏଏଫଓ ଅଭିଶେଖ ଟେଟେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ଥିବା ଉଦ୍ୟାନ କୃଷି, ମତ୍ସ୍ୟ, ପଶୁ ଓ ମିଶନ ଶକ୍ତି ବିଭାଗର ଷ୍ଟଲ ଗୁଡିକୁ ଅତିଥିମାନେ ପରିଦର୍ଶନ କରିଥିଲେ। ପ୍ରାଣୀଧନ ଚିକିତ୍ସକ ଡ. ଚନ୍ଦ୍ରକାନ୍ତ ଜେନା, ଡା. ଚିନ୍ମୟ ଦାସ, ଡା. ଅନିକେତ ମହାନ୍ତି, ଏଏଫଓ ମୃତ୍ୟୁଞ୍ଜୟ ଘଡ଼େଇଙ୍କ ତତ୍ତ୍ୱାବଧାନରେ ଏହି ମେଳା ଅନୁଷ୍ଠିତ ହୋଇଥିବା ବେଳେ ସିମାରେଖା ସେନାପତୀ, ମିନତୀ ସାହୁ, ଜୟନ୍ତ କୁମାର ରାୟ, ପ୍ରଭାତ କୁମାର ସାହୁ, ସଚିନ ତନ୍ତି, ଜଗନ୍ନାଥ ମାହାନ୍ତ, ଦୁଃଶାସନ ପାତ୍ର, ସୁବାଷ ଓରାମ, ଗୁରୁବାରିଆ କିଷାନ, ନାଙ୍ଗରା ଓରାମ କାର୍ଯ୍ୟକ୍ରମରେ ସହୋଯୋଗ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ବିଭିନ୍ନ ପଞ୍ଚାୟତର ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

## ହେମଗିର ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ ଦାବି

**ହେମଗିର,୨୧।୧୧(ଚୈତନ୍ୟ ପଟେଲ):**
ସୁନ୍ଦରଗଡ଼ ଜିଲା ହେମଗିର ବସଷ୍ଟାଣ୍ଡ ଠାରେ ଶୌଚାଳୟ ନିର୍ମାଣ ପାଇଁ ହେମଗିର ବିଡ଼ିଓଙ୍କୁ ଶୁକ୍ରବାର ଅଞ୍ଚଳବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ହେମଗିର ଫରେଷ୍ଟ ଅଫିସକୁ ଲାଗି ରହିଥିବା ବସଷ୍ଟାଣ୍ଡରେ ଶୌଚାଳୟ ନ ଥିବାରୁ ମହିଳା ଓ ପୁରୁଷ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏନେଇ ଶୁକ୍ରବାର ବିଡ଼ିଓ ରିନା ନାଏକଙ୍କୁ ଲିଖିତ ଆକାରରେ ଶୌଚାଳୟ ନିର୍ମାଣ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଦନାର କଛରିଆ, ସଞ୍ଜୟ କୁମାର ରାଏ, ଫୁଲସାଏ ଖର୍ସେଲ, ସଞ୍ଜୟ ଜାମଡୁଲିଆ, ମହେନ୍ଦ୍ର କେଛୁଆର, ନିତ୍ୟାନନ୍ଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**କୁତ୍ରା,୨୧।୧୧(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଖତକୁରବାହାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୁତ୍ରା ବ୍ଲକର ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ନିଜ ମାନସିକ କୌଶଳ ଓ ବୈଜ୍ଞାନିକ ଚିନ୍ତନକୁ ପ୍ରଦର୍ଶିତ କରିଥିଲେ। ଏଥିରେ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକଡା, ପୂର୍ବତନ ପ୍ରଶାସନିକ ଅଧିକାରୀ ରଏନୁ ସିଂ, ଖତକୁରବାହାଲ ସରପଞ୍ଚ ଝାଡି ଧନୁଆର, ସମିତି ସଭ୍ୟା ପୁଷ୍ପା ତିର୍କୀ, ଜେଏସଡବ୍ଲୁ ଶିବା ସିମେଣ୍ଟ ସିଏସଆର୍ ମୁଖ୍ୟ ସଂଗ୍ରାମ ରାଉତ, ମ୍ୟାନେଜର ଅଲେଖ ଦଳେଇ, ମାଇନ୍ସ ମୁଖ୍ୟ ମନୋଜ ବରମା, ବିଦ୍ୟାଳୟ ପରିଚାଳନା ସଭାପତି ଏମଡି ସୟଦ ଇକବାଲ ହୁସେନ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ତଥା ଆୟୋଜକ ସମ୍ପାଦକ ହେମନ୍ତ କୁମାର ଦେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାକାର୍ଯ୍ୟକୁ ବରିଷ୍ଠ ଶିକ୍ଷକ ଡ. ବିଭୀଷଣ ବାରିକ ପରିଚାଳନା କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜେଏସଡବ୍ଲୁ ଶିବା ସିମେଣ୍ଟ କାରଖାନା ମୁଖ୍ୟ ଅନିଲ ମିଶ୍ର ଯୋଗଦେଥିଲେ। ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷକ ନଳିନିକାନ୍ତ ଶାସନୀ, ଲୋକନାଥ ପ୍ରଧାନ, ନିତ୍ୟାନନ୍ଦ ବେହେରା, ଅମରେଶ ସାହୁ, ବ୍ରିଧିଚନ୍ଦ୍ର ବିଲୁଙ୍ଗ, ଜିମୁତା କେଶରୀ ଦାସ, ବିରଞ୍ଚି ନାରାୟଣ ସାହୁ, ଜେଏସଡବ୍ଲୁ ସିଏସଆର୍ ମ୍ୟାନେଜର ଅଲେଖ ଦଳେଇ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ୩ ଦିନିଆ ନକ୍ ଆଉଟ୍ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ଲହୁଣିପଡ଼ା,୨୧।୧୧(ଦାଶରଥି ପଣ୍ଡା)**


ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ବ୍ଲକ ବଡ଼ ପୁରୁଣାପଣି ପଞ୍ଚାୟତ କପଣ୍ଡ ଗ୍ରାମସ୍ଥିତ କପଣ୍ଡ ଫୁଟବଲ ଖେଳ ପଡ଼ିଆଠାରେ ଶୁକ୍ରବାର କପଣ୍ଡ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ତିନିଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲହୁଣିପଡା ଥାନା ଅଧିକାରୀ ସୁରଜ କୁମାର ଝାଙ୍କର, ସମ୍ମାନିତ ଅତିଥିଭାବେ ବଡ଼ ପୁରୁଣାପଣି ପଞ୍ଚାୟତ ସରପଞ୍ଚ ଟାଙ୍ଗ ଓରାମ, ରାଜାମୁଣ୍ଡା ପଞ୍ଚାୟତ ସରପଞ୍ଚ ମାଳତୀ କିଷାନ, ରାଜାମୁଣ୍ଡା ସମିତି ସଭ୍ୟ ଅଶୋକ ବେହେରା,ବଡ ପୁରୁଣାପଣି ସମିତି ସଭ୍ୟ ସୁଶାନ୍ତ ମୁଣ୍ଡାରୀ, ଗେଟ ଚରଣ ଦାସ, ଯୁଧିଷ୍ଠିର ତ୍ରିପାଠୀ, ବାଲୀ କିଷାନ ଯୋଗଦେଇଥିଲେ। କପଣ୍ଡ ସ୍ପୋର୍ଟସ ଆସୋସିଏଶନର ସଭାପତି ବିକ୍ରମ ପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ନିରାକାର ବଗର୍ତ୍ତି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କୁ କମିଟିର କର୍ମକର୍ତ୍ତାମାନେ ମଞ୍ଚ ଉପରକୁ ପାଛୋଟି ଆଣି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଅତିଥିମାନେ ଖେଳକୁ ଉଦ୍‌ଘାଟନ କରିଥିଲେ। ଶେଷରେ ପଙ୍କଜ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲ। ଏହି ୩ ଦିନିଆ ଫୁଟବଲ ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ ଏଆଇ କୋରାପୁଟ ଫୁଟବଲ ଦଳ ଓ ଦୁଆରଶୁଣି ଟାଟା ଦଳ ମଧ୍ୟରେ ହୋଇଥିଲା। ଦୁଆରଶୁଣି ଟାଟା ଦଳ ପ୍ରଥମ ବିଜୟ ହାସଲ କରିଥିଲା। ଚିନୁ ସିଂ, ବିର୍ଜୁ ମୁଣ୍ଡାୟ, ନିଶାନ୍ତ ଭେଙ୍ଗରା, ରାକେଶ କିଶକା, ଆକାଶ ଜାକସନ, ସଞ୍ଜୟ ସାମାଡ, ଛୋଟରାୟ ଟୁଡୁ ଖେଳ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଘନଶ୍ୟାମ ମାହାନ୍ତ ଯୋଗଦେଇ ଅତି ଉଚ୍ଚକୋଟୀର ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରଦୀପ ଦାସ, ରଇବୁ କିଷାନ, ଅନାଦି ଚରଣ ବଗର୍ତି, ଦୀପକ ଦାସ, ଉମେଶ କିଷାନ, ରାଜେଶ ଦାସ, ଗୋବିନ୍ଦ ଚନ୍ଦ୍ର ଭଞ୍ଜ, ବୁନୁ କିଷାନ, ଫକୀର ମୋହନ ସାହୁ, ମିହିର ଦାସ, ପ୍ରଦୀପ କୁମାର କିଷାନ, ବୁଧୁ କିଷାନ, ଗୋବିନ୍ଦ ଚନ୍ଦ୍ର ଭଞ୍ଜ ପ୍ରମୁଖଙ୍କ ସମେତ ସ୍ପୋର୍ଟସ ଆସୋସିଏଶନର କର୍ମକର୍ତ୍ତା ଫୁଟବଲ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

**ନିଃଶୁଳ୍କ ଚିକିତ୍ସା ଶିବିର**

ବେଲପାହାଡ଼,(ସୁବାସ ପ୍ରଧାନ): ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ବାସନ୍ତୀ ହସ୍ପିଟାଲରେ ନିଃଶୁଳ୍କ ଚିକିତ୍ସା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଲପାହାଡ଼ ତଥା ଆଖପାଖ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ମହିଳା ଏବଂ ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡା. ଦେବାଶିଷ ସାହୁ ଯୋଗଦେଇ ଚିକିତ୍ସା ସେବା ପ୍ରଦାନ କରିଥିଲେ। ଆସନ୍ତା ମାସରୁ ଗୋଟିଏ ଦିନ କ୍ରୋନିକ୍ ପେନ୍‌ରୁ ଉପଶମ ପାଇଁ ନିଶୁଳ୍କ ଚିକିତ୍ସା ସେବା ପ୍ରଦାନ କରାଯିବ ବୋଲି ବାସନ୍ତୀ ହସ୍ପିଟାଲର ନିର୍ଦ୍ଦେଶକ ଡା. ରାଜକୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ସରବାହାଲ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ

■ ଭଙ୍ଗାଗଲା ବେଆଇନ ନିର୍ମାଣ, ଉଠାଦୋକାନ

■ ମନମୋହନ ପଡ଼ିଆରୁ ବେହେରାମାଲର ପାଳି କେବେ

ଝାରସୁଗୁଡ଼ା,୨୧।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ରାସ୍ତାପାର୍ଶ୍ୱରେ ବେଆଇନ ନିର୍ମାଣ ଓ ପାର୍କିଂ ଯୋଗୁ ଏଭଳି ସମସ୍ୟା ହେଉଛି। ଫଳରେ ଜନସାଧାରଣ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ପୌର ପରିଷଦ ପକ୍ଷରୁ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରାଯାଇଛି। ସକାଳେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ପୌର ପରିଷଦର କର୍ମଚାରୀ ଟାଉନ୍ ଥାନା ପୋଲିସ ସହାୟତାରେ ଜେସିବି ଲଗାଇ ସରବାହାଲ ଗୋକୁଳ ମିଠା ଦୋକାନଠାରୁ ସରବାହାଲ ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଉଠାଦୋକାନ ଏବଂ ବେଆଇନ ନିର୍ମାଣ ଭଙ୍ଗାଯାଇଥିଲା। ହେଲେ ଏହି ସମୟରେ ବ୍ୟବସାୟୀ କିମ୍ବା ଜନସାଧାରଣଙ୍କ ପକ୍ଷରୁ କୌଣସି ବିରୋଧ ପ୍ରଦର୍ଶନ କରାଯାଇ ନ ଥିଲା। ତେବେ ଝାରସୁଗୁଡ଼ା ସହରର ମୁଖ୍ୟ ବ୍ୟବସାୟିକ କେନ୍ଦ୍ର ମନମୋହନ ପଡିଆ ଅଞ୍ଚଳରୁ ବେହେରାମାଲ ପର୍ଯ୍ୟନ୍ତ ଥିବା ବେଆଇନ ନିର୍ମାଣକୁ ପୌର ପରିଷଦ ପକ୍ଷରୁ କେବେ ଭଙ୍ଗାଯିବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସରବାହାଲ ଅଞ୍ଚଳର ସଙ୍କୀର୍ତ୍ତନ ପ୍ରଧାନ, ତ୍ରିନାଥ ତିୱାରୀ, ଉମେଶ ନାଇକ କହିଛନ୍ତି, ମନମୋହନ ପଡିଆଠାରୁ ବେହେରାମାଲ ଛକ ପର୍ଯ୍ୟନ୍ତ ରାସ୍ତା ହେଉଛି ଝାରସୁଗୁଡ଼ା ସହରର ସବୁଠୁ ଗହଳି ଓ ଟ୍ରାଫିକ ସମସ୍ୟା ରହୁଥିବା ଅଞ୍ଚଳ। ମନମୋହନ ପଡିଆଠାରୁ ବେହେରାମାଲ ଅଞ୍ଚଳ ରାସ୍ତାପାର୍ଶ୍ୱରେ ଅନେକ ହୋଲ୍‌ସେଲ୍ ଦୋକାନ ରହିଛି। ତେଣୁ ବିଭିନ୍ନ ସାମଗ୍ରୀ ଖାଲି କରିବା ପାଇଁ ଆସୁଥିବା ଭାରିଯାନ ଦୀର୍ଘସମୟ ଧରି ରାସ୍ତାପାର୍ଶ୍ୱରେ ଅଟକି ରହୁଛି। ଏପରି କି ବ୍ୟବସାୟୀ ମଧ୍ୟ ନିଜ ଗାଡ଼ିକୁ ରାସ୍ତାପାର୍ଶ୍ୱରେ ପାର୍କିଂ କରିବାରୁ ଟ୍ରାଫିକ୍ ସମସ୍ୟା ହେଉଛି। ସରବାହାଲ ଅଞ୍ଚଳରେ ପୌର ପରିଷଦ ପକ୍ଷରୁ କରାଯାଇଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟକୁ ଆମେ ସ୍ୱାଗତ କରୁଛୁ। କିନ୍ତୁ ମୁଷ୍ଟିମେୟ ଓ କ୍ଷମତାଶାଳୀ ବ୍ୟକ୍ତିମାନେ ରହୁଥିବା ମନମୋହନ ପଡିଆଠାରୁ ବେହେରାମାଲ ପର୍ଯ୍ୟନ୍ତ ଅଞ୍ଚଳରୁ ପୌର ଅଧିକାରୀ କେବେ ବେଆଇନ ନିର୍ମାଣ ଭାଙ୍ଗିବା ସହ ଜବରଦଖଲ ଉଚ୍ଛେଦ କରିବେ, ତାହା ଦେଖିବାକୁ ଅପେକ୍ଷା କରିଛୁ। ଏନେଇ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମଲ୍ଲିକ କହିଛନ୍ତି, ଖୁବ୍‌ଶୀଘ୍ର ଝାରସୁଗୁଡ଼ା ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ସମସ୍ତ ବେଆଇନ ନିର୍ମାଣ ଭଙ୍ଗାଯିବା ସହ ଓ ଜବରଦଖଲ ଉଚ୍ଛେଦ କରାଯିବ। ଏଥିସହ ଝାରସୁଗୁଡ଼ାର ଜନସାଧାରଣଙ୍କ ଯିବାଆସିବା ପାଇଁ ସୁବ୍ୟବସ୍ଥା କରାଯିବ।



ସରବାହାଲ ଅଞ୍ଚଳରେ ବେଆଇନ ନିର୍ମାଣକୁ ଭଙ୍ଗାଯାଉଛି।

## ଗ୍ରାମ୍ୟ ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ

■ ୨ ଟ୍ରକ୍‌କୁ ପୋଲିସ ଜିମାଦେଲେ ଗ୍ରାମବାସୀ

ଲଖନପୁର,୨୧।୧୧(ଗୌତମ ସାହୁ)

ଗମନାଗମନର ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଅନେକ ସ୍ଥାନରେ ଗ୍ରାମୀଣ ରାସ୍ତାରେ ବେଆଇନ ଭାବେ ଭାରିଯାନ ଚଳାଚଳ କରିବା ଯୋଗୁ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କ୍ରମରେ ଝାରସୁଗୁଡ଼ା ଜିଲା ସୀମାନ୍ତ ରେଙ୍ଗାଲି ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର କୁହାକୁଣ୍ଡା ସାପଖଣ୍ଡ ରାସ୍ତାରେ ଭାରିଯାନ ଚଳାଚଳକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଏହି ରାସ୍ତାଟି ଜିଲା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ୩ କିଲୋମିଟର ବିଶିଷ୍ଟ ଏହି ରାସ୍ତା ଯାଇ ପଡ଼ୋଶୀ ରାଜ୍ୟର ସକରବଗାଠାରେ ମିଶିଛି। ପଡ଼ୋଶୀ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳରେ ଅନେକ ଘରୋଇ କମ୍ପାନୀ ସ୍ଥାପନ ହୋଇଥିବାବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରୁ କଞ୍ଚାମାଲ ରପ୍ତାନି ହେଉଛି। ଦୂରତା ହ୍ରାସ ସହିତ କମ୍ ସମୟରେ ପରିବହନ ଯୋଗୁ ଅସାଧୁ ଉପାୟରେ ଏହି ରାସ୍ତା ଦେଇ ଗାଡ଼ି ଚଳାଚଳ କରୁଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଦୁଇଟି ଭାରିଯାନ(ନଂ. ଏମ୍‌ଏଚ୍‌୨୬ସିଏଚ୍-୫୧୩୫, ସିଜି୦୮ଏଏକ୍ସ-୬୫୮୭)କୁ ଖାରଗାଁ ଗ୍ରାମବାସୀ ଅଟକ ରଖି ସ୍ଥାନୀୟ କନକତୋରା ବିଟ୍ ହାଉସ୍ ଅଧିକାରୀଙ୍କୁ ହସ୍ତାନ୍ତର କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏନେଇ ବିଟ୍ ହାଉସ୍ ଅଧିକାରୀ ରମେଶ ଚନ୍ଦ୍ର ଭଇସାଲ କହିଛନ୍ତି, ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି, ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



### ସଂକ୍ଷେପରେ

## ବୁର୍ଲାରେ ତହସିଲ କାର୍ଯ୍ୟାଳୟ ସ୍ଥାପନ ଦାବି

ସମ୍ବଲପୁର,୨୧।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ତହସିଲ କାର୍ଯ୍ୟାଳୟର ବିଭାଜିତ ହେବାକୁ ଯାଉଛି। ଏପରିସ୍ଥଳେ ବୁର୍ଲାରେ ତହସିଲ କାର୍ଯ୍ୟାଳୟ ସ୍ଥାପନ କରିବାକୁ ଆଇନଜୀବୀ ପ୍ରସନ୍ନ କୁମାର ସାହୁ ଦାବି କରିଛନ୍ତି। ଏ ନେଇ ସେ ଶୁକ୍ରବାର ଆର୍‌ଡିସି ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେ ଦର୍ଶାଇଛନ୍ତି, ମହାନଦୀର ଗୋଟିଏ ପାର୍ଶ୍ୱରେ ସମ୍ବଲପୁର ମୁଖ୍ୟ ସହର ସହ ପାର୍ଶ୍ୱବର୍ତ୍ତୀ ଶିଳ୍ପାଞ୍ଚଳ ଓ ଗ୍ରାମାଞ୍ଚଳ ରହିଥିବା ବେଳେ ଅନ୍ୟପାର୍ଶ୍ୱରେ ବୁର୍ଲା ଭିମସାର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ହୀରାକୁଦ ବନ୍ଧ ମୁଖ୍ୟ କାର୍ଯ୍ୟାଳୟ, ଚିପିଲିମା ନିକଟସ୍ଥ ସୈନିକ ସ୍କୁଲ, ଆଇଆଇଏମ୍, ପୋଲିସ୍ ତାଲିମ କ୍ୟାମ୍ପ, ସିଆର୍‌ପିଏଫ୍ କ୍ୟାମ୍ପ, କୃଷି ବିଦ୍ୟାଳୟ, ଘଣ୍ଟେଶ୍ୱରୀ ମନ୍ଦିର ରହିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ସରକାର ସମ୍ବଲପୁର ତହସିଲକୁ ଦୁଇ ଭାଗରେ ବିଭକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବୁର୍ଲାରେ ବ୍ୟାପକ ସରକାରୀ ଜମି ଅବ୍ୟବହୃତ ବା ବିଭିନ୍ନ ବ୍ୟକ୍ତିବିଶେଷଙ୍କ ବେଆଇନ୍ ଦଖଲରେ ରହିଛି। ବୁର୍ଲା ସହରର ଭିଆଇପି. ରାସ୍ତାକଡ଼ରେ ଥିବା ବୁର୍ଲା ଆରଆଇ କାର୍ଯ୍ୟାଳୟ ପାର୍ଶ୍ୱରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସରକାରୀ ଜମି ତହସିଲ କାର୍ଯ୍ୟାଳୟ ସ୍ଥାପନ ପାଇଁ ଉପଯୁକ୍ତ ସ୍ଥାନ। ତେଣୁ ଆଇନଶୃଙ୍ଖଳା ପରିସ୍ଥିତିରେ ସୂଚାରୁ ସମ୍ପାଦନ ପାଇଁ ବୁର୍ଲାରେ ତହସିଲ କାର୍ଯ୍ୟାଳୟ ସ୍ଥାପନ ଆବଶ୍ୟକ। ତେଣୁ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ବୁର୍ଲାରେ ଦ୍ୱିତୀୟ ତହସିଲ କାର୍ଯ୍ୟାଳୟ ସ୍ଥାପନ ପାଇଁ ସେ ଆର୍‌ଡିସି ଓ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

## ଏଲ୍‌ଆଇସି ରିଟାୟାର୍ଡ ଅଧିକାରୀ ସଂଘ ସ୍ଥାପନା ଦିବସ ପାଳିତ

ସମ୍ବଲପୁର,୨୧।୧୧(ପ୍ରମୋଦ ବହିଦାର)

ଜୀବନ ବୀମା ନିଗମ(ଏଲ୍‌ଆଇସି) ରିଟାୟାର୍ଡ ପ୍ରଥମ ଶ୍ରେଣୀ ଅଧିକାରୀ ସଂଘ ସମ୍ବଲପୁର ଶାଖାର ୧୫ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସମ୍ବାଦିକ ଭବନରେ ଶୁକ୍ରବାର ସଂଘର କାର୍ଯ୍ୟକାରୀ ସଦସ୍ୟ କଳିଙ୍ଗ ସେନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ଅତିଥିଭାବେ ସଂଘ ରାଜ୍ୟ ଉପାଧ୍ୟକ୍ଷ ରାମାନୁଜ ପଣ୍ଡା, ସମ୍ବଲପୁର ଶାଖା ସଙ୍ଗଠନ ସଚିବ ସୀତାଂଶୁ ଶେଖର ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଶିବରାମ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ବରିଷ୍ଠ ସଦସ୍ୟା ସଦସ୍ୟମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାର ଶୁଭାରମ୍ଭ କରିଥିଲେ। ସର୍ବ ପ୍ରଥମେ ୨ ମିନିଟ୍ ନିରବ ପ୍ରାର୍ଥନା କରି ଦିବଙ୍ଗତ ସଦସ୍ୟମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଧ୍ୟକ୍ଷ ରଥଙ୍କ ସ୍ୱାଗତ ଅଭିଭାଷଣ ପରେ ସଚିବ ପଟ୍ଟନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏଥିରେ ସଂଘ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହାବାଦ ସମସ୍ତ ସଦସ୍ୟ ସାମୂହିକ ଭାବେ ନିଷ୍ଠା ଓ ସଚ୍ଚୋଟତାର ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କଳା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡି. କରାଳିଙ୍କୁ ସମ୍ମାନିତ କରା ଯାଇଥିଲା। ଏଥିରେ ସମ୍ବଲପୁର, କୁଚିଣ୍ଡା, ଝାରସୁଗୁଡ଼ା, ରାଉରକେଲା, ବରଗଡ଼ ତଥା ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳରୁ ୫୦ରୁ ଅଧିକ ଅବସରପ୍ରାପ୍ତ ପ୍ରଥମ ଶ୍ରେଣୀ ଅଧିକାରୀମାନେ ଯୋଗ ଦେଇଥିଲେ। ଶେଷରେ ଡି ସି ହୋତା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଲୋକଙ୍କୁ ସଚେତନ କରିବ ସଚେତନତା ରଥ



ସଚେତନତା ରଥକୁ ଜିଲାପାଳ ଶୁଭାରମ୍ଭ କରୁଛନ୍ତି।

**ଶୂନ୍ୟ ମୃତାହତ ପକ୍ଷ ପାଳନ ଉପଲକ୍ଷେ ସଚେତନତା ରଥ ଶୁଭାରମ୍ଭ**

ଝାରସୁଗୁଡ଼ା,୨୧।୧୧(ଆଶିଷ ରଞ୍ଜନ ଦାଶ)

ସଡ଼କ ଦୁର୍ଘଟଣାଜନିତ ଶୂନ୍ୟ ମୃତାହତ ପକ୍ଷ ପାଳନ ଉପଲକ୍ଷେ ସଚେତନତା ରଥର ଶୁକ୍ରବାର ଶୁଭାରମ୍ଭ ହୋଇଛି। ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ଉପଜିଲାପାଳ ସବ୍ୟସାଚୀ ପଣ୍ଡା ଉପସ୍ଥିତ ଥିବାବେଳେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ସଚେତନତା ରଥ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ପୌରାଞ୍ଚଳ ଓ ବ୍ଲକ ଅଞ୍ଚଳରେ ବୁଲି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ। ଏହି ଅବସରରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ସଡ଼କ ସୁରକ୍ଷା ସମ୍ପର୍କିତ ସମସ୍ତ ନିୟମ ପାଳନ କରିବା ସହ ଅନ୍ୟମାନଙ୍କୁ ନିୟମ ସମ୍ପର୍କରେ ସଚେତନ କରାଇବା ପାଇଁ ଶପଥପାଠ କରିଥିଲେ। ଡିଏସ୍‌ପି ଜ୍ୟୋସ୍ନାମୟୀ ପ୍ରଧାନ, ଏମ୍‌ଭିଆଇ ତପନ କୁମାର ବିଶ୍ୱାଳ, ସହକାରୀ ଆର୍‌ଟିଓ ରଶ୍ମିରଞ୍ଜନ ଲେଙ୍କା, କନିଷ୍ଠ ଏମ୍‌ଭିଆଇ ରାଜେନ୍ଦ୍ର ମାଝୀ, ଟ୍ରାଫିକ ଇନ୍‌ସପେକ୍ଟର ଅନିନ୍ଦିତା ମହାପାତ୍ରଙ୍କ ସମେତ ପରିବହନ କାର୍ଯ୍ୟାଳୟର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରକ୍ ଧକ୍କାରେ ଶ୍ରମିକ ମୃତ

ଝାରସୁଗୁଡ଼ା,୨୧।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଟାଉନ୍ ଥାନା ଅଧୀନ ସରବାହାଲ ରାସ୍ତାରେ ଶୁକ୍ରବାର ସକାଳେ ଏକ ପାଉଁଶ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ସେ ସ୍ଥାନୀୟ ଜେଏସ୍‌ଡବ୍ଲ୍ୟୁ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସକାଳେ ସେ କମ୍ପାନୀକୁ କାମ କରିବା ପାଇଁ ଯିବାକୁ ସରବାହାଲଠାରେ କମ୍ପାନୀ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ପାଉଁଶ ବୋଝେଇ ଟ୍ରକ୍(ନଂ. ଆର୍‌ଜେ ୩୨ ଜିସି-୩୦୫୭)ଟି ଅନ୍ୟଏକ ଟ୍ରକ୍‌କୁ ଅତିକ୍ରମ କରିବାବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଉକ୍ତ ଶ୍ରମିକଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଟାଉନ୍ ଥାନା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି।

## ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ନାକଟିଦେଉଳ,୨୧।୧୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ଏହି କ୍ରୀଡ଼ା ସମାବେଶରେ ୧୫୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୨୨ଟି ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ସମ୍ମାନିତ ଅତିଥିଭାବେ ବିଡିଓ ସୁଶ୍ରୀ ଶୁଭ୍ରା ପଣ୍ଡା, ଏବିଡିଓ ବିଦ୍ୟାଧର ରାଉତରାୟ ଯୋଗ ଦେଇ ଶିକ୍ଷା ବ୍ୟବସ୍ଥାରେ କ୍ରୀଡ଼ାର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ବାଳିକା ବିଭାଗରେ ଓ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ର ମନସିତ ମୁଣ୍ଡା ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। କ୍ରୀଡ଼ା ଶିକ୍ଷକ ଧନଞ୍ଜୟ ମହାକୁଡ଼, ଜିତେନ୍ଦ୍ରିୟ ପ୍ରଧାନ, ରଞ୍ଜନ ସ୍ୱାଇଁ, ପ୍ରଦୀପ ସାହୁ ଓ ବିଭୂତି ପ୍ରଧାନ ଖେଳ ପରିଚାଳନା କରିଥିଲେ। ଅଧାପକ ଦେବେଶ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଶେଷଦେବ ବିଶ୍ୱାଳ, ହିମାଂଶୁ ବାରିକ, ଅଧାପିକା ଡ଼ ପୁଷ୍ପାଞ୍ଜଳି ରବନା, ଜୟନ୍ତୀ ପ୍ରଧାନ ଓ ଲିଜିନା ପ୍ରିୟଦର୍ଶନୀ ସହଯୋଗ କରିଥିଲେ।

# ବେଆଇନ ରାସ୍ତାଖୋଳାକୁ ବିରୋଧ

**ବିଡିଓଙ୍କ ଦ୍ୱାରସ୍ଥ ହେଲେ ସରପଞ୍ଚ**

ଝାରସୁଗୁଡ଼ା,୨୧।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ବିଜୁ ଏକ୍ସପ୍ରେସ୍ ୱେ ଠାରୁ ଶ୍ରୀପୁରା ଗ୍ରାମକୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାକୁ ବିନା ଅନୁମତିରେ ଖୋଳାଯାଉଛି। ଏହାକୁ ବିରୋଧ କରିବା ସହ ଶ୍ରୀପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେ ଶୁକ୍ରବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ, ଗତ ଦୁଇଦିନ ହେବ ଗେଲ୍ କମ୍ପାନୀ ତା'ର ଗ୍ୟାସ୍ ପାଇପ୍ ବସାଇବା ପାଇଁ ବିଜୁ ଏକ୍ସପ୍ରେସ ୱେ ଠାରୁ ଶ୍ରୀପୁରା ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱରେ ଥିବା ରାସ୍ତାକୁ ଖୋଳୁଥିଲା। ଏ ସମ୍ପର୍କରେ ଜାଣିବା ପରେ ସରପଞ୍ଚ ପାଣ୍ଡେଙ୍କ ସମେତ କେତେଜଣ ୱାର୍ଡମେମ୍ବର ପହଞ୍ଚି ରାସ୍ତା ଖୋଳିବା ପାଇଁ ଅନୁମତିପତ୍ର ଦେଖାଇବାକୁ କମ୍ପାନୀର ଅଧିକାରୀଙ୍କୁ କହିଥିଲେ। ହେଲେ ଅଧିକାରୀ ଜଣକ ତାଙ୍କ ପାଖରେ ଜାତୀୟ ରାଜପଥ ଖୋଳିବାର ଅନୁମତିପତ୍ର ଦେଖାଇଥିଲେ। ତେଣୁ ସରପଞ୍ଚ ରାସ୍ତା ଖୋଳିବା ପାଇଁ ବାରଣ କରିଥିଲେ। ହେଲେ କମ୍ପାନୀ ଅଧିକାରୀ ରାସ୍ତାଖୋଳା କାମ ବନ୍ଦ କରି ନ ଥିଲେ। ଫଳରେ ସରପଞ୍ଚ ଏବଂ ୱାର୍ଡମେମ୍ବର ଉକ୍ତ ବେଆଇନ କାର୍ଯ୍ୟ ବନ୍ଦ କରିବା ପାଇଁ ବିଡିଓଙ୍କୁ ଦାବିପତ୍ର ଦେବା ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ବିହାରୀ ଛୁରିଆଙ୍କୁ ଭେଟିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ଛୁରିଆ ମଧ୍ୟ ରାସ୍ତା ଖୋଳିବା କାର୍ଯ୍ୟ ବନ୍ଦ କରିବା ପାଇଁ ସରପଞ୍ଚଙ୍କୁ କହିଥିବା ପାଣ୍ଡେ ପ୍ରକାଶ କରିଛନ୍ତି। ଏନେଇ ଗେଲ୍ କମ୍ପାନୀର ଅଧିକାରୀ ସର୍ବେଶ ହସେନ୍‌ଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଦେବଗଡ଼,୨୧।୧୧(ଶଶାଙ୍କ ଶେଖର ଝଙ୍କର)

ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ଜିଲା ଡାକ କାର୍ଯ୍ୟାଳୟର ସହକାରୀ ପରିଚାଳକ ସୁମିତ୍ କୁମାର ମିଶ୍ର, ପଶ୍ଚିମ ସମ୍ଭାଗ ସମ୍ପାଦକ ତ୍ରିବିକ୍ରମ ଶତପଥି, ବିଦ୍ୟାଳୟ ସମ୍ପାଦକ ହୃଦାନନ୍ଦ ଖୁଣ୍ଟିଆ ଓ କୋଷାଧ୍ୟକ୍ଷ ରଞ୍ଜନ କୁମାର ପ୍ରଧାନ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅରୁଣରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଦୌଡ଼, ମ୍ୟୁଜିକ୍ ଚେୟାର, ବସ୍ତା ଡିଆଁ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଗୋଳା ଫିଙ୍ଗା ଭଳି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଖେଳ ସମୟରେ ବିଦ୍ୟାଳୟର ପୂର୍ବତନ ପରିଚାଳନା ସମିତିର ସହସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

## ସମ୍ବଲପୁରୀ ଧନୁଯାତ୍ରାର ପୁସ୍ତକ ପୂଜନ



ସମ୍ବଲପୁରୀ ଧନୁଯାତ୍ରା ପାଇଁ ପୁସ୍ତକ ପୂଜନ ଅବସରରେ ମା' ସମଲେଶ୍ୱରୀ ମନ୍ଦିରରେ ସମସ୍ତ କର୍ମକର୍ତ୍ତା ଓ କଳାକାର।

■ ଖୁବ୍‌ଶୀଘ୍ର ଘୋଷିତ ହେବ ଯାତ୍ରାର ତାରିଖ

■ ଧନୁଯାତ୍ରା ପାଇଁ ଅଭ୍ୟାସ ଅନୁକୂଳ

ସମ୍ବଲପୁର,୨୧।୧୧(ବି. ଶଙ୍କର)

ସମ୍ବଲପୁରୀ ଧନୁଯାତ୍ରା ତୃତୀୟ ବର୍ଷରେ ପଦାର୍ପଣ କରିଛି। ସମ୍ବଲପୁରୀ ଧନୁଯାତ୍ରା ପାଇଁ ଶୁକ୍ରବାର ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଅନୁଷ୍ଠାନିକ ଭାବେ ସମ୍ବଲପୁରୀ ଧନୁଯାତ୍ରାର ପୁସ୍ତକ ପୂଜନ(ବହିପୂଜା) ଅନୁଷ୍ଠିତ ହୋଇଯାଇଛି। ଏହାସହ ସାମ୍ବାଦିକ ଭବନରେ ପୂଜାର୍ଚ୍ଚନା ପୂର୍ବକ ଧନୁଯାତ୍ରା ପାଇଁ ବିଧିବଦ୍ଧ ଭାବେ ଅଭ୍ୟାସକୁ ମଧ୍ୟ ଅନୁକୂଳ କରାଯାଇଛି। ଏହି ଅବସରରେ କମିଟି ସଭାପତି ସଞ୍ଜୟ ବାବୁ, କାର୍ଯ୍ୟକାରୀ ସଭାପତି କମଲ ଲୋଚନ ପଣ୍ଡା, ଉପସଭାପତି ଶଙ୍କର ବେହେରା, ସମ୍ପାଦକ ଗୁଣ ରଞ୍ଜନ ସାଲିମା, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ, ଉପଦେଷ୍ଟା ପ୍ରଫୁଲ୍ଲ ହୋତା, ଲେଖକ ତଥା ନିର୍ଦ୍ଦେଶକ ବବଲୁ ବାଗ, କଂସ ଭୂମିକାର ଅଭିନେତା ଫଣୀନ୍ଦ୍ର ପଣ୍ଡାଙ୍କ ସମେତ ଯୋଗେଶ ନନ୍ଦ, ଲଳିତ ବେବର୍ତ୍ତା, ପ୍ରଶାନ୍ତ ମହାରଣା, ସ୍ୱାଧୀନ ପଣ୍ଡା, ପ୍ରମୁଖ କଳାକାରମାନେ ଉପସ୍ଥିତ ଥିଲେ। ବିଶେଷ କରି ସମ୍ବଲପୁରୀ ଭାଷାର ପ୍ରଚାର ପ୍ରସାରର ମୂଳ ଲକ୍ଷ୍ୟରେ ଆୟୋଜିତ ହେଉଥିବା ସମ୍ବଲପୁରୀ ଧନୁଯାତ୍ରା ଆସନ୍ତା ୨୦୨୬ ଜାନୁଆରୀରେ ଅନୁଷ୍ଠିତ ହେବ। ତେବେ ଯଥାଶୀଘ୍ର ଧନୁଯାତ୍ରା ଆୟୋଜନର ତାରିଖ ଘୋଷଣା କରାଯିବ ବୋଲି ସମ୍ପାଦକ ସାଲିମା କହିଛନ୍ତି।

# ପୁସ୍ତକ ମେଳା ଉଦ୍‌ଘାଟିତ

ବ୍ରଜରାଜନଗର,୨୧।୧୧(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ହିଲ୍‌ଟପ୍ କଲୋନିରେ ଥିବା ଡିଏଭି ପବ୍ଲିକ ସ୍କୁଲରେ ୨ ଦିନିଆ ପୁସ୍ତକ ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସମଲେଶ୍ୱରୀ ଖୋଲାମୁହଁ ଖଣିର ପ୍ରକଳ୍ପ ଅଧିକାରୀ କହ୍ନେୟା ମିଶ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ମେଳାରେ ୫ ହଜାରରୁ ଅଧିକ ପୁସ୍ତକ ରଖାଯାଇଛି। ଏଠାରେ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏନେଇ ବିଦ୍ୟାଳୟ ଅଧ୍ୟକ୍ଷ ଚିନ୍ମୟ କୁମାର ମହାପାତ୍ର କହିଛନ୍ତି, ଆଜିର ଯୁବପିଢି ଦିନକୁ ଦିନ ପୁସ୍ତକଠାରୁ ଦୂରେଇ ଯାଉଛନ୍ତି। ଶିଶୁମାନଙ୍କର ପାଠପଢା ପ୍ରତି ରୁଚି ବୃଦ୍ଧି କରିବା ଓ ପୁସ୍ତକକୁ ସର୍ବଶ୍ରେଷ୍ଠ ମିତ୍ର ଭାବେ ଗ୍ରହଣ କରିବା ପାଇଁ ପ୍ରେରଣା ଦେବା ଏହି ମେଳାର ମୁଖ୍ୟ ଲକ୍ଷ୍ୟ।



ପୁସ୍ତକ ମେଳାରେ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

# ୧୪୫ ପ୍ରକଳ୍ପ ପ୍ରଦର୍ଶିତ

**ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ**

ଲଇକେରା,୨୧।୧୧(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ପାକେଲପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ, ମୁଖ୍ୟବକ୍ତା ଜିଏମ୍ ୟୁନିଭର୍ସିଟିର ପ୍ରଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ. ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ଅନିଲ ପଟେଲ, ପ୍ରକାଶ ସାହୁ, ଜୟନାରାୟଣ ପଣ୍ଡା, ଲଇକେରା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଜନ୍ମେଜୟ ନାଏକ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିଶ ଚନ୍ଦ୍ର ନାୟକ, ଜିଲା ବିଜ୍ଞାନ ନିରୀକ୍ଷକ ନିରୋଜ ପଟେଲ, ସାମାଜିକ କର୍ମୀ ତୋମାର ଚାନ୍ଦ ପ୍ରଧାନ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଅଜିତ୍ ପଟେଲ ଯୋଗଦେଇ ସାମ୍ପ୍ରତିକ ଯୁଗରେ ବିଜ୍ଞାନର ଭୂମିକା ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ବ୍ଲକ ଅଞ୍ଚଳର ୮୩ଟି ବିଦ୍ୟାଳୟରୁ ୭ଟି ଥିମ୍‌କୁ ନେଇ ମୋଟ ୧୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୭ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନିତ ହୋଇଛି।

ସେହିପରି ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦ ଅଧ୍ୟକ୍ଷା ତୂଳାବତି ମିଞ୍ଜ, ସମ୍ମାନିତ ଅତିଥି ଭାବେ ଲଇକେରା ଜୋନ୍-୨ର ଜିଲା ପରିଷଦ ସଭ୍ୟା ଅଞ୍ଜୁଲତା ବେହେରା, ବ୍ଲକ ଅଧ୍ୟକ୍ଷ ସଞ୍ଜିତ ନାଏକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଭୂପାଳ ଚନ୍ଦ୍ର ବେହେରା, ପାକେଲପଡ଼ା ସରପଞ୍ଚ ସୁକେଶିନି ପଟେଲ, ସମିତି ସଭ୍ୟା ମୈଥିଳି ପଟେଲ, ସାମାଜିକ କର୍ମୀ ପୌଲସ୍ତି ପଟେଲ, ମଦନ ମିଞ୍ଜ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ସୁରେଶ ଚନ୍ଦ୍ର ନାଏକ ଯୋଗଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ କୁମାର ତ୍ରିପାଠୀ, ଓଏଭି ମୁଦ୍ରାଯୋରର ଶିକ୍ଷୟିତ୍ରୀ ତ୍ରିଷ୍ଣା ସୁନା, ସିଆର୍‌ସିସି ପ୍ରଦୀପ କୁମାର ନାଏକ, ଶିକ୍ଷକ କିଶୋର ଲୁହା ମଞ୍ଚ ପରିଚାଳନା କରିଥିବାବେଳେ ତାଳମୁଣ୍ଡା ସିଆର୍‌ସିସି ମନୋରଞ୍ଜନ କଣ୍ଟା ଏବଂ ଛତ୍ରଲାଲ କିଷାନ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁଲୁଙ୍କ ନେତୃତ୍ୱରେ ସମସ୍ତ ସିଆର୍‌ସିସି, ଶିକ୍ଷୟିତ୍ରୀ, ଶିକ୍ଷକ, ଆଲୁମ୍‌ନି ସଦସ୍ୟ, ପରିଚାଳନା କମିଟିର ସଭ୍ୟାସଭ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।



କାର୍ଯ୍ୟକ୍ରମରେ ଜଣେ ଛାତ୍ରୀ ପ୍ରକଳ୍ପ ବିଷୟରେ ବୁଝାଉଛନ୍ତି।

## ସଂକ୍ଷେପରେ

### ବିଜ୍ଞାନ ମେଳାରେ ୧୨୭ ପ୍ରକଳ୍ପ ପ୍ରଦର୍ଶିତ

**କଲମପୁର, ୨୧।୧୧ (ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ବ୍ଲକ୍ ବିଶ୍ୱନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୨୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଲମପୁର ବିଡିଓ ବିଜୟ କୁମାର ମାଣ୍ଡାଙ୍ଗି ଉପସ୍ଥିତ ରହି ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆର୍‌ସିସି କୁଳମଣି ମାଝୀ, ବ୍ଲକ୍ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ଦୁର୍ଗାମାଧବ ହାଇସ୍କୁଲ ପ୍ରଧାନ ଶିକ୍ଷକ ଆଶ୍ୱିନ କୁମାର ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି ମୁଖ୍ୟ ଅତିଥି, ନର୍ଲା ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କର ମୁଖ୍ୟ ବକ୍ତା ଓ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରତାପ କିଶୋର ପଣ୍ଡା, ବିଶନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ମେହେର ସମ୍ମାନିତ ଅତିଥି ଥିଲେ।

### ତଦନ୍ତ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ

**କଲମପୁର, ୨୧।୧୧ (ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ଥାନା ପୋଟେସ ଗ୍ରାମର ଏକ ଚାଷ ଜମିରୁ ଗୁରୁବାର ଅଲେଖ ନିଆଳ ନାମକ ଚାଷୀଙ୍କ ମୃତଦେହ ଜବତ ହୋଇଥିଲା। ପରିବାର ଲୋକେ ହତ୍ୟା ସନ୍ଦେହ କରି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପରେ ପରିବାର ଲୋକେ ଘଟଣାର ବିଧିବଦ୍ଧ ତଦନ୍ତ ଦାବିରେ ମୃତଦେହ ପୋଟେସ ଛକରେ ରଖି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ରାଜସ୍ୱ ନିରୀକ୍ଷକ ସୁମନ୍ତ ପାତ୍ର ପହଞ୍ଚି ମୃତକଙ୍କ ପରିବାରକୁ ରେଡ୍‌କ୍ରସ ତରଫରୁ ୨୦ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ଏବଂ ଘଟଣାର ଠିକ୍ ତଦନ୍ତ ହେବ ବୋଲି କହିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

### ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

**ନର୍ଲା, ୨୧।୧୧ (ସନ୍ତୋଷ ପାତ୍ର):** କଳାହାଣ୍ଡି ଜିଲ୍ଲା ନର୍ଲାସ୍ଥିତ ପ୍ରାଣିସମ୍ପଦ ବିଭାଗ କାର୍ଯ୍ୟାଳୟଠାରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ନର୍ଲା ବିଧାୟିକା ମନୋରମା ମହାନ୍ତି ମୁଖ୍ୟ ଅତିଥି, ଅନିରୁଦ୍ଧ ପଧାନ ବିଶିଷ୍ଟ ଅତିଥି, ପ୍ରଭାତ କୁମାର ପରିଡ଼ା ମୁଖ୍ୟବକ୍ତା ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରୋଧ ଚନ୍ଦ୍ର କର, ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଉପସ୍ଥିତ ଥିବା ସାମାଜିକ କର୍ମୀ, ବୁଦ୍ଧିଜୀବୀ, ଗୋଷ୍ଠୀ ମହିଳା ପୁରୁଷ, ଯୁବକ ଯୁବତୀ ଓ ଉଦ୍ୟୋଗୀମାନଙ୍କୁ ରାଜ୍ୟ ସରକାରଙ୍କ ଯୋଜନା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନର୍ଲା ଗ୍ରାମ ପଞ୍ଚାୟତ ସରପଞ୍ଚ ତନୁଜା ହରିପାଳ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ଭାନପୁର ସରପଞ୍ଚ ଅନ୍ତରାମ ମାଝୀ ଉପସ୍ଥିତ ଥିଲେ।

# ପଢ଼ିଆରେ ଖେଳ ପ୍ରତି ଆଗ୍ରହ କମୁଛି

**ନୂଆପଡ଼ା, ୨୧।୧୧ (ମକାରୁ ବେମାଲ)**

**ମୋବାଇଲ ଗେମ୍‌ରେ ବିତୁଛି ସମୟ**

ବର୍ତ୍ତମାନ ସମୟରେ ଅଧିକାଂଶ ପିଲା ଖେଳପଡିଆରେ ଖେଳିବାକୁ ରୁଚି ରଖୁନାହାନ୍ତି। ହାତରେ ମୋବାଇଲ ଥିବାରୁ ସେମାନେ ବିଭିନ୍ନ ପ୍ରକାର ଗେମ୍ ଖେଳି ସମୟ ବିତାଉଛନ୍ତି। ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ଯାହା ହାତରେ ଦେଖିବ ମୋବାଇଲ। ପୂର୍ବରୁ ପିଲା ସ୍କୁଲରୁ ଫେରିଲା ପରେ ବହିବସ୍ତାନୀ ଫିଙ୍ଗି ଖେଳପଡିଆ ମୁହାଁ ହେଉଥିଲେ। କୋଳାହଳରେ କମ୍ପୁଥିଲା ଖେଳ ପଡିଆ। କିଏ କ୍ରିକେଟ ତ କିଏ ବ୍ୟାଡ୍‌ମିଣ୍ଟନ ଓ ଆଉ କିଏ ଫୁଟ୍‌ବଲ ଖେଳରେ ବ୍ୟସ୍ତ ରହୁଥିଲେ । କିନ୍ତୁ ଆଜିକାଲିକା ପିଲା କେବଳ ମୋବାଇଲ ଦୁନିଆରେ ନିଜକୁ ସୀମିତ ରଖୁଥିବା ଦେଖାଯାଉଛି । ଫଳରେ ଶୂନଶାନ ହୋଇପଡିଛି ଖେଳପଡିଆ। । ଆଧୁନିକ ଯୁଗର ସ୍କୁଲ ପିଲା ବହି ଛାଡିଦେଇଥିବା ବେଳେ ଅଧିକରୁ ଅଧିକ ସମୟ ଲାପ୍‌ଟପ୍, କମ୍ପ୍ୟୁଟର ସହ ମୋବାଇଲ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ପିଲାମାନେ ଆଉ ଖେଳିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ଖୋଲାପଡିଆ ବଦଳରେ ମୋବାଇଲରେ ବିଭିନ୍ନ ଗେମ୍ ଖେଳିବାରେ ସେମାନଙ୍କ ସମୟ ଅତିବାହିତ ହେଉଥିବା ଲକ୍ଷ୍ୟ କରାଯାଉଛି। ପିଲା ବଡ ହେଲା ପରେ ସହାୟକ ପୁସ୍ତକ ପରିବର୍ତ୍ତେ ମୋବାଇଲ ବ୍ୟବହାର କରି ବିଭିନ୍ନ କାରିଗରୀ, କଳା, କୌଶଳ ଆୟତ୍ତ କରୁଛି। ପରବର୍ତ୍ତୀ ସମୟରେ ଗେମ୍‌ର ବିଭିନ୍ନ ଆପ ଡାଉନଲୋଡ କରି ସମୟ ଅତିବାହିତ କରୁଛି। ତା' ପାଖରେ ପଡିଆରେ କ୍ରିକେଟ, ଫୁଟ୍‌ବଲ ଭଳି ଖେଳ ଖେଳିବା ଲାଗି ସତେଯେମିତି ସମୟ ଅଭାବ ପଡିଯାଉଛି।

**ଏମାନେ ଯାହା କୁହନ୍ତି...**



“ବର୍ତ୍ତମାନ ଯୁଗରେ ଯୁବପିଢ଼ି ମୋବାଇଲ ଫୋନର ବହୁଳ ବ୍ୟବହାର ସାଙ୍ଗକୁ ଖେଳକୁଦରୁ ନିଜକୁ ଦୂରେଇ ରଖୁଛନ୍ତି। ଏହାଦ୍ୱାରା ଶାରୀରିକ ଓ ମାନସିକ ଠିକ୍ ଭାବରେ ବୃଦ୍ଧି ହୋଇ ପାରୁନାହିଁ। ଆଜିର ଯୁବଗୋଷ୍ଠୀ ଦିନକୁ ଦୁଇଘଣ୍ଟା ଶାରୀରିକ ବ୍ୟାୟାମ କରିବା ସହିତ ସନ୍ତୁଳିତ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ଉଚିତ।

—ସରୋଜ କୁମାର ସାହୁ, କ୍ରୀଡାବିତ୍, ନୂଆପଡା।



“ପୂର୍ବରୁ ଗ୍ରାମାଞ୍ଚଳରେ ପିଲା ସ୍କୁଲ ଯିବା ପୂର୍ବରୁ ଓ ସ୍କୁଲରୁ ଆସିଲା ପରେ କବାଡି, ଡଣାପୁଲ, ଚୋକନି ସୁର, ବଗୁଡୋରି, ମିଥୁଲ, ଗିଲିଦଣ୍ଡା ସହ କ୍ରିକେଟ, ବ୍ୟାଡ୍‌ମିଣ୍ଟନ, ଭଲିବଲ ଆଦି ଖେଳ ଖେଳୁଥିଲେ। ବର୍ତ୍ତମାନ ଏହିସବୁ ପୁରୁଣା ଖେଳ ଛାଡି ମୋବାଇଲରେ ପିଲା ବ୍ୟସ୍ତ ହେବାରୁ କମ ବୟସରେ ବିଭିନ୍ନ ପ୍ରକାର ରୋଗ ଗ୍ରାସ କରିବାରେ ଲାଗିଛି।

—ରାକେଶ ଜୈନ, ବିଶିଷ୍ଟ କବି ଓ ଲେଖକ, ଖରିଆର ରୋଡ୍।



ନୂଆପିଢିର ପିଲାଙ୍କ ଭିତରେ ଖେଳକୁଦ ପ୍ରତି ସେତେଟା ଆଗ୍ରହ ଦେଖା ଯାଉନାହିଁ। କିନ୍ତୁ ସମୟ ପାଇଲେ ମୋବାଇଲ ଫୋନରେ ମସଗୁଲ। ଖେଳ, ଆସନ, ବ୍ୟାୟାମ ମାଧ୍ୟମରେ ପିଲା ସେମାନଙ୍କ ଶରୀରକୁ ହୃଷ୍ଟପୁଷ୍ଟ କରିବା କଥା। ଶାରୀରିକ ସାମର୍ଥ୍ୟ କ୍ଷମତା ହାସଲ ନ କଲେ ବହୁତ ଶୀଘ୍ର ବିଭିନ୍ନ ରୋଗର ଶିକାର ହେବାକୁ ପଡେ।

—ପ୍ରସନ୍ନ କୁମାର ପାଢୀ, ଆଇନଜୀବୀ, ନୂଆପଡା



“ଆଜିକାଲି ପିଲାମାନେ ସେମାନଙ୍କର ସମ୍ପୂର୍ଣ୍ଣ ସମୟ ମୋବାଇଲ ଓ ଅନଲାଇନ ଗେମ୍‌ରେ ବିତାଉଛନ୍ତି। ଯାହାଫଳରେ ସେମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶ ହୋଇ ପାରୁନାହିଁ। ପିଲାମାନଙ୍କୁ ଖେଳ ପଡିଆରେ ଖେଳାଯାଉଥିବା ଖେଳ ପ୍ରତି ଆକର୍ଷିତ କରିବା ପାଇଁ ପ୍ରୟାସ କରିବାକୁ ମା'ବାପାଙ୍କୁ ଧ୍ୟାନ ଦେବାକୁ ପଡିବ।

—ସନ୍ତୋଷ ଅଗ୍ରୱାଲ, ମାରୱାଡି ଯୁବାମଞ୍ଚ ଜାଗୃତି ଶାଖା ପୂର୍ବତନ ସଭାନେତ୍ରୀ, ଖରିଆର ରୋଡ।

# ଧାନ ଅମଳ ପୂର୍ବରୁ ଦଲାଲ ସକ୍ରିୟ

**ବେହେରା, ୨୧।୧୧ (ଭୂପେଶ ତିୱାରୀ)**

**ଛତିଶଗଡ଼କୁ ଚୋରା ଚାଲାଣ**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳରେ ମଣ୍ଡି ଆରମ୍ଭ ପୂର୍ବରୁ ଛତିଶଗଡ଼କୁ ଧାନ ଚୋରାଚାଲାଣ ହେଉଥିବା ନଜରକୁ ଆସିଛି। ବର୍ତ୍ତମାନ ଧାନ ଅମଳ ପ୍ରକ୍ରିୟା ଆରମ୍ଭ ହୋଇଛି। ଜମିରେ ପ୍ରାୟ ୫୦ ପ୍ରତିଶତ ଧାନ ପାଚିସାରିଥିବା ବେଳେ ଚାଷୀମାନେ ଧାନ କାଟିବା ଆରମ୍ଭ କରିଛନ୍ତି। ତେବେ ଏହାକୁ ଆଖିଆଗରେ ରଖି ଏବେ ଅଞ୍ଚଳରେ ଦଲାଲ ସକ୍ରିୟ ହୋଇପଡ଼ିଲେଣି। ସେମାନେ ଗାଁ ଗାଁ ବୁଲି ସିଧାସଳଖ ଚାଷୀଙ୍କ ନିକଟରେ ପହଞ୍ଚି ଯାଉଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ହୋଇଥିବା ବେଳେ ଛତିଶଗଡ଼ର ଧାନ ବେପାରୀଙ୍କ ପାଇଁ କାମ କରୁଥିବା ଆଲୋଚନା ହେଉଛି। ଚାଷୀଙ୍କ କହିବାନୁସାରେ ଦଲାଲମାନେ ସେମାନଙ୍କ ପାଖରେ ପହଞ୍ଚି ଧାନ କୁଇଣ୍ଟାଲ ୧୪୦୦ରୁ ୧୮୦୦ ଟଙ୍କା ଦେବାକୁ କହୁଛନ୍ତି। ନୂଆ ସରକାର ଚାଷୀ ପ୍ରତି ଅଧିକ ଗୁରୁତ୍ୱ ଦେଉଥିବା ସତ୍ତ୍ୱେ ଛତିଶଗଡ଼ର ବେପାରୀ ଓ ଦଲାଲ କିଭଳି ଗାଁରେ ବୁଲୁଛନ୍ତି ସେ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ଏପରି କି ଅନେକ ସ୍ଥାନରେ ଧାନ ନେବାକୁ ଆସିଥିବା ଛତିଶଗଡ଼ର ଚାରିଚକିଆ ଗାଡ଼ି ବୁଲୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପ୍ରଶାସନ ବେଳ ଥାଉ ପଦକ୍ଷେପ ନ ନେଲେ ଆଗକୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି। ବିଶେଷକରି ଧର୍ମଗଡ଼ ଓ କୋକସରା ବ୍ଲକ୍‌ର ଦଣ୍ଡପାଟ ଅଞ୍ଚଳରେ ଏହି ଚୋରାଚାଲାଣ ବହୁଳ ମାତ୍ରାରେ ହୋଇଥାଏ। ତେଣୁ ଛତିଶଗଡ଼ ସୀମାନ୍ତ ଧଅଁରପୁର, ପାଇକପଡ଼ା, ବେହେରାଗୁଡ଼ା, ହାତୀପଖାନ, କଦଳୀମୁଣ୍ଡା, ସେମେଲା, ପର୍ଲା ରାସ୍ତାରେ ଚେକ୍ ଗେଟ୍ ସ୍ଥାପନକରି ପୋଲିସ ଓ ପ୍ରଶାସନିକ ଅଧିକାରୀ ନିୟୋଜିତ କରାଯିବାକୁ ଦାବି ହୋଇଛି।

# ଫଳକରେ ନାମ ନ ଥିବାରୁ ଅସନ୍ତୋଷ



ଆଦିବାସୀ କନ୍ଧ ସମାଜ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

**କେସିଙ୍ଗା, ୨୧।୧୧ (ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା କେନ୍ଦ୍ରୀୟ କେନ୍ଦୁପତ୍ର କାର୍ଯ୍ୟାଳୟ ନିକଟରେ ଆଦିବାସୀ କନ୍ଧ ସମାଜ ଭବନକୁ ଶୁକ୍ରବାର ଜିଲାପାଳ ପାୱାର ସଚିନ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହାସହ ତିନିକୋଣିଆ ଛକଠାରୁ ଆଦର୍ଶ ବିଦ୍ୟାଳୟକୁ ସଂଯୋଗ କରୁଥିବା ୪୦୦ମିଟର ପିଚୁ ରାସ୍ତା ଓ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିକଟରେ ଥିବା ଋଷି ସାହା ସଂସ୍କୃତ କେନ୍ଦ୍ରକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। କନ୍ଧ ସମାଜ ଭବନ ବ୍ଲକ୍‌ର ସିଏମ୍‌ଏସ୍‌ଏ ଓ ଆନ୍ୟନ ଫଣ୍ଡରୁ ୧୦ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ କରାଯିବ ବୋଲି ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଘୋଷଣା କରିଥିଲେ। ବିଡିଓ ଓ ଜେଇଙ୍କ ଦ୍ୱାରା କାମ ହେବାକୁ ଥିବାବେଳେ ଫଳକରେ ବ୍ଲକ୍ ଅଧ୍ୟକ୍ଷ, ବିଡିଓଙ୍କ ନାମ ଉଲ୍ଲେଖ ନାହିଁ। ସେହିପରି ଜମି ଚିହ୍ନଟ କରିଥିବା ତହସିଲଦାରଙ୍କ ନାମ ମଧ୍ୟ ଉଲ୍ଲେଖ କରାଯାଇ ନାହିଁ। ଏହାକୁ ନେଇ କେସିଙ୍ଗା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳକରେ ଜିଲାପାଳ, ପ୍ରଶାସନିକ ସେବା ଅଧିକାରୀ ଅମିମେଶ ପ୍ରଧାନ, ସିଟିଜେନ୍ ଫୋରମର ସଭାପତି ଡ. ହେମସାଗର ଶାହା, ଆଦିବାସୀ କନ୍ଧ ସମାଜର ବ୍ଲକ୍ ସଭାପତି ଶେଷଦେବ ମାଝୀ, ନଗର ସଭାପତି ସଦା ମାଝୀଙ୍କ ନାମ ଉଲ୍ଲେଖ ଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଉକ୍ତ ଅନୁଷ୍ଠାନର ସମ୍ପାଦକ ବିକ୍ରମ ମାଝୀଙ୍କୁ ପଚାରିବାରୁ ଜଣେ ବିଶିଷ୍ଟ ବ୍ୟକ୍ତି ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ନାମ ଫଳକରେ ଦେବା ପାଇଁ ମନା କରିବାରୁ ଦିଆଗଲା ନାହିଁ ବୋଲି ପ୍ରକାଶ କରିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା, ଜିଲାସ୍ତରକୁ ୧୭ ପ୍ରକଳ୍ପ ଚୟନ

**କୋକସରା, ୨୧।୧୧ (ଦୁଷ୍ମନ୍ତ କୁମାର ପାଟଯୋଷୀ)**



ପ୍ରକଳ୍ପ ବୁଲି ଦେଖୁଛନ୍ତି ଅତିଥି।

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ଜବାହର ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ସଭାପତିତ୍ୱ କରିଥିଲେ। ବିଡିଓ ଡ. ହିମାଞ୍ଚଳ ମାଝୀ ମୁଖ୍ୟ ଅତିଥି, ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି ବିଶିଷ୍ଟ ଅତିଥି, ବିଆର୍‌ସିସି ତୋଫାନ ମାଝୀ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ରୁପସିଂ ରାଉତ, କୋକସରା ଗୋଷ୍ଠୀ ବିଜ୍ଞାନ ସାଧନ କେନ୍ଦ୍ର ସମ୍ପାଦକ ଛବେନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମେଳାରେ ବାଲ୍ ବୈଜ୍ଞାନିକ ୬୪, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ୧୪ ଓ ଇକୋ କ୍ଲବ ୧୩ ମିଶାଇ ସମୁଦାୟ ୯୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥି ମଧ୍ୟରୁ ୧୭ ପ୍ରକଳ୍ପ ଜିଲା ସ୍ତରକୁ ଚୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଓ ବିଇଓ ମହେଶ କୁମାର ଭାଟି, ବଙ୍ଗୋମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ନିଝୁମରାଣୀ ପଣ୍ଡିତ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ଅଧିବେଶନରେ ଶିକ୍ଷକ ସଞ୍ଜୟ ପଣ୍ଡା, ଦ୍ୱିତୀୟ ଅଧିବେଶନରେ ଗାୟତ୍ରୀ ଷଡ଼ଙ୍ଗୀ ଓ ବିଜୟ ଲକ୍ଷ୍ମୀ ସିଂ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

# ଘରଭାଙ୍ଗି ଫସଲ ନଷ୍ଟ କଲେ ହାତୀପଲ

**ନୂଆପଡ଼ା, ୨୧।୧୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ଓ ବୋଡେନ ବ୍ଲକର ବିଭିନ୍ନ ଗାଁରେ ୩୦ ଟିକିଆ ହାତୀପଲ ଆତଙ୍କ ଦେଖାଦେଇଛି। ଶୁକ୍ରବାର ହାତୀମାନେ କୋମନା ବ୍ଲକର ଦେଓଦର୍ହା ଗାଁରେ ଅନେକ ଲୋକଙ୍କ ଧାନଫସଲ ଖାଇବା ସହ ମାଡି ନଷ୍ଟ କରିଛନ୍ତି। ସେହିପରି ବୋଡେନ ବ୍ଲକ ନାଗପଡା ପଞ୍ଚାୟତର ଖୋଳି ଭିତର, ଭୂଇପାଣି, ଝରନାମାଲ ଗାଁର ବଂଶୀଧର ଶଗରିଆ ପ୍ରମୁଖଙ୍କ ଘର ହାତୀ ଭାଙ୍ଗି ଦେଇଛନ୍ତି। ଏହାସହ ଉଣ୍ଡଳ ଶଗରିଆ, କଳାମୁ ଶଗରିଆ, ଧନିରାମ ଶଗରିଆ, ରାମକୃଷ୍ଣ ଶଗରିଆ, ଦେବାର୍ଚ୍ଚନ ଶଗରିଆ, ଜଳନ୍ଧର ଶଗରିଆ, ଗୌରାଙ୍ଗ ଶଗରିଆ, ଚଉବନ ଶଗରିଆ, ପରମାନନ୍ଦ ଶଗରିଆ, ପଦ୍ମନୀ କରୁଆଁ, ନାଥୁରାମ କରୁଆଁ, ଦୁର୍ଯ୍ୟୋଧନ କରୁଆଁ, ରାଧେଶ୍ୟାମ ନିଆଲ, ମାଘ କରୁଆଁଙ୍କ ଖଳାରେ ଥିବା ଧାନ ଖାଇବା ସହ ବିଲରେ ଥିବା ଧାନକୁ ମାଡି ନଷ୍ଟ କରି ଦେଇଛନ୍ତି। ୩୦ ଟିକିଆ ପଲରେ ୨୨ଟି ବୟସ୍କ ହାତୀ ରହିଥିବାବେଳେ ୮ ଟି ଛୁଆ ହାତୀ ଅଛନ୍ତି। ପାଖାପାଖି ଏକସପ୍ତାହ ହୋଇଯିବ ଛତିଶଗଡ ପଟୁ ହାତୀପଲ ଆସି ଏଭଳି ଉପଦ୍ରମ ଚଳାଇଛନ୍ତି। ଶୁକ୍ରବାର ଦିନତମାମ ବନ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଲୋକେ ବାଣ ଫୁଟାଇବା ପରେ ସନ୍ଧ୍ୟା ସମୟରେ ସେମାନେ ଝରନାମାଲ ଗାଁରୁ ବୋଳଦା ପଟେ ଯାଇ ବଜନ ଜଙ୍ଗଲ ଭିତରେ ରହିଥିବା ସୂଚନା ମିଳିଛି ।

# ରେଙ୍ଗାଲି, ଘଣ୍ଟୁପଡ଼ା ବିଦ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା

**କର୍ଲାମୁଣ୍ଡା, ୨୧।୧୧ (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଅନେକ ବିଦ୍ୟାଳୟରେ ସ୍ଥାୟୀ ଜମି ପଟ୍ଟା ନାହିଁ। ଶୀଘ୍ର ସ୍ଥାୟୀ ପଟ୍ଟା ପ୍ରଦାନ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ବ୍ଲକ ରାଜସ୍ୱ ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ରିଞ୍ଜା ପଞ୍ଚାୟତ ରେଙ୍ଗାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣମୀ ମାଝୀଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଏଥିରେ କର୍ଲାମୁଣ୍ଡା ରାଜସ୍ୱ ନିରୀକ୍ଷକ ଶାଶ୍ୱତ ମିଶ୍ର, ବନପାଳ ସମ୍ପଦ କୁମାର, ପିଇଓ ଜିତୁ ଜାନି, ରେଙ୍ଗାଲି ସିଆର୍‌ସିସି ଉଜ୍ଜ୍ୱଳ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କୁନ୍ତ ଭଞ୍ଜ ସୁନା, ୱାର୍ଡମେମ୍ବର ହେମନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ବିଦ୍ୟାଳୟର ୧୮ ଡେସିମିଲ ବିଶିଷ୍ଟ ଜାଗା ଗ୍ରାମ୍ୟ ଜଙ୍ଗଲରେ ରହିଥିବାରୁ ବିଦ୍ୟାଳୟ ନାମରେ ସ୍ଥାୟୀ ପଟ୍ଟା ମିଳିବା ମୁସ୍କିଲ ହେଉଥିଲା। ଗ୍ରାମସଭାରେ ଉପସ୍ଥିତ ଗ୍ରାମବାସୀ ବିଦ୍ୟାଳୟ ନାମରେ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ଅନୁମୋଦନ କରିଥିବା ଜଣାପଡ଼ିଛି। ସେହିପରି ଘଣ୍ଟୁପଡ଼ା ପ୍ରାଥମିକ ବିଦ୍ୟାଳୟଠାରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବୋରପଦର ସରପଞ୍ଚ ସୁବାସ ସାହୁ, ପିଇଓ ପରମାନନ୍ଦ ମାଝୀ, ବନପାଳ ସମ୍ପଦ କୁମାର, ରେଙ୍ଗାଲି ସିଆର୍‌ସିସି ଉଜ୍ଜ୍ୱଳ କୁମାର ସାହୁ ଉପସ୍ଥିତ ଥିଲେ। ଏହି ବିଦ୍ୟାଳୟ ୬୩ ଡେସିମିଲ ଜମି ଗ୍ରାମ୍ୟ ଜଙ୍ଗଲରେ ରହିଥିବାରୁ ସ୍ଥାୟୀ ଜମି ପଟ୍ଟା ମିଳିପାରି ନାହିଁ। ସ୍ଥାୟୀ ପଟ୍ଟା ମିଳିବା ପାଇଁ ଉପସ୍ଥିତ ଜନସାଧାରଣ ଗ୍ରାମସଭାରେ ଅନୁମୋଦନ କରିଥିବା ଜଣାପଡ଼ିଛି। ଏ ନେଇ ତହସିଲଦାର ଅରୁଣ ବର୍ଗେଙ୍କୁ ପଚାରିବାରୁ ସ୍ୱତନ୍ତ୍ର ଗ୍ରାମସଭାରେ ହୋଇଥିବା ଅନୁମୋଦନକୁ ସରକାରଙ୍କ ନିକଟକୁ ପଠାଇବୁ ବୋଲି କହିଛନ୍ତି।

# ପୋକ୍‌ସୋ ଆଇନ ସଚେତନତା କାର୍ଯ୍ୟକ୍ରମ

**ଥୁଆମୂଳ ରାମପୁର, ୨୧।୧୧ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ଆବାସିକ ବାଳକ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପୋକ୍‌ସୋ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତାଲୁକ ଆଇନସେବା ସମିତି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ ଡ. ତାରିଣୀ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ନିର୍ଯାତନା, ପୋକ୍ସୋ ଆଇନ ତଥା ଜାତୀୟ ଆଇନ ସେବା ପ୍ରାଧିକରଣର ପୀଡିତ କ୍ଷତିପୂରଣ ଯୋଜନା ସମ୍ବନ୍ଧରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଆଇନଜୀବୀ ଦେବଦତ୍ତ ଯୋଷୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଏମ୍‌ଏମ୍‌ପିଏସ୍ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ନାରାୟଣ ଅନ୍ୟତମ ଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହ ଶିକ୍ଷକ ଜୟ ଶଙ୍କର ମାହାର ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।

# ଫୁଟ୍‌ବଲ ମହାକୁମ୍ଭର ଚତୁର୍ଥ ଦିବସ

**ଖଡିଆଲ, ୨୧।୧୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଲ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆଠାରେ ଖଡିଆଲ କ୍ରିକେଟ ଓ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଚାଲିଥିବା ଫୁଟ୍‌ବଲ ମହାକୁମ୍ଭର ଶୁକ୍ରବାର ଚତୁର୍ଥ ଦିନରେ ୪ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଖଡିଆଲ ବ୍ଲକ ଡୁକୁଲା ଓ ସିନାପାଲି ବ୍ଲକ ଗଣ୍ଡାବାହାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡୁଲୁଲା ଦଳ ୪-୦ରେ ବିଜୟ ଲାଭ କରିଥିଲା। ଅତିଥି ଭାବେ ଖଡିଆଲ ଏନ୍‌ଏସିର ପୂର୍ବତନ ଚେୟାରମ୍ୟାନ ମହମ୍ମଦ ୟାସିନ ଓ ଡୁକୁଲା ଗ୍ରାମ ପଞ୍ଚାୟତର ସମିତି ମେମ୍ବର ଟଙ୍କଧର ପଟେଲ ଯୋଗଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ ସିନାପାଲି ବ୍ଲକ ଗୋର୍ଲା ଓ ବୋଡ଼େନ ବ୍ଲକ ଲିଟିସର୍ଗି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋର୍ଲା ଦଳ ପେନାଲ୍ଟି ଶୁଟରେ ୫-୧ରେ ବିଜୟୀ ହୋଇଥିଲା। ଅତିଥି ଭାବେ ପୂର୍ବତନ ଫୁଟ୍‌ବଲ ଖେଳାଳି ଇନାୟତ ମହମ୍ମଦ, ଲିଟିସର୍ଗି ସରପଞ୍ଚ ବିଜୟ ମହାନନ୍ଦ, ଗୋର୍ଲା ପଞ୍ଚାୟତ ସମିତି ମେମ୍ବର ଡୋଲାମଣୀ ଘିଭେଲା ଯୋଗଦେଇଥିଲେ। ତୃତୀୟ ମ୍ୟାଚ ସିନାପାଲି ବ୍ଲକ ସିଙ୍ଗଝର ଓ ଖଡିଆଲ ବ୍ଲକ ବାଦି ମଧ୍ୟରେ ହୋଇଥିବାବେଳେ ବାଦି ଦଳ ୨-୦ରେ ବିଜୟ ଲାଭ କରିଥିଲା। ଅତିଥି ଭାବେ ପୂର୍ବତନ ଫୁଟ୍‌ବଲ ଖେଳାଳି ବସନ୍ତ ଦାନି, ସିଙ୍ଗଝର ସରପଞ୍ଚ କହଲ ସିଂ ବାଗ, ବାଦି ପଞ୍ଚାୟତ ସରପଞ୍ଚ ମୀନା ଜାଲ, ବାଦି ସମିତି ମେମ୍ବର ପ୍ରେମଶିଳା ସୁନା ଯୋଗଦାନ କରିଥିଲେ। ଚତୁର୍ଥ ମ୍ୟାଚ ସିନାପାଲି ବ୍ଲକ ଲିଟିଗୁଡ଼ା ଓ ବୋଡ଼େନ ବ୍ଲକ ନାଗପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନାଗପଡା ଦଳ ୧-୦ରେ ବିଜୟୀ ହୋଇଛି। ଅତିଥି ଭାବେ ପୂର୍ବତନ ଫୁଟ୍‌ବଲ ଖେଳାଳି ଖ୍ରୀଷ୍ଟଦାସ ସେନାପତି, ନାଗପଡା ସରପଞ୍ଚ ଗମ୍ଭୀର ତାଣ୍ଡି, ଲିଟିଗୁଡ଼ା ସରପଞ୍ଚ ରଶ୍ମିତା ଚିନାଗୁନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।




ଅତିଥିଙ୍କ ଗହଣରେ ଖେଳାଳିମାନେ।

# ମାଛ ଉତ୍ପାଦନରେ ସ୍ୱାବଲମ୍ବୀ ହେବ କଳାହାଣ୍ଡି

**ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ**

**ଭବାନୀପାଟଣା, ୨୧।୧୧ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ନିକଟସ୍ଥ ଏସ୍.ଏନ୍. କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ ବେହେରା, ଜିଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡ. ବିଜୟ କୁମାର ସେନାପତି, ମୃତ୍ତିକା ସଂରକ୍ଷଣ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାକର ନାୟକ, ଜିଲା ପ୍ରକଳ୍ପ ପରିଚାଳକ (ରିଲାଏନ୍ସ ଫାଉଣ୍ଡେଶନ) ଦେବେନ୍ଦ୍ର ପଟେଲ, ଷ୍ଟେଟ ଥିମାଟିକ ଲିଡ ସୁଶୀଲ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଫଳ ମତ୍ସ୍ୟଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ମତ୍ସ୍ୟ ବିକାଶ କାର୍ଯ୍ୟଧାରା ଉପରେ ଜିଲା ମତ୍ସ୍ୟ ଅଧିକାରୀ ନିଜର ଅଭିଭାଷଣ ରଖିଥିଲେ। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବିଭାଗୀୟ ପଦାଧିକାରୀ ସୂଚନା ଦେଇଥିଲେ। ମତ୍ସ୍ୟ ସମ୍ପଦର ସୁରକ୍ଷା, ଜଳ ସମ୍ପଦର ଦାୟିତ୍ୱପୂର୍ଣ୍ଣ ପରିଚାଳନା, ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ସହ ତୃଣମୂଳ ସ୍ତରରେ ଗ୍ରାମୀଣ ଅର୍ଥ ନୀତିର ବିକାଶ ପାଇଁ ପ୍ରାଣୀ ପାଳନ, କୁକୁଡ଼ା ପାଳନ ମତ୍ସ୍ୟ ଚାଷ କିପରି ସହାୟକ ହେଇପାରିବ ସେ ସମ୍ପର୍କରେ ଅତିଥିମାନେ ମତ୍ସ୍ୟ ଚାଷୀଙ୍କ ଦୃଷ୍ଟି ଆକର୍ଷଣ କରଥିଲେ। କଳାହାଣ୍ଡି ଜିଲ୍ଲା ମାଛ ଉତ୍ପାଦନରେ କିପରି ସ୍ୱାବଲମ୍ବୀ ହୋଇପାରିବ ସେ ବିଷୟରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ୫୦ରୁ ଊର୍ଦ୍ଧ୍ୱ ମତ୍ସ୍ୟ ଚାଷୀ ତଥା ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ।




ଅତିଥିଙ୍କ ସହ ସଫଳ ମତ୍ସ୍ୟଚାଷୀ।

# ମତ୍ସ୍ୟଚାଷ ପାଇଁ ବଡ଼ ସୁଯୋଗ ରହିଛି

## ସୁବର୍ଣ୍ଣପୁରରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

ସୋନପୁର,୨୧।୧୧(ମୃତ୍ୟୁଞ୍ଜୟ ଶତପଥୀ)

ମତ୍ସ୍ୟ ସମ୍ପଦ ଦୃଷ୍ଟିରୁ ଓଡ଼ିଶାରେ ସୁବର୍ଣ୍ଣପୁର ଏକ ଉନ୍ନତ ଜିଲା। ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବାରୁ ମଧୁର ଜଳରେ ମତ୍ସ୍ୟ ଚାଷ ପାଇଁ ଏଠାରେ ବଡ ସୁଯୋଗ ରହିଛି। ସୋନପୁର ସରକାରୀ ମାଛ ଜାଆଁଳ କେନ୍ଦ୍ର ପରିସରରେ ଶୁକ୍ରବାର ଆୟୋଜିତ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଅତିଥି ଓ ମତ୍ସ୍ୟଚାଷୀମାନେ ଏହି ମତପ୍ରକାଶ କରିଛନ୍ତି। ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାରେ ଭଗବାନଙ୍କ ବରଦାନଭାବେ ମହାନଦୀ, ତେଲନଦୀ, ଅଙ୍ଗନଦୀ, ସୁକତେଲ ନଦୀ, ନିବୃତ୍ତି ଯୋର, ହରିହରଯୋର ଡ୍ୟାମ ଓ ଶତାଧିକ ପଞ୍ଚାୟତ ପୋଖରୀ ଅଛି। ବିସ୍ତୀର୍ଣ୍ଣ ଜଳାଶୟରେ ମତ୍ସ୍ୟସମ୍ପଦ ଅଭିବୃଦ୍ଧିର ପର୍ଯ୍ୟାପ୍ତ ସୁଯୋଗ ରହିଛି। ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରିଲେ ଏହି ଜିଲା ମତ୍ସ୍ୟ ଉତ୍ପାଦନରେ ରାଜ୍ୟର ଅଗ୍ରଣୀ ଜିଲା ହୋଇପାରିବ ବୋଲି କହିଥିଲେ।

ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ତ୍ରିନାଥ ଖଣ୍ଡାୟତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ମହାନଦୀ ଓ ଅନ୍ୟ ନଦୀମାନଙ୍କରେ ପାରମ୍ପରିକ ଶୈଳୀରେ ମାଛ ଧରି ମତ୍ସ୍ୟଜୀବୀମାନେ ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ପୂର୍ବରୁ ଏହି ମାଛ ଜିଲା ସମେତ ରାଜ୍ୟ ବାହାରକୁ ରପ୍ତାନି ହେଉଥିଲା। ତେବେ ନଦୀରେ ମାଛ ବଂଶ ହ୍ରାସ ପାଉଥିବାରୁ କେନ୍ଦ୍ର ସରକାରଙ୍କ ସହାୟତାରେ ଗତ କିଛି ବର୍ଷ ଧରି ନଦୀ ଗର୍ଭରେ ମାଛ ଜାଆଁଳ ଛଡାଯାଉଛି। ଏହାଦ୍ୱାରା ପୁଣି ମାଛ ବଂଶ ବୃଦ୍ଧି ପାଇଥିବା ଡ. ଖଣ୍ଡାୟତରାୟ କହିଥିଲେ। ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଦେବରାଜ ଦାସ ଯୋଗଦେଇ ମତ୍ସ୍ୟ ସମ୍ପଦର ଅବଦାନ ଓ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିବା ହିଁ ବିଶ୍ୱ ମତ୍ସ୍ୟ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତପ୍ରକାଶ କରିଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଶଙ୍କର୍ଷଣ ମାହାନ୍ତ ଜିଲାରେ ଜୀବନ ଜୀବିକାରେ ମତ୍ସ୍ୟକ୍ଷେତ୍ର ସମ୍ପର୍କରେ ଆଲୋଚନା କରିଥିଲେ। ସମନ୍ୱିତ କୃଷିରେ ମତ୍ସ୍ୟ, ପ୍ରାଣୀସମ୍ପଦ, କୁକୁଡା, ବତକ ଚାଷ କରିବା ନେଇ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ ଓ ମତ୍ସ୍ୟ ଉଦ୍ୟୋଗୀଙ୍କୁ ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ଶୁଭେଚ୍ଛା ଜଣାଇବା ସହ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଜିଲା ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ ସଭାରେ ଅଧ୍ୟକ୍ଷତା କରି ଜିଲାର ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀଙ୍କ ଅବଦାନ ରହିଛି। ସେମାନଙ୍କ ଅବଦାନକୁ ସ୍ମରଣ କରିବା ସହ ଏହି କ୍ଷେତ୍ରକୁ ନୂତନ ଜ୍ଞାନକୌଶଳ ଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା(ଏମ୍ଏମ୍କେୱାଇ), ନୂଆ ପୋଖରି ଖୋଳା ଯୋଜନା, ଗ୍ରାମପଞ୍ଚାୟତ ପୋଖରିରେ ମାଛ ଚାଷ, ଜୈବପୁଞ୍ଜ ପଦ୍ଧତିରେ ସଘନ ମାଛ ଓ ଚିଙ୍ଗୁଡି ଚାଷ, ପ୍ରମୁଖ ସରକାରୀ ଯୋଜନା, ମତ୍ସ୍ୟ ଚାଷର ସୁପରିଚାଳନା ଏବଂ ଜାଆଁଳ ଉତ୍ପାଦନ ଉପରେ ଜିଲା ମତ୍ସ୍ୟ ଅଧିକାରୀ ଆଲୋକପାତ କରିଥିଲେ। ସୋନପୁର ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ଚିତ୍ତରଞ୍ଜନ ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିନିକା ସହକାରୀ ସଙ୍ଗୀତା କିଷାନ, ଡୁଙ୍ଗୁରିପାଲି ସହକାରୀ ମତ୍ସ୍ୟ ଅଧିକାରୀ ଗୋଲାପି ବାଡା ଓ ଉଲୁଣ୍ଡା ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରବଣ କୁମାର କହଁର ସରକାରଙ୍କ ବିଭିନ୍ନ ଯୋଜନାରେ ସହାୟତା, ମତ୍ସ୍ୟ ଚାଷ ଓ ଜାଆଁଳ ଉତ୍ପାଦନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୨୦୨୫-୨୬ ବର୍ଷ ପାଇଁ ମତ୍ସ୍ୟ ପୋଖରୀ ଯୋଜନାରେ ପୋଖରୀ ଖନନ ଓ ମାଛ ଜାଆଁଳ ଉତ୍ପାଦନ ପାଇଁ ଶ୍ରେଷ୍ଠ ମତ୍ସ୍ୟ ଚାଷୀ ଭାବେ ଲଛିପୁର ର ନୀଳାଞ୍ଚଳ ମେହେର ଓ ଜୈବପୁଞ୍ଜ(ବାୟୋଫ୍ଲକ) ପଦ୍ଧତିରେ ମାଛ ଚାଷ କରୁଥିବା ବିନିକା ବ୍ଲକ ସିନ୍ଦୁରପୁର ଗ୍ରାମର ସନ୍ତୋଷ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମିତ ଲାକ୍ରା, କ୍ରିଷ୍ଟା ସୋରେନ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଡିପିଏମ୍ ଅଙ୍କିତ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।



ଲଛିପୁର ଗ୍ରାମର ମତ୍ସ୍ୟଚାଷୀ ନୀଳାଞ୍ଚଳ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା


କ୍ରୀଡା ମହୋତ୍ସବ ଉପଲକ୍ଷେ ଅନୁଷ୍ଠିତ ସଭାରେ ଅତିଥିମାନେ।

ବିନିକା,୨୧।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ବିନିକା ଗଡ଼ଭିତରସ୍ଥିତ ବିଶେଶ୍ୱର ବାବାଙ୍କ ମନ୍ଦିରରେ ଅଧକ୍ଷା ଡ଼ ରେଖା ପଧାନଙ୍କ ନେତୃତ୍ୱରେ ଖେଳ ଅଧାପକ ନାରାୟଣ ଚୌଧୁରୀ ଓ ଅଧାପକ, ଛାତ୍ରୀଛାତ୍ର ମଶାଲ ଶୋଭାଯାତ୍ରାରେ ସହର ପରିକ୍ରମା କରି ସିଦ୍ଧାର୍ଥ ମହାବିଦ୍ୟାଳୟ ଖେଳ ପଡିଆରେ ପହଞ୍ଚିଥିଲେ। ୧୪ଟି ବିଭାଗରେ ଖେଳ ହୋଇଥିଲା। ଅପରାହ୍ନରେ ଅଧକ୍ଷା ଡ଼ ପଧାନଙ୍କ ଅଧକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଆଇଆଇସି ସତ୍ୟନାରାୟଣ ପଧାନ, ସମ୍ମାନୀତ ଅତିଥି ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଡ଼ ଧୀରେନ୍ଦ୍ର କୁମାର ନାୟକ ଯୋଗଦେଇ ଜୀବନରେ ଖେଳର ଆବଶ୍ୟକତା ବିଷୟରେ କହିଥିଲେ। ଖେଳକୁ ସିନ୍ଦୁରପୁର ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ନରସିଂହ ସେଠୀ, ସ୍ନାତକ ମହାବିଦ୍ୟାଳୟ ଖେଳ ଅଧାପକ ମନୋଜ ସାହୁ ପରିଚାଳନା କରିଥିଲେ। ଛାତ୍ରମାନଙ୍କ ମଧ୍ୟରେ ରୁପେଶ ଧରାଇ, ଛାତ୍ରୀଙ୍କ ମଧ୍ୟରେ ଲିପିରାଣୀ ଭୋଇ ଚାମ୍ପିୟନ ହୋଇଥିଲେ।

# ସପ୍ତାହକରେ କିଡ୍‌ନୀ ରୋଗରେ ଗଲାଣି ୪ ଜୀବନ

ଅମରପାଲି,୨୧।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଅଞ୍ଚଳରେ ସପ୍ତାହକ ମଧ୍ୟରେ ୪ ଜୀବନ ନେଲାଣି କିଡ୍‌ନୀ ରୋଗ। ହେଲେ ଏନେଇ ପ୍ରଶାସନ ପାଖରେ କିନ୍ତୁ କୌଣସି ଖବର ନାହିଁ। ବହଳପଦର ପଞ୍ଚାୟତରେ ୨ଜଣ, ଦୁର୍ଜନତୈଲା ପଞ୍ଚାୟତରେ ଜଣେ ଓ କୋଟସମଲାଇ ପଞ୍ଚାୟତରେ ଜଣେ ଲେଖାଏ କିଡନୀ ରୋଗରେ ଆଖି ବୁଜିଲେଣି।

ଗତ ଶନିବାର ବହଳପଦର ପଞ୍ଚାୟତ ବଡ଼ମାଳ ଗ୍ରାମର ଯୁବଚାଷୀ ଅଶ୍ୱିନୀ ପ୍ରଧାନ(୩୮)ଙ୍କ କିଡ଼ନୀ ରୋଗରେ ମୃତ୍ୟୁ ଘଟିଥିଲା। ଚାଷ କରି ସେ ପରିବାର ଚଳାଉ ଥିଲେ। ସେହିପରି ରବିବାର ବହଳପଦର ପଞ୍ଚାୟତ କୁହିଦାଦର ଗ୍ରାମର ପ୍ରେମଭକ୍ତି ଭୋଇ(୩୬) ଏହି ରୋଗରେ ଆଖି ବୁଜିଥିଲେ। ସେ ଦୁଇ ବର୍ଷ ହେଲା କିଡନୀ ରୋଗରେ ଆକ୍ରାନ୍ତ ହୋଇ ସମ୍ବଲପୁର, ବୁର୍ଲା, କଟକ, ଭୁବନେଶର ଓ ବିଶାଖାପାଟଣାରେ ଚିକିତ୍ସିତ ହେଉଥିଲେ। ନାମ ମାତ୍ର ଚାଷୀ ପ୍ରେମଭକ୍ତିଙ୍କ ମୃତ୍ୟୁରେ ତାଙ୍କ ସ୍ତ୍ରୀ ଓ ମା' ଏବେ ଅସହାୟ ହୋଇ ପଡିଛନ୍ତି। ଦୁର୍ଜନତୈଲା ପଞ୍ଚାୟତ ମାଳିଦାଦର ଗ୍ରାମର ଯୋଗିନ୍ଦ୍ର ଜଗଦଲା (୫୫)ଙ୍କ ଗତ ଗୁରୁବାର ରାତିରେ କିଡନୀ ରୋଗରେ ମୃତ୍ୟୁ ଘଟିଛି। ସେ ପ୍ରାୟ ୨ ବର୍ଷ ହେଲା କିଡ୍‌ନୀରେ ଆକ୍ରାନ୍ତ ଥିଲେ। ଡାକ୍ତର ତାଙ୍କୁ ଡାଇଲିସିସ କରିବାକୁ କହିଥିଲେ ମଧ୍ୟ ଟଙ୍କା ଅଭାବ ଯୋଗୁ ସେ ଅଧିକ ଚିକିତ୍ସା ହୋଇ ପାରି ନ ଥିଲେ। ତାଙ୍କ ପୁଅ ଦୁଇ ପୁଅ ଦାଦନ ଯାଇ ସେହି ଟଙ୍କାରେ ବାପାଙ୍କ ଚିକିତ୍ସା କରାଉଥିଲେ। ସେହିପରି କୋଟସମଲାଇ ପଞ୍ଚାୟତର ସର୍ବାଧିକ କିଡନୀ ପ୍ରଭାବିତ ସୁନାପାଲି ଗ୍ରାମରେ ଭରତ ଭୋଇ (୩୧)ଙ୍କ ଗତ ଗୁରୁବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଭରତ ପ୍ରାୟ ୬ ମାସ ହେଲା କିଡନୀ ଆକ୍ରାନ୍ତ ଥିଲେ। ସେ ଦିନ ମଜୁରି କରି ପରିବାର ଚଳାଉ ଥିଲେ। ୫ ମାସ ପୂର୍ବରୁ ତାଙ୍କ ମା' ଜାହ୍ନବୀଙ୍କ କିଡନୀ ରୋଗରେ ମୃତ୍ୟୁ ହୋଇଥିବା ବେଳେ ବର୍ଷେ ମଧ୍ୟରେ ତାଙ୍କ କାକା ବିରଞ୍ଚି ଭୋଇ ଓ ବଡ଼ଭାଇ ଲୋକନାଥ ଭୋଇଙ୍କ ମଧ କିଡନୀ ରୋଗରେ ମୃତ୍ୟୁ ଘଟିଛି। ତେବେ ଅଞ୍ଚଳରେ କିଡନୀ ରୋଗରେ ଲୋକଙ୍କ ମୃତ୍ୟୁ ଘଟୁଥିଲେ ମଧ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସ୍ୱେଚ୍ଛାସେବୀ ଆଇନଜୀବୀ ଆଶ୍ରୟ ମହାନନ୍ଦ ଅଭିଯୋଗ କରିଛନ୍ତି। ସପ୍ତାହେ ମଧ୍ୟରେ ୪ ଜଣଙ୍କ ଜୀବନ କିଡନୀ ରୋଗରେ ଯାଇଥିଲେ ମଧ ତାଙ୍କ ପାଖରେ ଏନେଇ କୌଣସି ସୂଚନା ନ ଥିବା ପ୍ରକାଶ କରିଛନ୍ତି ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼. ଉଷାରାଣୀ ଦାସ। ତେବେ ଏନେଇ ତଦନ୍ତ କରି ଯାହା କିଛି ହୋଇପାରିବ କରାଯିବ ବୋଲି କହିଛନ୍ତି। କିଡନୀ ରୋଗରେ ମୃତକଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

- ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ନାହିଁ
- ମୃତକଙ୍କୁ ସରକାରୀ ସହାୟତା ଦାବି


ଭରତ ଭୋଇ


ଯୋଗିନ୍ଦ୍ର ଜଗଦଲା


ପ୍ରେମଭକ୍ତି ଭୋଇ


ଅଶ୍ୱିନୀ ପ୍ରଧାନ

# ବିନିକାରେ ମହିଳା ସ୍ୱାସ୍ଥ୍ୟ ଶିବିର

ବିନିକା,୨୧।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ନୂଆବଜାର ଅଭିଜିତ ପୂଜାହାରୀ ସ୍ମୃତି କମିଟି ଆନୁକୂଲ୍ୟରେ ଶୁକ୍ରବାର ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଭିମସାର ପ୍ରସୂତି ଓ ସ୍ତ୍ରୀ ବିଭାଗ ପ୍ରଫେସର ବେଣୁଧର ପାଣ୍ଡେ ଏଥିରେ ଯୋଗଦେଇ ୧୦୧ ମହିଳାଙ୍କୁ ଚିକିତ୍ସା ସେବା ଯୋଗାଇଦେଇଥିଲେ। ଚିକିତ୍ସା ଆରମ୍ଭରୁ ଯୁବ ଅଭିନେତା, କଳାକାର, ସଙ୍ଗୀତଜ୍ଞ ତଥା ବିନିକା ମାଟିର ସୁଯୋଗ୍ୟ ସନ୍ତାନ ସ୍ୱର୍ଗତ ଅଭିଜିତ ପୂଜାହାରୀଙ୍କ ଫଟୋଚିତ୍ରରେ ପ୍ରଫେସର ପାଣ୍ଡେ ଓ ମହିଳାମାନେ ପୁଷ୍ପ ଅର୍ପଣ କରିଥିଲେ। ଦୀର୍ଘ ୧୫ ବର୍ଷ ହେବ ପ୍ରତ୍ୟକ ମାସ ଚତୁର୍ଥ ଶନିବାର ଆସି ପ୍ରଫେସର ଡ଼ ପାଣ୍ଡେ ଏହି ନିଃଶୁଳ୍କ ସେବା ଜାରି ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ଏଲଟି ଅନନ୍ତରାମ ଷାଣ୍ଢ, ବିନିକା ଓକିଲ ସଂଘ ସମ୍ପାଦକ ବୃନ୍ଦାବନ ମିଶ୍ର, ଆଇନଜୀବ ବୀରେନ୍ଦ୍ର ପୋଢ, ଉପଦେଷ୍ଟା କମିଟିର ଗଜେନ୍ଦ୍ର ମିଶ୍ର, ଅଶୋକ ପାଣ୍ଡେ, କୈଳାସ ଗଣ୍ଡ, ସରୋଜ ମିଶ୍ର, ଶେଷଦେବ ମଣ୍ଡଳ, ପୀତାମ୍ବର କର୍ଣ୍ଣ, ଦୁତ ହରିପାଲ, ସ୍ମୃତି କମିଟି ସଭାପତି ଅର୍ଚ୍ଚନା ପୂଜାହାରୀ, କାର୍ଯ୍ୟକାରୀ ସଭାପତି ବାଳଗୋପାଳ ପଣ୍ଡା, ସମ୍ପାଦକ ପ୍ରିୟରଞ୍ଜନ ହୋତା, ଉପସଭାପତି ସୁବ୍ରତ ପତି, ନିଳମଣୀ ସାହୁ, ଅଭିଜିତ ପୂଜାହାରୀ ସାହିତ୍ୟ ସଂସଦ ସଭାପତି ଗୀତାଞ୍ଜଳି ପୂଜାହାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଧିମା କାମକୁ ନେଇ ଠିକାସଂସ୍ଥାକୁ ତାଗିଦ୍


ସଚିବ ସୋନପୁର ବ୍ଲକର ନନ୍ଦନମାଲଠାରେ ପ୍ରକଳ୍ପ କାର୍ଯ୍ୟ ଅନୁଧାନ କରୁଛନ୍ତି।

## ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ସଚିବଙ୍କ ସୁବର୍ଣ୍ଣପୁର ଗସ୍ତ

ସୋନପୁର,୨୧।୧୧(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗର କମିଶନର ତଥା ସଚିବ ଏସ. ଏନ ଗିରିଶ ଗୁରୁବାର ଅପରାହ୍ନରେ ସୁବର୍ଣ୍ଣପୁର ଜିଲା ଗସ୍ତ କରି ରାତିରେ ଭୁବନେଶର ଫେରିଯାଇଛନ୍ତି। ସେ ଜିଲାରେ ନିର୍ମାଣାଧୀନ ଥିବା ବିଭିନ୍ନ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟଗୁଡିକ ପରିଦର୍ଶନ କରି ସ୍ଥିତି ଅନୁଧାନ କରିଥିଲେ। ସଚିବ ସୋନପୁର ବ୍ଲକ କଳାପଥର ଗ୍ରାମ ପଞ୍ଚାୟତର ନନ୍ଦନମାଲଠାରେ ନିର୍ମାଣାଧୀନ ଜଳ ବିଶୋଧନା କେନ୍ଦ୍ର(ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ) ପରିଦର୍ଶନ କରିଥିଲେ। ଲବୋରେଟରୀକୁ ଯାଇ କାମର ମାନ ପରୀକ୍ଷା କରିଥିଲେ। ତେବେ ଠିକା ସଂସ୍ଥାର ଧିମା କାମକୁ ନେଇ ସଚିବ ଅସନ୍ତୋଷ ପ୍ରକାଶ କରିବା ସହ କାମ ଠିକ ଭାବେ କରିବାକୁ ତାଗିଦ କରିଥିଲେ। ପରେ ଉଲୁଣ୍ଡା ବ୍ଲକ କୋଟସମଲାଇଠାରେ ନିର୍ମାଣାଧୀନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ। ସଚିବ ଏହି ଅବସରରେ ପାତାଳୀ ଶ୍ରୀକ୍ଷେତ୍ର ମନ୍ଦିର ଓ ଗୁମ୍ଫା ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ଓ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଆଶୁତୋଷ ଭଦ୍ର, ସହକାରୀ ଯନ୍ତ୍ରୀ ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସଚିବ ଜିଲାରେ ଚାଲୁ ରହିଥିବା ମେଗା ପାଇପ ଜଳ ପ୍ରକଳ୍ପଗୁଡିକ ବିଷୟରେ ଅବଗତ ହେବା ସହ ସୋନପୁର ଓ ତରଭା ବ୍ଲକ କାର୍ଯ୍ୟର ସମୀକ୍ଷା କରିଥିଲେ। ମେଘା ଇଞ୍ଜିନିୟରିଂ ଇନଫ୍ରାଷ୍ଟ୍ରକଚର ଲିମିଟେଡ ତରଭା, ସୋନପୁର, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ କାମ ପାଇଥିଲେ ମଧ୍ୟ କାମର ଅଗ୍ରଗତି ନୈରାଶ୍ୟଜନକ ରହିଛି। ତେଣୁ ଅଧିକ ସଂଖ୍ୟକ ମାନବ ସମ୍ବଳ ବିନିଯୋଗ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମାପନ କରିବା ସହିତ ପ୍ରକଳ୍ପର ଗୁଣବତ୍ତା ବଜାୟ ରଖିବା ପାଇଁ ଠିକସଂସ୍ଥାର କର୍ମକର୍ତ୍ତାଙ୍କୁ ସଚିବ ତାଗିଦ୍ କରିଥିଲେ। ସଚିବଙ୍କ ଜିଲା ଗସ୍ତ ସମ୍ପର୍କରେ ଜିଲାର ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ପୂର୍ବ ସୂଚନା ଦିଆ ଯାଇ ନ ଥିଲା।

# ସ୍କୁଲ ସମ୍ମୁଖରୁ ବାଇକ୍ ଚୋରି ଅଭିଯୋଗ

ବୀରମହାରାଜପୁର,୨୧।୧୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଧର୍ମଶାଳା ଫାଣ୍ଡି ହିକୁଡି ସ୍କୁଲ ସମ୍ମୁଖରୁ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ହିକୁଡି ଗାଁର ସୁନୀଲ କୁମାର ଖୁରା ତାଙ୍କ ବାଇକ(ନଂ.ଓଡି-୩୧-ଡି-୩୧୬୪)କୁ ହିକୁଡି ସ୍କୁଲ ପାଖରେ ରଖି ହିକୁଡି ଛକକୁ ବଜାର କରିବାକୁ ଯାଇଥିଲେ। ବଜାରରୁ ଆସିବାପରେ ବାଇକ ନଥିବା ଦେଖିଥିଲେ। ଏନେଇ ସେ ବୀରମହାରାଜପୁର ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ବୀରମହାରାଜପୁର ଥାନାରେ ଏକ ମାମଲା(ନଂ. ୨୪୧/୨୫) ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଧର୍ମଶାଳା ଫାଣ୍ଡି ଅଧିକାରୀ ବସନ୍ତ କୁମାର ରଥ କହିଛନ୍ତି।

# ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର 'ସମ୍ଭବ' ଉଦ୍‌ଯାପିତ

ସୋନପୁର,୨୧।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବିଶିପଡା ସ୍ଥିତ ପରମେଶ୍ୱରୀ ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ଜିଲାସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକମାନଙ୍କ ପ୍ରଶିକ୍ଷଣ ଶିବିର ସମ୍ଭବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ଗତ ୧୭ ତାରିଖଠାରୁ ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଉପସ୍ଥିତ ରହି ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୬୨ଜଣ ପ୍ରଧାନଶିକ୍ଷକ ଯୋଗଦେଇଥିଲେ। ଚଢେଇପଙ୍କ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରଥ ବାରିକ୍, ସମଲେଇଚୁଆଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକନାଥ ମେହେର, ଜଉଁରାଭଉଁରା ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧେଶ୍ୟାମ ପୁରୋହିତ ଏବଂ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ସୁଶାନ୍ତ କୁମାର ଭୋଇ ସାଧନକର୍ମୀ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷଣ ବିଜ୍ଞାନ ସଂଯୋଜକ ଅକ୍ଷୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରମେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କେଶବ କୁମାର ଦାସ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଶିବିର ଆୟୋଜନରେ ସହଯୋଗ କରିଥିଲେ।



ଉଦ୍‌ଯାପନୀ ଦିବସରେ ଅତିଥି, ସାଧନକର୍ମୀଙ୍କ ଗହଣରେ ପ୍ରଧାନଶିକ୍ଷକ ବୃନ୍ଦ।

# ଡିସିସି କେନ୍ଦ୍ରାପଡ଼ା ସେମିଫାଇନାଲରେ

## ରାଜ୍ୟସ୍ତରୀୟ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଅମରପାଲି,୨୧।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାରେ ସ୍ଥାନୀୟ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ (କମିରା କ୍ରିକେଟ କପ)ର ଶୁକ୍ରବାର ଥିଲା ତୃତୀୟ ଦିବସ। ଏହ ଦିବସରେ ବ୍ରହ୍ମଗିରି ଏକାଦଶ(ପୁରୀ) ଓ ଡିସିସି ଶାନ୍ତାପୁର (କେନ୍ଦ୍ରାପଡା) ମଧ୍ୟରେ ହୋଇଥିଲା। ବ୍ରହ୍ମଗିରି ଟସ ଜିଣି କେନ୍ଦ୍ରାପଡ଼ାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୩୩ ରନ କରିଥିଲା। ଦଳର ରାଜେଶ ସାମନ୍ତରାଏ ୩୬ ରନ ଓ ସନ୍ତୋଷ ମହାପାତ୍ର ୨୯ ରନ କରିଥିଲେ। ବିପକ୍ଷ ବ୍ରହ୍ମଗିରିର ଅନୀଲ ପ୍ରଧାନ ୩ଟି ଓ ନବୀନ ବଳିୟାର ସିଂ ୨ଟି ଉଇକେଟ ନେଇଥିଲେ। ଜବାବରେ ବ୍ରହ୍ମଗିରି ଦଳ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନ କରି ପରାସ୍ତ ହୋଇଥିଲା। ଦଳର ଅନୀଲ କୁମାର ପ୍ରଧାନ ୩୨ ରନ ଓ ସନ୍ତୋଷ ପାତ୍ର ୩୫ ରନ କରିଥିଲେ। ବିପକ୍ଷ କେନ୍ଦ୍ରାପଡ଼ାର ଲକ୍ଷ୍ମୀକାନ୍ତ ନନ୍ଦ ୩ଟି ଓ ଜୟ ପ୍ରକାଶ ଭୂୟା ୨ ଟି ଲେଖାଏ ଉଇକେଟ ନେଇଥିଲେ। ଏହି ବିଜୟ ସହିତ କେନ୍ଦ୍ରାପଡ଼ା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କମିରା ଗ୍ରାମର ଗୌନ୍ତିଆ ଗଜେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, କ୍ରୀଡାବିତ କାଳିଆ ବାରିକ ସମ୍ମାନିତ ଅତିଥିଭାବେ ଯୋଗଦେଇ କେନ୍ଦ୍ରାପଡ଼ା ଦଳର ଅନୀଲ କୁମାର ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚରେ ଶ୍ରୀବନ୍ତ ନାଏକ ଓ ସୁବାଷ ଭଏନ ଅମ୍ପେୟାର, ପ୍ରଜେଶ ମହାକୁର ସ୍କୋରର ଏବଂ ସଚିନ ପ୍ରଧାନ ଓ ବୁଦ୍ଧଦେବ ମହାରଣା ଧାରାବିବରଣୀ ପ୍ରଦାନ କରିଥିଲେ। ଶନିବାର ପ୍ରଥମ ମ୍ୟାଚ ଇମେଜ-୧୧ ଭଦ୍ରକ ଓ ସୁହନୀ-୧୧ ୱେଷ୍ଟବେଙ୍ଗଲ ମଧ୍ୟରେ ହେବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଏବଂ ଶୁକ୍ରବାରର ବିଜେତା କେନ୍ଦ୍ରାପଡା ମଧ୍ୟରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



କେନ୍ଦ୍ରାପଡାର ଅନୀଲ କୁମାର ପ୍ରଧାନଙ୍କୁ ମ୍ୟାନ ଅଫ ମ୍ୟାଚଭାବେ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ଲୁହା ସ୍କ୍ରାପ୍ ଜବତ, ଅଭିଯୁକ୍ତ ଗିରଫ

ବନ୍ଧମୁଣ୍ଡା/ରାଉରକେଲା, ୨୧।୧୧(ସୁବ୍ରତ ଡେ/ସଙ୍ଗୀତା ଜେନା): ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ଗୁରୁବାର ରାତି ୧୧ଟାରେ ବେଆଇନ ଭାବେ ପରିବହନ କରାଯାଉଥିବା ବେଳେ ୭ କୁଇଣ୍ଟାଲ ଲୁହା ସ୍କ୍ରାପ୍‌କୁ ପୋଲିସ ଜବତ କରିଛି। ଏହି ଘଟଣାରେ ଜଣେ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଅକିଲ ଅହମ୍ମଦ(୪୯)। ଏ ନେଇ ପୋଲିସ ଏକ ମାମଲା (ନଂ.୨୭୬/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର ଅପରାହ୍ନ ୧ଟାରେ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ବନ୍ଧମୁଣ୍ଡା ଡିଜେଲ କଲୋନିରୁ ରାଉରକେଲାକୁ ଆସୁଥିବା ଏକ ଅଟୋ ରିକ୍ସାକୁ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ୭ କୁଇଣ୍ଟାଲ ଲୁହା ସ୍କ୍ରାପ୍ ଜବତ ହୋଇଥିଲା।

### ମୃତଦେହ ରଖି ରାସ୍ତା ଅବରୋଧ

କଲମପୁର, ୨୧।୧୧(ଗଣେଶରାମ ବାଗ): କଳାହାଣ୍ଡି ଜିଲା କଲମପୁର ଥାନା ପୋଟେସ ଗ୍ରାମର ଏକ ଚାଷ ଜମିରୁ ଗୁରୁବାର ଅଲେଖ ନିଆଳ ନାମକ ଚାଷୀଙ୍କ ମୃତଦେହ ଜବତ ହୋଇଥିଲା। ପରିବାର ଲୋକେ ହତ୍ୟା ସନ୍ଦେହ କରି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପରେ ପରିବାର ଲୋକେ ଘଟଣାର ବିଧିବଦ୍ଧ ତଦନ୍ତ ଦାବିରେ ମୃତଦେହ ପୋଟେସ ଛକରେ ରଖି ରାସ୍ତା ଅବରୋଧ କରିଥିଲେ।



ଶୁକ୍ରବାର ଆଇଜିଏଚ୍ ସମ୍ମୁଖରେ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଘରୋଇକରଣ ବିରୋଧରେ ଆନ୍ଦୋଳନ

ରାଉରକେଲା, ୨୧।୧୧(ସଙ୍ଗୀତା ଜେନା)

ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍ଆଇକେକେଏସ୍) ପକ୍ଷରୁ ଟାଉନ ଇଞ୍ଜିନିୟରିଂ ଏବଂ ଆଇଜିଏଚ୍ ଘରୋଇକରଣ ଉଦ୍ୟମକୁ ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ଆଇଜିଏଚ୍ ସମ୍ମୁଖରେ ଏକ ବିଶାଳ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଆର୍ଆଇକେକେଏସ୍ ସାଧାରଣ ସମ୍ପାଦକ ହିମାଂଶୁ ବଳଙ୍କ ନେତୃତ୍ୱରେ ବହୁ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ବିକ୍ଷୋଭକାରୀମାନେ କହିଥିଲେ, ଟାଉନଶିପ୍ ଘରୋଇକରଣ ହେଲେ ବାହାର ରାଜ୍ୟର ଠିକାଦାରମାନେ ଠିକାକାମ ପାଇବେ। ବାହାର ରାଜ୍ୟର ଶ୍ରମିକମାନେ କାର୍ଯ୍ୟରେ ନିୟୋଜନ ହେବେ। ଫଳରେ ସ୍ଥାନୀୟ ଶ୍ରମିକଙ୍କ ରୋଜଗାର ବନ୍ଦ ହେବା ସହ କାମଧନ୍ଦା ମିଳିବ ନାହିଁ। ଆରଏସ୍‌ପି କର୍ମଚାରୀମାନେ ନିଜକୁ ମିଳିଥିବା କମ୍ପାନୀ କ୍ୱାର୍ଟରଗୁଡ଼ିକ ମରାମତି ଆଦି ପାଇଁ ଉକ୍ତ ଠିକାଦାରମାନଙ୍କୁ କହିଲେ ମଧ୍ୟ କାମ ହେବ ନାହିଁ।

ସେହିପରି ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ସୁନ୍ଦରଗଡ଼ ଜିଲା ତଥା ସମଗ୍ର ପଶ୍ଚିମାଞ୍ଚଳର ସର୍ବବୃହତ୍ ଚିକିତ୍ସାଳୟ। ଆଖାପାଖରେ ଥିବା ସମସ୍ତ ଘରୋଇ ଡାକ୍ତରଖାନାରୁ ରୋଗୀମାନେ ନିରାଶ ହେଲେ ଭଲ ଚିକିତ୍ସା ସେବା ପାଇଁ ଆଇଜିଏଚ୍ ଆସିଥାନ୍ତି। ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ନିର୍ମାଣ ସମୟରେ ସ୍ଥାନୀୟ ଲୋକଙ୍କୁ ଉନ୍ନତମାନର ସ୍କୁଲ, ହସ୍ପିଟାଲ ସୁବିଧା ସୁଲଭ ମୂଲ୍ୟରେ ମିଳିବ ବୋଲି କୁହାଯାଇଥିଲା। ହେଲେ କାରଖାନାର ଗୋଟିଏ ପରେ ଗୋଟିଏ ବିଭାଗ ଘରୋଇକରଣ କରି ଲୋକମାନଙ୍କୁ ସମସ୍ତ ସୁବିଧାରୁ ବଞ୍ଚିତ କରାଯାଉଛି। ଆଇଜିଏଚ୍ ଘରୋଇକରଣ ହେଲେ ସ୍ଥାନୀୟ ବାସିନ୍ଦା ଉତ୍ତମ ସ୍ୱାସ୍ଥ୍ୟସେବା ପାଇବେନାହିଁ। ଯଦି ସେଲ୍ କର୍ତ୍ତୃପକ୍ଷ ଡାକ୍ତରଖାନା ଚଳାଇ ପାରୁନାହାନ୍ତି ତେବେ ସ୍ଥାନୀୟ ଲୋକଙ୍କ ଜମି ଫେରସ୍ତ କରିଦିଅନ୍ତୁ। ଟାଉନ ଇଞ୍ଜିନିୟରିଂ ଏବଂ ଆଇଜିଏଚ୍ ଘରୋଇକରଣକୁ ବିଏମ୍ଏସ୍ ପକ୍ଷରୁ ତୀବ୍ର ବିରୋଧ କରାଯିବ। ସମସ୍ତ ରାଜନୈତିକ ଦଳ ଏବଂ ଟ୍ରେଡ୍ ୟୁନିଅନକୁ ଗୋଟିଏ ମଞ୍ଚକୁ ଆଣି ବିରୋଧ କରିବା ପାଇଁ ଆର୍ଆଇକେକେଏସ୍ ପଶ୍ଚାତପଦ ହେବ ନାହିଁ ବୋଲି କାର୍ଯ୍ୟକର୍ତ୍ତାମାନେ କହିଥିଲେ। ଗଣବିକ୍ଷୋଭରେ ପୂର୍ବତନ ବିଧାୟକ ଶଙ୍କର ଓରାମଙ୍କ ସମେତ ରାଜେନ୍ଦ୍ର ନାଥ ମହାନ୍ତ, ପ୍ରଦୋଷ ପଣ୍ଡା, ସୁରେନ୍ଦ୍ର କଂସାରୀ, ବେନେଡିକ୍ଟ ତିର୍କୀ, ଶିବ ପତି, ଉମାକାନ୍ତ ସାମଲ, ଜନକେର ସେଠୀ, ସରୋଜ ପଣ୍ଡା, ଅମର ଭୂୟାଁ, ସତ୍ୟାନନ୍ଦ ଦାସ, ଅମର ଜସୱାଲ, ଲଳିତ ଜେନା, ତ୍ରିଲୋଚନ ନାୟକ, ନିରଞ୍ଜନ ପଟେଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ସ୍ମାର୍ଟ ମିଟରକୁ ବିରୋଧ କରି ସ୍ମାରକପତ୍ର ପ୍ରଦାନ

ରାଉରକେଲା, ୨୧।୧୧(ବିପ୍ଳବ ରଞ୍ଜନ ଦାଶ)

ବିଦ୍ୟୁତ୍ ବିଭାଗର ସ୍ମାର୍ଟ ମିଟରକୁ ବିରୋଧ କରି ରାଉରକେଲା ଉଦିତନଗରସ୍ଥିତ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ସିପିଆଇ(ଏମ୍) ପକ୍ଷରୁ ଗଣବିକ୍ଷୋଭ କରାଯାଇଛି। ଏଥିରେ ସିପିଆଇ(ଏମ୍)ର ରାଜକିଶୋର ପ୍ରଧାନ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ବି. ପି. ମହାପାତ୍ର, ହୃଦାନନ୍ଦ ଯାଦବ, ଅଜୟ ଶର୍ମା, ଶ୍ରୀଧର ନାୟକ, ବିଶ୍ୱଜିତ ମଲ୍ଲିକ, ବାବୁ ମହାନ୍ତି, ଅରୁ ଦାସ ପ୍ରମୁଖ ସାମିଲ ହୋଇ ଅଭିଯୋଗ କରି କହିଥିଲେ, ଗତ ସାଧାରଣ ନିର୍ବାଚନ ସମୟରେ ବର୍ତ୍ତମାନ ଓଡ଼ିଶାର ଶାସକ ଦଳ ସରକାରକୁ ଆସିଲେ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ମାଗଣାରେ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସରକାର ଗଠନର ୧୭ ମାସ ବିତିଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଏ ବିଷୟରେ କୌଣସି ସ୍ୱର ଶବ୍ଦ ନାହିଁ। ଓଡ଼ିଶାରେ ବିଦ୍ୟୁତ୍ ସଂସ୍କାର ସମୟରେ ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ତାହା ପାଣିର ଗାର ପାଲଟିଛି। ଓଡ଼ିଶାରେ ପ୍ରିପେଡ୍ ସ୍ମାର୍ଟ ମିଟର ଅବା ସାଧା ସ୍ମାର୍ଟ ମିଟର ବନ୍ଦ ହେବା ଜରୁରୀ। ବିଦ୍ୟୁତ୍ ବ୍ୟାପାରରୁ ଘରୋଇ କମ୍ପାନୀକୁ ହଟାଇ ସରକାର ପରିଚାଳନା କଲେ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାମାନେ ନ୍ୟାୟ ପାଇବେ ସିପିଆଇ(ଏମ୍) ନେତାମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ପରେ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ଡିସେମ୍ବର ୨୬ରୁ ଏବିଭିପିର ରାଜ୍ୟ ଅଧିବେଶନ



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା, ୨୧।୧୧(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖେଳ ପଡିଆରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତ ପକ୍ଷରୁ ଆସନ୍ତା ଡିସେମ୍ବର ୨୬ତାରିଖରୁ ୫୦ତମ ରାଜ୍ୟ ଅଧିବେଶନ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମ ୨୯ ତାରିଖ ପର୍ଯ୍ୟ ପର୍ଯ୍ୟନ୍ତ ଚାଲିବ। ଏ ନେଇ ସିଭିଲଟାଉନଶିପ୍‌ସ୍ଥିତ ଏକ ଘରୋଇ ହୋଟେଲ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟ ସମ୍ପାଦକ ଶ୍ୱେତାଂଶୁ ଶେଖର ବରାଇ ଯୋଗଦେଇ କହିଲେ, ଉକ୍ତ ଅଧିବେଶନରେ ଓଡିଶା ପଶ୍ଚିମ ପ୍ରାନ୍ତର ୧୪ଟି ସାଙ୍ଗଠନିକ ଜିଲାରୁ ହଜାରେରୁ ଊର୍ଦ୍ଧ୍ୱ ଛାତ୍ରନେତା, ଅଧ୍ୟାପକ ଓ ଶିକ୍ଷାବିତ୍ ଯୋଗ ଦେବେ। ଅଧିବେଶନରେ ଏବିଭିପିର ରାଜ୍ୟସ୍ତରୀୟ ପଦାଧିକାରୀ ନିର୍ବାଚନ ହେବା ସହିତ ନୂତନ ରାଜ୍ୟ କାର୍ଯ୍ୟକାରିଣୀ ଘୋଷଣା କରାଯିବ। ଏହାସହିତ ଶିକ୍ଷା ଓ ସାମାଜିକ ସ୍ଥିତିର ଉନ୍ନତି ଓ ସୁଧାରୀକରଣ ପାଇଁ ପ୍ରସ୍ତାବ ପାରିତ ହେବ। ଇସ୍ପାତ ନଗରୀର ବିଦ୍ୟାର୍ଥୀଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ନଗର ପରିକ୍ରମା କରିବା ସହିତ ରାଜ୍ୟର ଛାତ୍ରନେତା ଖୋଲାମଞ୍ଚରେ ଉଦ୍‌ବୋଧନ ଦେବେ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଜୀବନ ଜ୍ୟୋତି ରାଉତ, ସୁମିତ କୁମାର ରାଜ, ବିଦ୍ୟୋତ୍ତମା ମାଝୀ, ପୃଥିବୀରାଜ ଝା ପ୍ରମୁଖ ଉପସ୍ଥିତ ଥିଲେ।

# ସାମଗ୍ରିକ ଉଦ୍ୟମ ହେଲେ ଜିଲାର ବିକାଶ ସମ୍ଭବ

ରାଉରକେଲା, ୨୧।୧୧(ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲା ସହରସେବା ସମିତିର ବାର୍ଷିକୋତ୍ସବରେ ମତପ୍ରକାଶ**

ରାଉରକେଲା କୋଏଲ ନଗରସ୍ଥିତ ଅବସର ଭବନଠାରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ରାଉରକେଲା ସହରସେବା ସମିତିର ପ୍ରତିଷ୍ଠା ଦିବସ ତଥା ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ପରିଚାଳନା ଟ୍ରଷ୍ଟି ଶୈଳେନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରାକ୍ତନ ପୋଲିସ ମହାନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବୁଦ୍ଧିଜୀବୀ ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ସ୍ୱାଧିନୋତ୍ତର ଓଡ଼ିଶାରେ ସୁନ୍ଦରଗଡ ଜିଲାର ବିକାଶ ଉପରେ ଆଲୋକପାତ କରିଥିଲେ। ପରେ ଆଲୋଚ୍ୟ ବିଷୟ ଉପରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ସଭା ହୋଇଥିଲା। ସଭାରେ ଭାଜପା ମୁଖପାତ୍ର ଗଙ୍ଗାଧର ଦାଶ, କଂଗ୍ରେସର ବ୍ରଜେଶ କୁମାର ଓ ରାମାନନ୍ଦ ଶ୍ରୀଚନ୍ଦନ, ଏସ୍‌ୟୁସିପିର ସତ୍ୟପ୍ରିୟ ମହାନ୍ତି, ସିପିଆଇଏମ୍‌ର ରାଜେନ୍ଦ୍ର ନାୟକ ଏବଂ ଆମ୍ ଆଦ୍‌ମୀ ପାର୍ଟିର ଭାରତ ବାଇ ପ୍ରମୁଖ ଯୋଗଦେଇ ନିଜ ନିଜ ମତ ରଖିଥିଲେ। ସେହିପରି ସୁନ୍ଦରଗଡ଼ ଜିଲା ଖଣି ଖାଦାନରେ ଭରପୂର ଥିଲେ ସୁଦ୍ଧା ଏଠାକାର ଲୋକ ରୋଜଗାର ପାଇଁ ବାହାରକୁ ଯାଉଛନ୍ତି। ଶିକ୍ଷିତ ଯୁବତୀ ଯୁବକଙ୍କୁ ନିଯୁକ୍ତି ମିଳୁନାହିଁ। ଏଣୁ ସାମଗ୍ରିକ ଉଦ୍ୟମ ହେଲେ ଜିଲାର ବିକାଶ ସମ୍ଭବ ବୋଲି ମତପ୍ରକାଶ ପାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନୁଷ୍ଠାନର ସୁନୀଲ କୟାଲ, ମିତା ମିଶ୍ର, ପୁଷ୍ପା ଲେଙ୍କା, ଚନ୍ଦ୍ରଶେଖର ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶୈଳେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ।


ଉଡାନ୍ କ୍ୟାମ୍ପରେ ଯୋଗ ଦେଇଥିବା ସ୍କାଉଟ୍ ଗାଇଡ୍।

# ଉଡାନ୍ କ୍ୟାମ୍ପରେ ରାଉରକେଲାର ୧୫ ସ୍କାଉଟ୍ ଗାଇଡ୍

ରାଉରକେଲା, ୨୧।୧୧ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

ଭାରତ ସ୍କାଉଟ୍ ଗାଇଡ୍ ରାଜ୍ୟ ମୁଖ୍ୟାଳୟରେ ଗତ ତାରିଖ ୧୮ରୁ ରାଜ୍ୟ ସ୍କାଉଟ୍ ମୁଖ୍ୟ କମିଶନର ଡ. କାଳୀ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଛି ଉଡାନ୍ କ୍ୟାମ୍ପ। ଏଥିରେ ରାଜ୍ୟର ୨୫ଟି ଜିଲାରୁ ୭୫୦ ସ୍କାଉଟ୍ ଗାଇଡ୍, ସ୍କାଉଟ୍ ମାଷ୍ଟର ଏବଂ ଗାଇଡ କ୍ୟାପ୍‌ଟେନ ଭାଗ ନେଇଛନ୍ତି। ଏଥିପାଇଁ ରାଉରକେଲା ଉଦିତନଗର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୫ଜଣ ସ୍କାଉଟ୍ ଓ ଜଣେ ଗାଇଡ୍, ସେକ୍ଟର-୧୮ ଦୀପିକା ଇସ୍ପାତ ଶିକ୍ଷା ସଦନର ୬ଜଣ ଗାଇଡ ଏବଂ ସେକ୍ଟର-୧ ନୀଳମାଧବ ବିଦ୍ୟା ମନ୍ଦିରର ୩ଜଣ ଗାଇଡ୍‌ଙ୍କୁ ଜିଲାସ୍ତରରୁ ଚୟନ କରି କ୍ୟାମ୍ପକୁ ପଠାଯାଇଛି। ରାଉରକେଲା ଉଦିତ ନଗର ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ଦେବାଶିଷ ପାତ୍ର ଏବଂ ଦୀପିକା ଇସ୍ପାତ ଶିକ୍ଷା ସଦନର ଗାଇଡ୍ ଡିଓସି ଲକ୍ଷ୍ମୀ ସାହୁଙ୍କ ତତ୍ତ୍ୱାବଧାନରେ ସେମାନେ ଉଡାନ୍ କାର୍ଯ୍ୟକ୍ରମରେ ବକ୍ତୃତା, ଯୋଗ, ତର୍କ ବିତର୍କ, ଆର୍ଟ ଆଣ୍ଡ କ୍ରାଫ୍ଟ, ଡ୍ରାମା, ଲୋକନୃତ୍ୟ ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଶିବାନୀ କର ସ୍ୱର୍ଣ୍ଣ ପଦକ ଏବଂ ଦୀପିକା ଇସ୍ପାତ ଶିକ୍ଷା ସଦନ ଛାତ୍ରୀ ଲିପ୍ସା ଦିପ୍ ରୌପ୍ୟ ପଦକ ହାସଲ କରିଛନ୍ତି। ଏ ନେଇ ରାଉରକେଲା ସ୍କାଉଟ୍ କମିଶନର ବ୍ରଜେନ୍ଦ୍ର ଦାଶ, ସ୍କାଉଟ୍ ସମ୍ପାଦକ ସନ୍ତୋଷ କୁମାର ନାୟକ, ବିଶ୍ରା ବିଇଓ ସୁପ୍ରଭାତ କୁମାର ବେହେରା, ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଗାୟତ୍ରୀ ସେଠୀ, ଦୀପିକା ଇସ୍ପାତ ଶିକ୍ଷା ସଦନର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଲେଙ୍କା ଏବଂ ଅଭିଭାବକମାନେ ଅଭିନନ୍ଦନ ଜଣାଇଛନ୍ତି।

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ରାଉରକେଲା, ୨୧।୧୧(ସଙ୍ଗୀତା ଜେନା)



ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡ଼ିୟମ୍ ଗେଟ୍ ନମ୍ବର ୨ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁପାଲୀ ଅଞ୍ଚଳର କରଣ କେର୍କେଟା(୨୬), ମହତାବ ରୋଡ୍‌ର ଏମ୍‌ଡି ଜଲିଲ(୩୦), ଏମ୍‌ଡି ସାହିଦ୍(୧୯), ଧୋବିଘାଟର ଶ୍ରବଣ କୁମାର(୧୯) ଏବଂ ମଧୁସୂଦନପାଲୀର ଟିଙ୍କୁ ସାହୁ(୨୦)। ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ୩ଟି ଖଣ୍ଡା, ଗୋଟିଏ ଭୁଜାଲି ଜବତ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୧୦୨୨/୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ ଶୁକ୍ରବାର ଅପରାହ୍ନ ୧ଟାରେ କୋର୍ଟଚାଲାଣ କରିଛି। ବିଭିନ୍ନ ଥାନାରେ କରଣଙ୍କ ନାଁରେ ୧୧ଟି, ଜଲିଲଙ୍କ ନାଁରେ ୧୧ଟି, ସାହିଦଙ୍କ ନାଁରେ ୪ଟି, ଶ୍ରବଣଙ୍କ ନାଁରେ ଗୋଟିଏ ଏବଂ ଓ ଟିଙ୍କୁଙ୍କ ନାଁରେ ୧୦ଟି ମାମଲା ରହିଥିବା ପୋଲିସ କହିଛି।

# ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର

ରାଉରକେଲା, ୨୧।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଆଦର୍ଶ ପାଠାଗାର ପକ୍ଷରୁ ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ସଭାଗୃହରେ ଗୁରୁବାର ସନ୍ଧ୍ୟାରେ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ କବି ବୀରକିଶୋର ଦାସଙ୍କ ଜୟନ୍ତୀ ଏବଂ ସାହିତ୍ୟ କୃତି ଉପରେ ଆଲୋଚନା କରାଯାଇଥିଲା। ପାଠାଗାର ସଭାପତି ରାଧାକାନ୍ତ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ତଥା କବି ବିଜୟ ରାୟ ମୁଖ୍ୟ ଅତିଥି, ଗୋପବନ୍ଧୁ ପାଠାଗାର ସଭାପତି ଇଂ. ନବଘନ ସାହୁ ସ୍ୱତନ୍ତ୍ର ଅତିଥି ଏବଂ ଗାଳ୍ପିକ କାଶୀନାଥ ନନ୍ଦୀ ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଡ. ସନାତନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଷୟ ବିଶେଷଜ୍ଞ ନନ୍ଦୀ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖି କହିଲେ, କବିଙ୍କ ବୈପ୍ଳବିକ ଜୀବନର କଥା ସାହିତ୍ୟରେ ପ୍ରତିବିମ୍ବିତ ହୋଇଛି। ବୀରକିଶୋରଙ୍କୁ କାହିଁକି ବିପ୍ଳବୀ କବି କୁହାଯାଏ, ତାଙ୍କ ଜୀବନାଦର୍ଶ, ସେ କିପରି ଅହିଂସା ଧର୍ମର ଉପାସକ ଥିଲେ ଏବଂ ସର୍ବୋପରି ତାଙ୍କ ରଚିତ ସାହିତ୍ୟକୃତି ସମ୍ପର୍କରେ ନନ୍ଦୀ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ପ୍ରଧ୍ୟାପକ ରାୟ ତାଙ୍କ ବକ୍ତବ୍ୟରେ ମଞ୍ଚ ଏକ ମାୟା, ମରିଚିକା ଓ ମୋହ। ସମ୍ପ୍ରତି ସାଧନା କକ୍ଷ ସଭା କକ୍ଷରେ ପରିଣତ ହୋଇଛି ବୋଲି ମତ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଇଂ. ସାହୁ ମାନବ ସମ୍ବଳ, ଐକ୍ୟବଦ୍ଧ ଓ ମିଳିତ ପ୍ରୟାସ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଗାଳ୍ପିକ ଆର୍ତ୍ତତ୍ରାଣ ମହାପାତ୍ର 'ଚାରିବନ୍ଧୁ' ଶୀର୍ଷକ ଗଳ୍ପପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ଗୀତାରାଣୀ ବେହେରା ଓ ଗୌତମ ଦାସଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ପଞ୍ଚାନନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗିରିଜା ଶଙ୍କର ଗୋସ୍ୱାମୀ, ଅକ୍ଷୟ ସାମଲ, ଟୁକୁଲା ପାଢ଼ୀ, ପ୍ରଦୀପ ପଟ୍ଟନାୟକ, ହରିହର ଶତପଥୀ, ଲକ୍ଷ୍ମଣ ନାଥ ଦାସ, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ରାଧାମୋହନ ନାୟକ, ବିଜୟ କୁମାର ବରାଳ ଏବଂ ଜଗବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ସାହିତ୍ୟ ଆସରରେ ଉପସ୍ଥିତ ଅତିଥି।

# ଷ୍ଟର୍ମ ୱାଟର ଡ୍ରେନେଜ୍ ସିଷ୍ଟମ କାର୍ଯ୍ୟକାରୀ ହେବ

**ଆର୍ଏମ୍‌ସି-ଇଏମ୍‌ସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ**

ରାଉରକେଲା, ୨୧।୧୧(ଦିନେଶ ମିଶ୍ର)

ରାଉରକେଲା ସହରର ଡ୍ରେନେଜ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ ସହ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଖୁବ୍ ଶୀଘ୍ର ଷ୍ଟର୍ମ ୱାଟର ଡ୍ରେନେଜ ସିଷ୍ଟମ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହା ପୂର୍ବରୁ ପ୍ରକଳ୍ପର ମାଷ୍ଟର ପ୍ଲାନ ଓ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର) ଆବଶ୍ୟକତା ଥିବାରୁ ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ଓ ଇକୋମେଟ୍ରିକ୍ସ କନସଲଟାଣ୍ଟ୍ସ ପ୍ରାଇଭେଟ୍ ଲିମିଟେଡ ମଧ୍ୟରେ ଏକ ବୁଝାମଣାପତ୍ର ଶୁକ୍ରବାର ସ୍ୱାକ୍ଷରିତ ହୋଇଛି। ଏହି କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରିବା ପାଇଁ ଆର୍ଏମ୍‌ସି କମିଶନର ଦୀନା ଦସ୍ତଗୀରିଙ୍କ ଅଧ୍ୟକ୍ଷତାରେ ସମସ୍ତ ଅଂଶୀଦାରମାନଙ୍କୁ ନେଇ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦୀନା ଦସ୍ତଗୀରି ଅଧ୍ୟକ୍ଷତା କରି କହିଥିଲେ, ସହରୀକରଣର ଦ୍ରୁତ ଅଭିବୃଦ୍ଧି, ଜଳବାୟୁ ପରିବର୍ତ୍ତନ ଏବଂ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସହରର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ରାଉରକେଲା ସହରରେ ଥିବା ବିଭିନ୍ନ ଡ୍ରେନେଜ ବ୍ୟବସ୍ଥାରେ କିଭଳି ସୁଧାର ଅଣାଯାଇପାରିବ ସେ ନେଇ ଷ୍ଟର୍ମ ୱାଟର ଡ୍ରେନେଜ ସିଷ୍ଟମ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ସମ୍ପୂର୍ଣ୍ଣ ପ୍ରକଳ୍ପର ମାଷ୍ଟର ପ୍ଲାନ୍ ଆବଶ୍ୟକତା ରହିଛି। ସେହି ମାଷ୍ଟର ପ୍ଲାନ ଅନୁସାରେ ହିଁ ଡ୍ରେନ ନିର୍ମାଣ କରାଯିବ। ଫଳରେ ଆଗାମୀ ଦିନରେ ରାଉରକେଲା ସହର ଜଳବନ୍ଦୀ ସମସ୍ୟାରୁ ମୁକ୍ତି ପାଇବ। ସେଥିପାଇଁ ଯେପରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମାଷ୍ଟର ପ୍ଲାନ ଓ ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହେବ, ସେ ଦିଗରେ ଧ୍ୟାନ ଦେବାକୁ ସ୍ୱାକ୍ଷରିତ ସଂସ୍ଥାକୁ କହିବା ସହ ଏଥିପାଇଁ ସମସ୍ତ ବିଭାଗର ସହଯୋଗ କାମନା କରିଥିଲେ। ମାଷ୍ଟର ପ୍ଲାନ ପ୍ରସ୍ତୁତି ସକାଶେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ସର୍ଭେ ସମୟରେ ଜନବସତି, ରାସ୍ତାଘାଟ, ରେଲୱେ ଲାଇନ, ପାଇପ ଲାଇନ୍ ପ୍ରସ୍ତୁତିକୁ ଧ୍ୟାନ ଦିଆଯାଇ ମାଷ୍ଟରପ୍ଲାନ ପ୍ରସ୍ତୁତ ହେବ। ଜନସାଧାରଣଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନର ସ୍ଥାୟୀ ସମାଧାନ ସକାଶେ ଜଳବାୟୁ ପ୍ରତିରୋଧୀ ଡ୍ରେନେଜ ମାଷ୍ଟର ପ୍ଲାନ ପ୍ରସ୍ତୁତି କରିବା ସହ ବର୍ତ୍ତମାନ ଡ୍ରେନେଜ ସମସ୍ୟାକୁ ମଧ୍ୟ ବିଶେଷ ଧ୍ୟାନ ଦିଆଯିବ। ବୈଠକରେ ଆର୍ଏମ୍‌ସି ଉପଆୟୁକ୍ତ ପଲ୍ଲବୀ ନାୟକଙ୍କ ସମେତ ଜଳ ସମ୍ପଦ, ରେଳ, ୱାଟକୋ, ପୂର୍ତ୍ତ, ବିଏସ୍ଏନ୍ଏଲ, ଗେଲ୍, ଆର୍ଏସ୍‌ପି, ଏନ୍ଆଇଟି, ସ୍ମାର୍ଟସିଟି ଲିମେଟଡ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।



ଉଭୟ ପକ୍ଷ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହେଉଛି।

# ଆସନ୍ନ ଲଘୁଚାପ ଯୋଗୁ ଚାଷୀ ଆତଙ୍କିତ

ସମ୍ବଲପୁର,୨୧।୧୧(ଭବାନୀ ଶଙ୍କର ଭୋଇ)


ଖଳା ନ ଥିବାରୁ ଚାଷୀ ଜାତୀୟ ରାଜପଥରେ ଧାନ ଶୁଖାଉଛନ୍ତି।

ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ଅନୁମୋଦନକ୍ରମେ ଆଗାମୀ ୨୮ ତାରିଖରୁ ସମ୍ବଲପୁରରେ ଖରିଫ ଧାନ ସଂଗ୍ରହ ଆରମ୍ଭ କରାଯିବା ପାଇଁ ଧାର୍ଯ୍ୟ କରଯାଇଛି। ଏଥିସହ ଜିଲାର ୯ଟି ବ୍ଲକରୁ ସମୁଦାୟ ୧୨୭ଟି ଧାନକ୍ରୟ କେନ୍ଦ୍ର(ପିପିସି) ଦ୍ୱାରା ଧାନସଂଗ୍ରହ କରାଯିବ। ୨୦୨୫-୨୬ ଖରିଫ ଧାନ ସଂଗ୍ରହ କାର୍ଯ୍ୟ ତଦାରଖ ପାଇଁ ଜିଲାର ୧୨୭ ସଂଗ୍ରହ କେନ୍ଦ୍ରରେ ଧାନ ସଂଗ୍ରହ ବ୍ୟବସ୍ଥା କରାଯାଇଛି। ତେବେ ଆସନ୍ତା ୨୨ ତାରିଖରେ ଏକ ଲଘୁଚାପ ସୃଷ୍ଟିହେବା ସମ୍ଭାବନା ରହିଛି । ୨୪ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗର କେନ୍ଦ୍ରୀୟ ଅଞ୍ଚଳରେ ଏହା ଅବପାତର ରୂପ ନେଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିବା ପରେ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଗୋଟିଏ ପଟେ ଲଘୁଚାପ ବର୍ଷାର ଭୟ, ଅନ୍ୟପକ୍ଷେ ଜିଲାର ଗାଁ ଗହଳିରେ ହାତୀ ଉପଦ୍ରବ ଯୋଗୁ ଚାଷୀ ନୟାନ୍ତ ହୋଇପଡିଛନ୍ତି।

## ଦାଉ ସାଧୁଛି ହାତୀ ଉପଦ୍ରବ

ଯୁଯୁମୁରା ବ୍ଲକ ଗଡଲୋଇସିଂହଠାରୁ ଆରମ୍ଭ କରି କିସିଣ୍ଡା ପର୍ଯ୍ୟନ୍ତ ଚାରିଆଡେ ଚାଷୀ ଧାନ ଅମଳ ସମୟରେ ହାତୀ ଉପଦ୍ରବକୁ ନେଇ ଚିନ୍ତାରେ। କିଛି ବର୍ଷ ପୂର୍ବରୁ ଗାଁ ଗହଳିରେ ସବୁ ଚାଷୀଙ୍କ ପାଖରେ ନିଜସ୍ୱ ଖଳା ରହିଥିଲା। ଯେଉଁଠାରେ ଧାନ ଅମଳ ପରେ ସଂଗ୍ରହ କରି ରଖିବାର ବ୍ୟବସ୍ଥା ରହିଥିଲା। ହେଲେ ମେଶିନରେ ଧାନକଟା ପରେ ଆଉ ଚାଷୀଙ୍କ ପାଖରେ ଖଳା ବ୍ୟବସ୍ଥା ନାହିଁ। କ୍ଷେତର ଧାନ ଅମଳ କରି ସିଧା ବସ୍ତାରେ ଭରାଯାଉଛି। ତେଣୁ ବେଶୀ ଦିନ ପର୍ଯ୍ୟନ୍ତ କ୍ଷେତରେ ଧାନ ରଖିବା ସହଜ ନୁହେଁ। ହାଡ ଭଙ୍ଗାଶୀତରେ ହାତୀ ଯୋଗୁ କ୍ଷେତରେ ଚାଷୀକୁ ଧାନ ଜଗିବା କଷ୍ଟକର ହୋଇପଡିଛି। ପୁଣି ଯଦି ବର୍ଷା ହୁଏ ପରିସ୍ଥିତି ଆହୁରି ସଙ୍ଗୀନ ହୋଇଯିବ। ତେଣୁ ଚାଷୀମାନେ ଡେରିରେ ମଣ୍ଡି ଖୋଲିବା ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଗାଁ ଗହଳିର ଚାଷୀ ପ୍ରଶାସନିକ ବୈଠକରେ ଯିବାର ସୁଯୋଗ ପାଇପାରୁ ନ ଥିବା ବେଳେ ସେମାନଙ୍କ ଦୁଃଖ ସରକାର କିମ୍ବା ପ୍ରଶାସନ ବୁଝିପାରୁ ନ ଥିବା କହିଛନ୍ତି। ଯୁଯୁମୁରା ବ୍ଲକ ବୀରସିଂହଗଡର ଚାଷୀ ମାରିଆନୁସ ଲୁଗୁନ କହିଛନ୍ତି, ଚାଷୀର ଧାନ ସରକାର କିଣିବେ, ହେଲେ ପ୍ରତିବର୍ଷ ମଣ୍ଡି ଖୋଲିବା ପାଇଁ ଡେରି କରୁଛନ୍ତି। ଏହାଦ୍ୱାରା ଆମ ଭଳି ଛୋଟ ଚାଷୀ ଗୋଟିଏ ମାସ ପର୍ଯ୍ୟନ୍ତ ଧାନ ସଂରକ୍ଷିତ କରି ରଖିବା ବ୍ୟବସ୍ଥା ନଥିବାରୁ ମଧ୍ୟସ୍ଥମାନଙ୍କୁ କମ ଦରରେ ବିକ୍ରୀ କରିବାକୁ ବାଧ୍ୟ ହେଉଛନ୍ତି। ବିଗତ ବର୍ଷମାନଙ୍କରେ ନଭେମ୍ବର ୨୦ପୂର୍ବରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ହେଲେ ଚଳିତବର୍ଷ ରାଜ୍ୟ ସରକାର

## ମଣ୍ଡି ପୂର୍ବରୁ ଅଭାବୀ ବିକ୍ରି କବଳରେ ଚାଷୀ

ବିଳମ୍ବରେ ଧାନକିଣା ନେଇ ଦିନ ଧାର୍ଯ୍ୟ ହେଉଥିବା ଦେଖି ଚାଷୀଙ୍କ ଅସନ୍ତୋଷ ବଢ଼ିଛି। ବର୍ଷା ଏବଂ ସଂରକ୍ଷଣ ସମସ୍ୟାକୁ ଦୃଷ୍ଟିରେ ରଖି ମଣ୍ଡିଗୁଡିକରେ ଧାନ ସଂରକ୍ଷଣ ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ମଣ୍ଡି ଖୋଲିବା ପରେବି କେନ୍ଦ୍ରୀୟ ଟୋକନ ବ୍ୟବସ୍ଥା ଯୋଗୁ କାହାଭାଗ୍ୟରେ କେବେ ଧାନବିକ୍ରୀୟ ପାଇଁ କୃଷକଙ୍କ ପଞ୍ଜୀକୃତ ମୋବାଇଲକୁ ଏସଏମଏସ ଆସିବାକୁ ନେଇ ମଧ୍ୟ ଚାଷୀ ସନ୍ଦେହରେ ରହିଛନ୍ତି। ଅନ୍ୟପକ୍ଷରେ ଧାନ ଅମଳ ପରେ ଖଳା ବ୍ୟବସ୍ଥା ନଥିବାରୁ ଅନେକେ ଚାଷୀ ଧାନ ଶୁଖାଇବା ପାଇଁ ନିଜ ଗାଁଦେଇ ଯାଇଥିବା ପିଚୁରାସ୍ତାରେ ଶୁଖାଉଥିବା ଦେଖିବାକୁ ମିଳିଛି। ତେଣୁ ଚାଷୀମାନଙ୍କ ହାଡଭଙ୍ଗା ପରିଶ୍ରମ ପରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ସରଳ ଏବଂ ଚାଷୀ ଅନୁକୂଳ କରିବାକୁ ସାଧାରଣରେ ଦାବି ହେଉଛି। ବିଶେଷ କରି ଚାଷୀ ପଞ୍ଜୀକରଣଠାରୁ ଆରମ୍ଭ କରି ଧାନବିକ୍ରୀ ପର୍ଯ୍ୟନ୍ତ ଚାଷୀ ନାହିଁ ନ ଥିବା ସମସ୍ୟା ଭୋଗ କରୁଥିବା ଅଭିଯୋଗ ହୋଇଛି।

# ସିନ୍ଦୁରପଙ୍କ ସାପ୍ତାହିକ ବଜାରରେ ଏକତା ସଭା



ଏକତା ସଭାରେ ଉପସ୍ଥିତ ସଦସ୍ୟ ବୃନ୍ଦ।

ସମ୍ବଲପୁର,୨୧।୧୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସିନ୍ଦୁରପଙ୍କ ସାପ୍ତାହିକ ବଜାର ପଡିଆରେ ଶୁକ୍ରବାର ସ୍ଥାନୀୟ ଲୋକଙ୍କୁ ନେଇ ଏକତା ସଭାର ଆୟୋଜନ କରାଯାଇଥିଲା। ସୁଭାଷ ସାହାଣୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚାଷୀନେତା ରାମସାଗର ସାହୁ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ମହାନନ୍ଦ, ମଣିକର ସାହୁ, ସୁଧାକର ନାଥ, ଭବାନୀ ଶଙ୍କର ସୋହେଲା ଭଳି ଅନେକ ଗଣମାନ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏଥିରେ ସିନ୍ଦୁରପଙ୍କ ଦୁର୍ଗା ପୂଜା କମିଟି ଓ ସିନ୍ଦୁରପଙ୍କ ଅଟୋ ୟୁନିୟନ ମଧ୍ୟ ଯୋଗଦେଇଥିଲେ। ଭାଇଚାରା, ପ୍ରେମ ଓ ଏକତା ଦ୍ୱାରା ସମାଜର ପ୍ରଗତି ଓ ସମୃଦ୍ଧି ସମ୍ଭବ ବୋଲି ଉପସ୍ଥିତ ବକ୍ତାମାନେ ମତଦେଇଥିଲେ। ଏହି ସଭାରେ ସ୍ଥାନୀୟ ଅଞ୍ଚଳର ଐତିହାସିକ ଗୁରୁତ୍ୱ ଉପରେ ଆଲୋଚନା

## ଡିସେମ୍ବର ୩୦ ସହିଦ ଦିବସର ଭବ୍ୟ ଆୟୋଜନ

କରାଯାଇଥିଲା। ବୀର୍ ସୁରେନ୍ଦ୍ର ସାଏଙ୍କ ସଂଗ୍ରାମର ମାଟି ଏବଂ ବୀର ଛବିଳ ସାଏଙ୍କ ସହ ଅନ୍ୟ ୫୭ ଜଣ ସହିଦଙ୍କ ମାଟି ହୋଇଥିବାରୁ ଅଞ୍ଚଳରେ ଆସନ୍ତା ଡିସେମ୍ବର ୩୦ରେ ହେବାକୁ ଥିବା ସହିଦ ଦିବସକୁ ଭବ୍ୟଢଙ୍ଗରେ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହାସହ ଯୁବକମାନଙ୍କୁ ଏକଜୁଟ କରିବା ପାଇଁ ବିଭିନ୍ନ ପ୍ରକାରର ଖେଳକୁଦ ପ୍ରତିଯୋଗିତାର ଆୟୋଜନ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ରାଜେନ୍ଦ୍ର କୁମାର ଧର, କୁମୋଦ ଚନ୍ଦ୍ର ସାହୁ, ନବୀନ ବେହେରା, ସୂରଜ ନାଥ, ସ୍ୱାଗତ ସାହୁ, କୈଳାସ ସାହୁ, ବିଜୟ ଶଙ୍କର ମହାଲି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ବେଦ ବିଶ୍ୱବାସୀଙ୍କ ଜ୍ଞାନର ଆଲୋକବର୍ତ୍ତିକା

ସମ୍ବଲପୁର,୨୧।୧୧(ବି.ଶଙ୍କର)

## ସରକାରୀ ମହିଳା କଲେଜରେ ବେଦର ପ୍ରାସଙ୍ଗିକତା ଶୀର୍ଷକ ସମ୍ମାନ

ଯୁଗଯୁଗ ଧରି ବେଦ ବିଶ୍ୱବାସୀଙ୍କ ପାଇଁ ଜ୍ଞାନର ଆଲୋକବର୍ତ୍ତିକା ସାବ୍ୟସ୍ତ ହୋଇ ରହିଛି। ବେଦରେ ବିଶେଷ କରି ନାରୀମାନଙ୍କୁ ଯେପରି ଗୁରୁତ୍ୱ ଦେଇ ଆସିଛି ତାହା ଅକଳ୍ପନୀୟ ବୋଲି କହିଛନ୍ତି ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନର ପ୍ରାକ୍ତନ ପ୍ରଫେସର ଡ. ଅରୁଣ ରଞ୍ଜନ ମିଶ୍ର। ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ସଂସ୍କୃତ ବିଭାଗ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ 'ସାଂପ୍ରତିକ କାଳରେ ବେଦର ପ୍ରାସଙ୍ଗିକତା' ଶୀର୍ଷକ ଏକ ସମ୍ମାନରେ ମୁଖ୍ୟଆଲୋଚକ ଭାବେ ଯୋଗଦେଇ ପ୍ରଫେସର ମିଶ୍ର ଏହା କହିଛନ୍ତି। ସଂପାନରେ ଅଧକ୍ଷତା କରି ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର କଳ୍ପନା ମେହେର ବେଦ ଉପରେ ଆଲୋଚନା କରି ଭାରତୀୟ ଜ୍ଞାନ ପରମ୍ପରାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଅଖିଳ ବିଶ୍ୱାଳ ବେଦ ଭାରତୀୟ ଅସ୍ମିତାର ପ୍ରତୀକ ବୋଲି କହିଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ପ୍ରଫେସର ରାଜକିରଣ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ସମ୍ମାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭା ପରିଚାଳନା କରିଥିଲେ। ଶେଷରେ ପ୍ରଫେସର ସନାତନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମାନରେ ସଂସ୍କୃତ, ଓଡ଼ିଆ, ହିନ୍ଦୀ ଓ ଇଂଲିଶ ବିଭାଗର ଶତାଧିକ ଛାତ୍ରୀ ଯୋଗଦାନ କରିଥିଲେ।



ସରକାରୀ ମହିଳା କଲେଜରେ ବେଦର ପ୍ରାସଙ୍ଗକତା ସମ୍ମାନରେ ମଞ୍ଚସୀନ ଅତିଥିବୃନ୍ଦ।


ସମ୍ବଲପୁର ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମିନୀ ଦୋରାଙ୍କୁ ସମ୍ମାନୀତ କରାଯାଉଛି।

# ସମ୍ବଲପୁର ମହୋତ୍ସବ ଉଦ୍‌ଯାପିତ

## କଣ୍ଠଶିଳ୍ପୀ ପଦ୍ମିନୀଙ୍କୁ ଗୁରୁବାରୀ ମିର୍ଦ୍ଧା ଶ୍ରେଷ୍ଠ ମହିଳା କଳାକାର ସମ୍ମାନ

ସମ୍ବଲପୁର,୨୧।୧୧(ବି.ଶଙ୍କର)

ସମ୍ବଲପୁର ମହୋତ୍ସବ-୨୦୨୫ ଶୁକ୍ରବାର ରାତିରେ ଅଇଁଠାପାଲି ପିଏଚ୍‌ଡି ପଡିଆ (ବିର୍ସା ମଇଦାନ) ସ୍ଥିତ ସୁସଜ୍ଜିତ ମଞ୍ଚରେ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ ସଂଯୋଜକ ଡ. ସପନ ମିଶ୍ରଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା । ବରଗଡ ସହରର ଡାକ୍ତର ରାମକୃଷ୍ଣ ପୁରୋହିତ ଅତିଥିଭାବେ ଯୋଗଦେଇଥିଲେ । ସମ୍ବଲପୁରୀ ଲୋକ ଗୀତରେ ଉଲ୍ଲେଖନୀୟ ଅବଦାନ ସକାଶେ କଣ୍ଠଶିଳ୍ପୀ ପଦ୍ମିନୀ ଦୋରାଙ୍କୁ ଗୁରୁବାରୀ ମିର୍ଦ୍ଧା ଶ୍ରେଷ୍ଠ ମହିଳା କଳାକାର ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିସହ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତିବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା। ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ, ସାଧକଶ୍ରୀ ସଦାନନ୍ଦ ପଣ୍ଡା, ସଂସ୍କୃତିରତ୍ନ କାର୍ତ୍ତିକ ପ୍ରସାଦ ବହିଦାର, ପ୍ରାକ୍ତନ ପ୍ରଶାସକ ରତ୍ନଭୂଷଣ ପୃଷେଠ, ସାମାଜିକକର୍ମୀ ଭାରତୀ ପଣ୍ଡା, ଦଳ କମିଟି ଆବାହକ ଗୁରୁ ଦୁର୍ଗା ପ୍ରସାଦ ଦାଶ, ଆଲୋଚନା ଚକ୍ର ଉପକମିଟି ଆବାହକ ମାନସ ରଞ୍ଜନ ଷଡଙ୍ଗୀ, ଗୀତ ସଙ୍ଗୀତ କମିଟି ଆବାହକ ଗୁରୁ ରବୀନ୍ଦ୍ର ପଣ୍ଡା, କମିଟି ଆବାହକ ଭବତୋଷ ବିଶି, ଶୋଭାଯାତ୍ରା କମିଟି ଆବାହକ କାହ୍ନୁ ଜେନା, ଅଭିନେତ୍ରୀ ରୋଜି ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁରୀ ଲୋକଗୀତ, ଲୋକବାଦ୍ୟ ଓ ଲୋକନୃତ୍ୟ ପରିବେଷିତ ହୋଇଥିଲା। ଏଥିସହ ସମ୍ବଲପୁର ବସ୍ତ୍ର ପରିଧାନ କରି ଯୁବତୀ, ଯୁବକମାନଙ୍କ ର୍ୟାମ୍ପ ୱାକ ଦର୍ଶକଙ୍କୁ ଆକର୍ଷିତ କରିଥିଲେ । ସେହିପରି କଣ୍ଠଶିଳ୍ପୀ ଅଳକା ମିଶ୍ର, ମନମୋହନ ବେହେରା, ପଲ୍ଲବୀ ରାୟ, ପ୍ରୀତି ମିଶ୍ର, ରବିନ୍ଦ୍ର ପଣ୍ଡାଙ୍କ ସୁଲଳିତ ସମ୍ବଲପୁରୀ ଗୀତରେ ଦର୍ଶକ ଆନମନା ହୋଇଥିଲେ। ସୂଚନାଯୋଗ୍ୟ, ସାତଦିନ ବ୍ୟାପି ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ସମେତ ରାଜ୍ୟ ତଥା ରାଜ୍ୟ ବାହାର କଳାକାରମାନେ ନିଜର କଳା ପ୍ରଦର୍ଶନ କରିଥିଲେ। ଏଥିସହ ମହୋତ୍ସବ ପରିସରରେ ଫଟୋ ଓ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଅପରପକ୍ଷେ ମନୋହରୀ ହାଟ ଓ ସ୍ୱାଦ ସମ୍ବଲପୁରରେ ଦର୍ଶକଙ୍କ ଭିଡ ଲାଗି ଥିଲା।

# କ୍ରିକେଟ ଟୁର୍ନାମେଣ୍ଟ: କେନ୍ଦ୍ରାପଡ଼ା ଚାମ୍ପିୟନ

କୁଚିଣ୍ଡା,୨୧।୧୧(ବିରଞ୍ଚି ଦର୍ଘ)

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡୟମରେ ପାଞ୍ଚଦିନ ଧରି ଜିଲାର କ୍ଲବ ପକ୍ଷରୁ ଚାଲିଥିବା ଦ୍ୱିତୀୟ କୁଚିଣ୍ଡା କପ ପଞ୍ଚଦିବାସୀୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଭୁବନେଶ୍ୱର କମାଣ୍ଡୋ ଏକାଦଶ ଓ କେନ୍ଦ୍ରାପଡ଼ା ଡିସିସି ସନ୍ଥପୁରା ମଧରେ ହୋଇଥିଲା। ଟସ୍ ଜିତି ପ୍ରଥମେ ଭୁବନେଶର କମାଣ୍ଡୋ ଏକାଦଶ ବ୍ୟାଟିଂ କରି ୧୦ ଓଭରରେ ୬୦ ରନର ଟାର୍ଗେଟ ଦେଇଥିଲା। ଜବାବରେ କେନ୍ଦ୍ରାପଡ଼ା ଡିସିସି ସନ୍ଥପୁରା ୭ ଓଭରରେ ଆବଶ୍ୟକ ରନ କରି ଚାମ୍ପିୟନ ହୋଇଥିଲା। ଏଥିରେ ସୋହେଲା ଖାନ ମ୍ୟାନ ଅଫଦି ମ୍ୟାଚ ହୋଇଥିଲେ। ପୁରସ୍କାର ବିବରଣ ଉତ୍ସବରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ଶୁଶିଳ କର ମୁଖ୍ୟଅତିଥି, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ବରିଷ୍ଠ ଆଇନଜୀବୀ ଶୈଳେନ୍ଦ୍ର ନାୟକ, କୁମାରେଶ ଦଶଭାୟା, ବିନୋଦ ଚାଲାନ, ସଞ୍ଜୟ ମହାନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ କେନ୍ଦ୍ରାପଡ଼ାକୁ ଚାମ୍ପିୟନ ଟ୍ରଫି ସହ ୭୦ହଜାର ଟଙ୍କାର ନଗଦ ଅର୍ଥରାଶି ଏବଂ ଭୁବନେଶ୍ୱରକୁ ରନର ଅପ ଟ୍ରଫି ସହ ୪୦ହଜାର ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରିଥିଲେ।


ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

# ୫୦କେଜି ଗଞ୍ଜେଇ ଜବତ, ୩ ଗିରଫ

ସମ୍ବଲପୁର,୨୧।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଥାନା ପୋଲିସ ଶୁକ୍ରବାର ସକାଳେ ଚୋରାରେ ଚାଲାଣ ବେଳେ ୫୦କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସଂଶ୍ଲିଷ୍ଟ ଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ମାୟାବଗିଚାପଡ଼ାର ବନମାଳି ବାଗ(୫୪), ଧମା ଥାନା ଅନ୍ତର୍ଗତ ଖିଣ୍ଡାର ଅଜିତ କୁମାର ବେହେରା(୩୮) ଓ ସଦର ଥାନା ଅନ୍ତର୍ଗତ ଜୟନ୍ତପୁରର ଅଶୋକ ଚନ୍ଦ୍ର ପ୍ରଧାନ(୪୪)। ସେମାନଙ୍କ ନିକଟରୁ ଦୁଇଟି ଧଳା ଜରିବସ୍ତାରେ ଯଥାକ୍ରମେ ୨୬କେଜି ୨୦୦ ଓ ୨୪ କେଜି୨୦୦ ଏହି ପରି ୫୦କେଜି ୪୦୦ ଗଞ୍ଜେଇ, ୩ଟି ମୋବାଇଲ୍ ଫୋନ ଓ ଏକ ନମ୍ବର ବିହିନ ଟାଟା ଏସିଇ ଗାଡ଼ିକୁ ପୋଲିସ ଜବତ କରିଛି। ଏ ନେଇ ସଦର ଥାନାରେ ଏକ ମାମଲା(ନଂ.୩୬୪/୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ଭୋରରେ ସିନ୍ଦୁରପଙ୍କ ବାଟ ଦେଇ ଜାତୀୟ ରାଜପଥ ୫୩ରେ ଗଞ୍ଜେଇ ଚାଲାଣ ହେଉଥିବା ସମ୍ପର୍କରେ ସଦର ଥାନା ଆଇଆଇସି ଅନିତା ପଟନିଆଙ୍କୁ ଖବର ମିଳିଥିଲା। ଉକ୍ତ ଖବର ଅନୁସାରେ ଆଇଆଇସି ପଟନିଆ ସଦଳବଳ ଚାନ୍ଦମୁଣ୍ଡା ବାଉଁଶବୁଦା ନିକଟରେ ଚଢ଼ାଉ କରି ମାଜିଷ୍ଟ୍ରେଟ୍ ଓ ସାକ୍ଷୀଙ୍କ ଉପସ୍ଥିତିରେ ଉକ୍ତ ଟଟା ଏସସିଇ ଡାଲାରୁ ଗଞ୍ଜେଇକୁ ଜବତ କରିଥିଲେ। ଏହାସହ ଉକ୍ତ ଗାଡ଼ିରେ ଥିବା ୩ଜଣଙ୍କୁ ପଚାରଉଚରା ବେଳେ ସେମାନେ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତି ଥିବା ସ୍ୱୀକାର କରିଥିଲେ। ଉକ୍ତ ଗଞ୍ଜେଇକୁ ସେମାନେ ସୋନପୁର ଜିଲା ଉଲୁଣ୍ଡାରୁ ଜୟନ୍ତପୁରକୁ ଚୋରାରେ ଚାଲାଣ କରୁଥିଲେ ବୋଲି କହିଥିବା ପୋଲିସ କହିଛି।


ସଦରଥାନା ପୋଲିସ ଦ୍ୱାରା ଜବତ ଗଞ୍ଜେଇ ସହ ଗିରଫ ୩ ଅଭିଯୁକ୍ତ।

# ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୨୨୬ ପ୍ରକଳ୍ପ

ନାକଟିଦେଉଳ,୨୧।୧୧(ବୈକୁଣ୍ଠନାଥ ସାହୁ)


ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାକୁ ନାକଟିଦେଉଳ ବିଡ଼ିଓ ସୁଶ୍ରୀ ଶୁଭ୍ରା ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପଗୁଡିକ ପ୍ରଦର୍ଶନ କରି ସେ ପ୍ରତିଯୋଗୀଙ୍କୁ ପ୍ରକଳ୍ପ ସମ୍ପର୍କରେ ପଚାରି ବୁଝିଥିଲେ । ଏହି ବିଜ୍ଞାନ ମେଳାରେ ୨୨୬ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିମଧ୍ୟରୁ ବରିଷ୍ଠ ବର୍ଗରେ ୬୬, କନିଷ୍ଠ ବର୍ଗରେ ୮୦ ଏବଂ ସର୍ବ କନିଷ୍ଠ ବର୍ଗରେ ୮୦ ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଏଥି ସହିତ ସବୁଜ ବାହିନୀରେ ୪୭ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଏହି ପ୍ରତିଯୋଗିତାରେ ଇକୋ ପ୍ରଦର୍ଶନୀରେ ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ବର୍ଷ ଛାତ୍ର ସିଲନ ନାୟକ ପ୍ରଥମ, କିସିଣ୍ଡା ଉଚ୍ଚ ବିଦ୍ୟାଳୟ ୧୦ ମ ଶ୍ରେଣୀ ଛାତ୍ରୀ ତୃପ୍ତି ମଞ୍ଜରୀ ମାଝୀ ଦ୍ୱିତୀୟ ଏବଂ ତାଲବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ ଦେବସ୍ମିତା ଦେହୁରୀ ୩ ୟ ସ୍ଥାନ ଅଧିକାର କରିଥିଲେ । ସେହିପରି ବରିଷ୍ଠ ବର୍ଗର ସମନ୍ୱିତ କୃଷି ବିଜ୍ଞାନରେ ବାପୁଜୀ ଉଚ୍ଚ ବିଦ୍ୟାଳୟର ୧୦ ମ ଶ୍ରେଣୀ ଛାତ୍ରୀ ତନୁଜା ସାମଲ, କନିଷ୍ଠ ବର୍ଗର ବର୍ଜ୍ୟବସ୍ତୁ ପରିଚାଳନାରେ ପେଣ୍ଟବାହାଳ ଆଦର୍ଶ ବିଦ୍ୟାଳୟ ୮ ମ ଶ୍ରେଣୀର ଛାତ୍ରୀ ଶାଶ୍ୱତୀ ସ୍ନିଗ୍ଧା ପ୍ରଧାନ ପ୍ରଥମ ଓ ଜୋଶଫ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସବ୍ ଜୁନିୟର ବର୍ଗର ବିକଶିତ ବିଜ୍ଞାନ କୌଶଳରେ ବଞ୍ଚାଗୋଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୫ମ ଶ୍ରେଣୀ ଛାତ୍ର ଚିନ୍ମୟ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ମୁଖ୍ୟବକ୍ତାଭାବେ ଡ. ଗୌରୀଦାସ ପ୍ରଧାନ ସମ୍ମାନିତ ଅତିଥିଭାବେ ଜିଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ ଏବଂ କିସିଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ ଯୋଗଦେଇଥିଲେ। ସମାରୋହକୁ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଏବଂ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ କ୍ଷୀରୋଦ କୁମାର ପଣ୍ଡା ସଂଯୋଜନା କରିଥିଲେ। ସହକାରୀ ଶିକ୍ଷୟତ୍ରୀ ରୁକ୍ମଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କିସିଣ୍ଡା ସିଆରସିସି କେଦାର ବେହେରା, ପ୍ରଧାନଶିକ୍ଷକ ବ୍ରଜଚନ୍ଦ୍ର ସାହୁ, ଲୋକନାଥ ସାମଲ, ସରୋଜ ବେହେରା, ନିର୍ମଳ ସାହୁ, ଧିରେନ ମାଟିଆରୀଙ୍କ ସମେତ ସମସ୍ତ କ୍ଲଷ୍ଟରର ସିଆରସିସିମାନେ ସହଯୋଗ କରିଥିଲେ।

# ପାକ୍ସ ସମ୍ପାଦକଙ୍କୁ ଗିରଫ କଲା ଭିଜିଲାନ୍ସ

## ଚାଷୀଙ୍କ ୪୦.୭୧ ଲକ୍ଷର ଋଣ ଟଙ୍କା ହଡ଼ପ

ଭୁବନେଶ୍ୱର/ଦେବଗଡ଼ ୨୧।୧୧
(ସତ୍ୟଜିତ ରାଉତ/ ଶଶାଙ୍କ ଶେଖର ଝାଙ୍କର)


ଗିରଫ ପାକ୍ସ କାଦୋପଡା ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ

ଦେବଗଡ଼ ଜିଲା କାଦୋପଡା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରୁ ଚାଷୀଙ୍କ ଋଣ ପରିଶୋଧ ଟଙ୍କା ହଡ଼ପ ଘଟଣାରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମିତିରୁ ୪୦ ଲକ୍ଷ ୭୧ ହଜାର ୬୪୪ ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ପାକ୍ସ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁଙ୍କୁ ଶୁକ୍ରବାର ଗିରଫ କରିଛି। ଏ ସମ୍ପର୍କରେ ରାଉରକେଲା ଭିଜିଲାନ୍ସ ଥାନାରେ ମାମଲା (ନଂ.୧୨/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ସୁରେଶଙ୍କୁ ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୨୦୨୧-୨୦୨୨ ଆର୍ଥିକ ବର୍ଷରେ ସ୍ଥାନୀୟ ଚାଷୀମାନେ ଋଣ ନେଇଥିଲେ। ଉକ୍ତ ଚାଷୀମାନେ ୨୦୨୪ ମସିହାରେ ଋଣ ପରିଶୋଧ କରିଥିଲେ। ହେଲେ ସୁରେଶ ନିଜ କ୍ଷମତାର ଅପବ୍ୟବହାର କରି ସମବାୟ ସମିତିର ହିସାବ ଖାତାରେ ଚଞ୍ଚକତା କରି ଚାଷୀଙ୍କ ଟଙ୍କା ନେଇଯାଉଥିଲେ। ଅଭିଯୁକ୍ତ ସୁରେଶ ସମିତିରୁ ଋଣ ନେଇଥିବା ସ୍ଥାନୀୟ ଚାଷୀଙ୍କଠାରୁ ନଗଦ ଟଙ୍କା ଆକାରରେ ଋଣ ଫେରସ୍ତ ରାଶି ଗ୍ରହଣ କରୁଥିଲେ। ହେଲେ ସେହି ନେଣଦେଣକୁ ସମବାୟ ସମିତିର ମୂଳ ହିସାବ ଖାତା (ଡେ ବୁକ୍)ରେ ସେ ଉଲ୍ଲେଖ କରୁ ନ ଥିଲେ। ଏପରିକି ଏଥିପାଇଁ ଚାଷୀମାନଙ୍କୁ ଋଣ ଫେରସ୍ତର ରସିଦ୍ ମଧ୍ୟ ଦେଉଥିଲେ। ହେଲେ ଚାଷୀଙ୍କ ଉକ୍ତ ଟଙ୍କାକୁ ସେ ନିଜେ ଚଳୁ କରିଥିବା ଅଡିଟ୍ ବେଳେ ଜଣାପଡିଥିଲା। ଏନେଇ ଅଭିଯୋଗ ହେବା ପରେ ଭିଜିଲାନ୍ସ ଗୁପ୍ତ ଭାବରେ ତଦନ୍ତ କରୁଥିଲା। ଠକେଇ ନେଇ ପ୍ରମାଣ ପାଇବା ପରେ ଭିଜିଲାନ୍ସ ଗୁରୁବାର ମାମଲା ରୁଜୁ କରିଥିଲା। ତେବେ ସୁରେଶଙ୍କ ଏଭଳି କାରନାମା ସମବାୟ ସମିତିର ଆର୍ଥିକ ସ୍ଥିତି ଓ ସ୍ଥାନୀୟ ଚାଷୀ ସମ୍ପ୍ରଦାୟକୁ ଗଭୀର ଭାବେ ପ୍ରଭାବିତ କରିଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୨୧।୧୧
(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ କରିଛନ୍ତି। ସାକ୍ଷ୍ୟ ପ୍ରମାଣ ଆଧାରରେ ସେ ଆସିକା ଥାନା ଅଞ୍ଚଳର କ୍ରିଷ୍ଣା ନାଇକ (୨୭)ଙ୍କୁ ଦୋଷୀ ସାବ୍ୟସ୍ତକରି ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ୧୧ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୩ ମେ ୨୬ରେ ଗାଁରେ ଏକ ବିବାହ ଭୋଜି ଚାଲିଥିଲା। ୧୩ ବର୍ଷୀୟା ନାବାଳିକାଙ୍କ ମା' ବାପା ସେଠାକୁ ଯାଇଥିବା ବେଳେ ସେ ଘରେ ଏକାକୀ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ କ୍ରିଷ୍ଣା ନାବାଳିକାଙ୍କ ଘରେ ପଶି ଭୟଭୀତ କରି ବାରମ୍ବାର ବଳାତ୍କାର କରିଥିଲେ। ଏ ବିଷୟରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ରାତି ଭୋଜି ଖାଇସାରି ପରିବାର ଲୋକ ଘରକୁ ଫେରିବାରେ ଝିଅ କାନ୍ଦୁଥିବା ଦେଖିଥିଲେ। ଏହାପରେ ଝିଅ ଅଚେତ ହୋଇଯିବାରୁ ତାଙ୍କୁ ଆସିକା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହୋଇ ଘରକୁ ଫେରିବା ପରେ ତାଙ୍କ ବୟାନ ଅନୁଯାୟୀ ମା' ଘଟଣା ସମ୍ପର୍କରେ ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୧୪/୨୩ରେ ମାମଲା ରୁଜୁକରି ଘଟଣା ପରଠୁ ଫେରାର ଥିବା ଅଭିଯୁକ୍ତ କ୍ରିଷ୍ଣାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀଙ୍କ ବୟାନ ଓ ଚାର୍ଜଶିଟ ଆଧାରରେ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ୨୦ ଦାଦନ ଶ୍ରମିକ ଉଦ୍ଧାର

## ସର୍ଦ୍ଦାର କୋର୍ଟ ଚାଲାଣ


ପୋଲିସ ଦ୍ୱାରା ଉଦ୍ଧାର ହୋଇଥିବା ଦାଦନ ଶ୍ରମିକମାନେ।

ବେଲପଡ଼ା, ୨୧।୧୧ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ପୋଲିସ ୨୦ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ବେଆଇନ ଦାଦନ ଶ୍ରମିକଙ୍କୁ ଚାଲାଣରେ ସମ୍ପୃକ୍ତ ଥିବା ଭରୁଆପାଲି ଗ୍ରାମର ଦାଦନ ସର୍ଦ୍ଦାର ଦିଲ୍ଲୀପ କେତକୀଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ପୋଲିସ ଟିମ୍ ଭୁଟୁଙ୍ଗପଡା ଛକଠାରୁ ବେଆଇନ ଶ୍ରମିକ ଚାଲାଣ ଖବରପାଇ ୪ ଶିଶୁଙ୍କ ସମେତ ୨୦ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଦାଦନ ଶ୍ରମିକମାନେ ହେଲେ ସୁବର୍ଣ୍ଣପୁର ଜିଲା ତରଭା ସିଙ୍ଗବାହାଲି ଗାଁର ମଣ୍ଟୁ କୁମୁରିଆ, ମିଲୁ ତମଲିଆ, ବଲାଙ୍ଗୀର ତୁଷୁରା ଥାନା ଜାମୁଟ ଗାଁର ଲକ୍ଷଣ ଚିନ୍ଧା, ସନ୍ତୋଷିନୀ ଚିନ୍ଧା, ନୀଳାଞ୍ଚଳ ତାମଲିଆ, ବନବାସ ତାମଲିଆ, କଳ୍ପନା ତାମଲିଆ, ଫକୀର ବାରିକ, ମମତା ବାରିକ ଓ ଗୁଡଭେଲା ଅଞ୍ଚଳର ଡୋଲା କୁମୁରିଆ, ପ୍ରସନ୍ନ କୁମୁରିଆ, ନୀଳ କୁମୁରିଆ, ଲକ୍ଷ୍ମୀ ସମରଥ, ବନତା ତମଲିଆ, ହେମ ଚିନ୍ଧା, ଟିକେମଣି କୁମୁରିଆ। ଏମାନଙ୍କୁ ସମ୍ପୃକ୍ତ ସର୍ଦ୍ଦାର ଦିଲ୍ଲୀପ ତେଲଙ୍ଗାନା ରାଜ୍ୟର ସିକନ୍ଦରାବାଦକୁ କଣ୍ଟାବାଞ୍ଜିରୁ ଟ୍ରେନ୍ ଯୋଗେ ଚାଲାଣ କରିବାର ଥିଲା। ପୋଲିସକୁ ଦାନନ ସମ୍ପର୍କିତ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ସର୍ଦ୍ଦାର ଓ ଦାଦନ ଶ୍ରମିକଙ୍କୁ ଥାନାକୁ ଆଣିଥିଲେ। ଥାନାରେ ଏକ ମାମଲା (ନଂ. ୩୪୨/୨୦୨୫) ରୁଜୁ କରାଯାଇଛି। ଶ୍ରମିକମାନଙ୍କୁ ନିଜ ଗାଁକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

# ମା'ଙ୍କ ବେକ କାଟି ହତ୍ୟା

ସୁନାବେଡ଼ା/ସେମିଳିଗୁଡ଼ା,୨୧।୧୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ଥାନା ଅଧୀନ ଉପରସାହିରେ ଜଣେ ମହିଳାଙ୍କ ବେକ କାଟି ତାଙ୍କ ପୁଅ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ଭାନୁ ଖରା। ପୋଲିସ ମୃତକଙ୍କ ପୁଅ ବଳରାମ ଖରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନା ମୁତାବକ ଗୁରୁବାର ବିଳମ୍ବିତ ରାତିରେ ଭାନୁ ଓ ବଳରାମଙ୍କ ମଧ୍ୟରେ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବଳରାମ ଏକ ଧାରୁଆ ଅସ୍ତ୍ରରେ ଭାନୁଙ୍କ ବେକ କାଟି ଦେଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଭାନୁଙ୍କ ଭଣଜା ରାମଚନ୍ଦ୍ର ଖରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ସେମିଳିଗୁଡ଼ା ଥାନାଧିକାରୀ ଅନିତା କୁଜୁର ପୋଲିସ ଓ କୋରାପୁଟ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏନେଇ ପୋଲିସ କେସ୍ ନଂ. ୧୪୭/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଭାନୁଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି।

# ଏସ୍ଏସ୍ବି ଯବାନ ଗିରଫ

## ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ୨୦ଲକ୍ଷ ଠକେଇ

- ପୂର୍ବ ସରକାରରେ 'ସିଏମ୍ଓ'ରେ ଡ୍ୟୁଟି କରୁଥିଲେ
- ଠକେଇ ଜାଲରେ ଫସିଛନ୍ତି ଅନେକେ, ବଢ଼ିପାରେ ଅଭିଯୋଗ

ଭୁବନେଶ୍ୱର,୨୧।୧୧
(ସତ୍ୟଜିତ ରାଉତ)


ଗିରଫ ଏସ୍ଏସ୍ବି
ଯବାନ ସଚିତ୍ର ସେନାପତି

ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ଜମି ଦେବା ଆଳରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ ଶହୀଦନଗର ଥାନା ପୋଲିସ ଶୁକ୍ରବାର କମିଶନରେଟ୍ ପୋଲିସର ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ୍ (ଏସ୍ଏସ୍ବି)ର ଜଣେ ଯବାନଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କଟକ ୪୨ ମୌଜା ଅଞ୍ଚଳ ବେଣ୍ଟକାର ଥାନା ଅଧୀନ ଧୂଳେଶ୍ୱର ଗ୍ରାମର ସଚିତ୍ର ସେନାପତି ଓରଫ ମିଟୁ (୪୨)। ତାଙ୍କଠାରୁ ଠକେଇ ସମ୍ବନ୍ଧୀୟ ଦସ୍ତାବିଜ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ସଚିତ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ସଚିତ୍ର ଏଭଳି ଅନେକ ଲୋକଙ୍କୁ ଠକେଇ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଆଗକୁ ସଚିତ୍ରଙ୍କ ବିରୋଧରେ ଅଭିଯୋଗ ସଂଖ୍ୟା ବଢ଼ିପାରେ ବୋଲି ପୋଲିସ ଆଶଙ୍କା କରୁଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ସୁରଥ ଚନ୍ଦ୍ର ବାହୁବଳେନ୍ଦ୍ରଙ୍କୁ ସଚିତ୍ର ଠକେଇ ଜାଲରେ ଫସାଇଥିଲେ। ସଚିତ୍ର ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍ଓ)ରେ ଡ୍ୟୁଟି କରୁଥିଲେ। ୨୦୨୨ ନଭେମ୍ବରରେ ସୁରଥଙ୍କୁ ସଚିତ୍ର ତ୍ରିଶୂଳିଆ ଅଞ୍ଚଳରେ ପ୍ଲଟ୍ କିଣାଇ ଦେବେ ବୋଲି କହି ମିଛ ପ୍ରତିଶ୍ରୁତି ଦେଇ ୨୦ ଲକ୍ଷ ଟଙ୍କା ନେଇଥିଲେ। ସୁରଥ ତାଙ୍କ ସଞ୍ଚୟ ଏବଂ ବ୍ୟକ୍ତିଗତ ଋଣରୁ ଟଙ୍କା ବ୍ୟବସ୍ଥା କରି ଦୁଇଟି କିସ୍ତିରେ ସୁଚିତ୍ରଙ୍କୁ ନଗଦ ଆକାରରେ ଟଙ୍କା ଦେଇଥିଲେ। ତେବେ ଟଙ୍କା ପାଇବା ପରେ ସୁଚିତ୍ର ଧରାଛୁଆଁ ଦେଉ ନ ଥିଲେ। ଏନେଇ ଠକେଇର ଶିକାର ହୋଇଥିବା ଜାଣି ସୁରଥ ବେଣ୍ଟକାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ହସ୍ତକ୍ଷେପ ପରେ ସଚିତ୍ର ଟଙ୍କା ଫେରାଇବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଏନେଇ ବେଣ୍ଟକାର ଥାନାରେ ୩ଟି ଷ୍ଟେଶନ ଡାଏରୀ ମଧ୍ୟ ଏଣ୍ଟ୍ରି କରାଯାଇଥିଲା। ଟଙ୍କା ଫେରସ୍ତ କରିବା ପାଇଁ ସଚିତ୍ର ୧୦ ଲକ୍ଷ ଟଙ୍କାର ଦୁଇଟି ଏସ୍ବିଆଇ ଚେକ୍ ଦେଇଥିଲେ। ହେଲେ ହେଲେ ଉକ୍ତ ଆକାଉଣ୍ଟଗୁଡିକରେ ପର୍ଯ୍ୟାପ୍ତ ଟଙ୍କା ନ ଥିବା ଜଣାପଡିଥିଲା। ପରବର୍ତ୍ତୀ ସମୟରେ ଏନେଇ ସୁରଥ ଶହୀଦନଗର ଥାନାରେ ଏତଲା ଦେଇଥିଲେ। ଶହୀଦନଗର ପୋଲିସ ନଭେମ୍ବର ୧୧ରେ ମାମଲା (ନଂ.୫୩୯/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ସଚିତ୍ର ସିଏମ୍ଓ ଅଫିସରେ ଡ୍ୟୁଟି କରୁଥିବାରୁ ଲୋକମାନେ ଭୟରେ ତାଙ୍କ ବିରୋଧରେ ଅଭିଯୋଗ କରୁ ନ ଥିଲେ ବୋଲି ଜଣାପଡିଛି। ସଚିତ୍ର ୨ ବର୍ଷ ଧରି ଡ୍ୟୁଟି ଯାଉ ନ ଥିଲେ। ତେଣୁ ତାଙ୍କୁ କିଛିମାସ ତଳେ ପୋଲିସ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ସଚିତ୍ରଙ୍କ ଠକେଇ ଇତିହାସ ସମ୍ପର୍କରେ ଅଧିକ ଯାଞ୍ଚ ଚାଲିଥିବା ଜୋନ୍-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

## Business

# ଜୟଆଲୁକ୍କାସ୍‌ର 'ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲେରି ଶୋ'




ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ବିଶ୍ୱସ୍ତରୀୟ ଜୁଏଲେରି ବ୍ରାଣ୍ଡ ଜୟଆଲୁକ୍କାସ୍ ପକ୍ଷରୁ ଭୁବନେଶ୍ୱର ଜନପଥସ୍ଥିତ ଆଇକନିକ୍ ଶୋ'ରୁମ୍‌ରେ 'ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲେରି ଶୋ'ର ଶୁକ୍ରବାର ଆରମ୍ଭ କରାଯାଇଛି। ଇଣ୍ଡଲଜର ପ୍ରତିଷ୍ଠାତା ସୁକୃତି ପଟ୍ଟନାୟକ, ଅଭିନେତ୍ରୀ ଦେବଯାନୀ ଦେଘୁରିଆ, କୁକିଜ୍ ସ୍ୱାଇଁ, ଜୟଆଲୁକ୍କାସ୍‌ର ରିଟେଲ୍ ହେଡ୍ ରାଜେଶ କ୍ରିଷ୍ଣନନ୍ ଓ ମାର୍କେଟିଂ ହେଡ୍ ଅନିଶ୍ ଭାର୍ଗିସ୍ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ଅଳଙ୍କାରର କାରୁକାର୍ଯ୍ୟ, ସୌନ୍ଦର୍ଯ୍ୟ ଓ ନବୀନତାର ଏକ ଅବିସ୍ମରଣୀୟ ଉତ୍ସବ ହେବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏହି ପ୍ରଦର୍ଶନୀରେ ବିବାହ ପାଇଁ ଭାରି ସେଟ୍‌ରୁ ଆରମ୍ଭକରି ନିତିଦିନିଆ ବ୍ୟବହାରଯୋଗ୍ୟ ଅଳଙ୍କାର ଉପଲବ୍ଧ ରହିଛି। ପ୍ରତ୍ୟେକ ଡିଜାଇନ ପାରମ୍ପରିକ ଐତିହ୍ୟକୁ ଆଧୁନିକ ସ୍ପର୍ଶ ଦେଇ ତିଆରି ହୋଇଛି । ଏହି ସମସ୍ତ ମାଷ୍ଟରପିସ୍ ଡିଜାଇନଗୁଡ଼ିକ କେବଳ ପ୍ରଦର୍ଶନୀ ସମୟରେ ହିଁ ଉପଲବ୍ଧ ରହିବ। ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡା. ଜୟ ଆଲୁକ୍କାସ୍ କହିଛନ୍ତି, ବ୍ରିଲିଆନ୍ସ ଡାଏମଣ୍ଡ ଭୁବନେଶ୍ୱର ଆମର ଯାତ୍ରାରେ ବିଶେଷ ସ୍ଥାନ ବହନ କରିଛି। ଉତ୍ସବ ଋତୁରେ ଆୟୋଜିତ ଏହି ପ୍ରଦର୍ଶନୀରେ ଗ୍ରାହକମାନଙ୍କୁ ସୌନ୍ଦର୍ଯ୍ୟ, ବ୍ୟକ୍ତିତ୍ୱ ଓ ଉତ୍କୃଷ୍ଟ କାରୁକାର୍ଯ୍ୟର ଅନନ୍ୟ ଡିଜାଇନ ଦେଖିବାକୁ ମିଳିବ । ଏହି ଅବସରକୁ ଆହୁରି ଚମକଦାର କରିବା ପାଇଁ ପ୍ରଦର୍ଶନୀ ଅବଧିରେ ୧ ଲକ୍ଷ ଟଙ୍କା ବା ତା'ଠାରୁ ଅଧିକ ମୂଲ୍ୟର ହୀରା ଅଳଙ୍କାର କିଣିଲେ ଗ୍ରାହକମାନଙ୍କୁ ମାଗଣାରେ ଏକ ସୁନା କଏନ ଉପହାର ମିଳିବ। ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲେରି ଶୋ' କେବଳ ଭୁବନେଶ୍ୱରର ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ଡିସେମ୍ବର ୭ ପର୍ଯ୍ୟନ୍ତ ଚାଲିବ ।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ମେଗା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ

ସମ୍ବଲପୁର,୨୧।୧୧(ବି.ଶଙ୍କର)

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମେଗା ଏମ୍ଏସ୍ଏମ୍ଇ ଋଣ ଆଉଟ ରିଚ୍ କାର୍ଯ୍ୟକ୍ରମ ସୁନ୍ଦରଗଡଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଞ୍ଚଳର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ଆର୍ଥିକ ସହାୟତା ପ୍ରଦାନ କରିବା ଉକ୍ତ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା । ବ୍ୟାଙ୍କର ସମ୍ବଲପୁର ଅଞ୍ଚଳ ଆଞ୍ଚଳିକ ମୁଖ୍ୟ ଦିବ୍ୟେନ୍ଦୁ କୁମାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ ଉଦ୍ୟୋଗଗୁଡିକର ଅଭିବୃଦ୍ଧି ପାଇଁ ଋଣ ପ୍ରବାହ ଉପରେ ଗୁରୁତ୍ୱାରୋପ କରି ବ୍ୟାଙ୍କର ବିଭିନ୍ନ ଏମ୍ଏସ୍ଏମ୍ଇ ଯୋଜନା ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ପ୍ରବନ୍ଧକ ସବ୍ୟସାଚୀ ମିଶ୍ର ଅଂଶଗ୍ରହଣ କରିଥିବା ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ଜଣ ହିତାଧିକାରୀ ଅଂଶଗ୍ରହଣ କରିଥିଲେ ।

# ଓଡ଼ିଶାରେ ଗ୍ୟାଲାକ୍ସି ହେଲ୍‌ଥ ଇନ୍ସ୍ୟୁରାନ୍ସର ଆଞ୍ଚଳିକ କାର୍ଯ୍ୟାଳୟ




ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ହେଲ୍‌ଥ ଇନ୍ସ୍ୟୁରାନ୍ସ କମ୍ପାନୀ ଗ୍ୟାଲାକ୍ସି ହେଲ୍‌ଥ ଇନ୍ସ୍ୟୁରାନ୍ସ ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟର ଶୁଭାରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ଆପୋଲୋ ହସ୍ପିଟାଲର ଚିଫ୍ ଅପରେଟିଂ ଅଫିସର୍ ତଥା ଡିଏମ୍ଏସ୍ ଡା. ଆଲୋକ ଶ୍ରୀବାସ୍ତବ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବ ଭାରତରେ ନିଜ ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ସମସ୍ତଙ୍କ ପାଇଁ ସୁଲଭ ଏବଂ ସମାବେଶୀ ସ୍ୱାସ୍ଥ୍ୟ ବୀମା ସମାଧାନ କମ୍ପାନୀର ଉଦ୍ଦେଶ୍ୟ ଥିବା ଗ୍ୟାଲାକ୍ସି ହେଲ୍‌ଥ ଇନ୍ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଜି. ଶ୍ରୀନିବାସନ କହିଛନ୍ତି। ଚିଫ୍ ମାର୍କେଟିଂ ଅଫିସର ଏସ୍ ଗୁରୁ ପ୍ରକାଶ କହିଛନ୍ତି, ବଢୁଥିବା ସ୍ୱାସ୍ଥ୍ୟ ଚିକିତ୍ସାର ଆବଶ୍ୟକତା ଏବଂ ବୀମା ଧାରକ ମଧ୍ୟରେ ଥିବା ବ୍ୟାପକ ଅନ୍ତର ଏହା ସୂଚାଇଥାଏ ଯେ ରାଜ୍ୟରେ ଅଧିକ ସମାବେଶୀ ଏବଂ ସୁଲଭ କଭରେଜ୍ ନିହାତି ଆବଶ୍ୟକ। ଗ୍ୟାଲାକ୍ସି ହେଲ୍‌ଥ ଇନ୍ସ୍ୟୁରାନ୍ସ ଅନୌପଚାରିକ କ୍ଷେତ୍ରର କର୍ମୀ, ନିମ୍ନମଧ୍ୟବିତ୍ତ ବର୍ଗର ପରିବାର ଏବଂ ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟ ସୁରକ୍ଷା ସୁଲଭ କରାଇବାକୁ ଉଦ୍ୟମ କରୁଛି। ପୂର୍ବ ଭାରତର ବିକାଶର ଅଂଶ ଭାବେ ଗ୍ୟାଲାକ୍ସି ବିତ୍ତୀୟ ବର୍ଷ ୨୬ ମଧ୍ୟରେ ଓଡ଼ିଶାରେ ୧୦୦୦ରୁ ଅଧିକ ଏଜେଣ୍ଟ ଯୋଡ଼ିବାର ଯୋଜନା ରଖିଥିବା ଚିଫ୍ ଅଣ୍ଡର ରାଇଟିଂ ଅଫିସର୍ ଆର୍. ମାର୍ଗବନ୍ଧୁ କହିଛନ୍ତି। ଉପେକ୍ଷିତ ଅଞ୍ଚଳରେ ବୀମା ସଚେତନତା ଏବଂ ପ୍ରାପ୍ତି ବଢ଼ାଇବା ପାଇଁ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମକୁ ବ୍ୟବହାର କରିବାରେ କମ୍ପାନୀ ଗୁରୁତ୍ୱ ଦେବ ବୋଲି ଷ୍ଟେଟ୍ ହେଡ୍ ପିସି ତ୍ରିପାଠୀ କହିଛନ୍ତି। ସେ କହିଛନ୍ତି, ଓଡ଼ିଶା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବିକଶିତ ମାର୍କେଟ, ଯେଉଁଠାରେ ବିଶ୍ୱସନୀୟ ସ୍ୱାସ୍ଥ୍ୟ ବୀମା ପ୍ରତି ଚାହିଦା ଦିନକୁ ଦିନ ବଢୁଛି। ଭୁବନେଶ୍ୱରରେ ଆମର ଉପସ୍ଥିତି ସହ ଆମେ ସ୍ୱାସ୍ଥ୍ୟ ସୁରକ୍ଷାକୁ ସହଜ, ସୁଲଭ ଏବଂ ସମାବେଶୀ କରିବାକୁ ଲକ୍ଷ୍ୟ ରଖିଛୁ। ସୂଚନାଥାଉକି, ଗ୍ୟାଲାକ୍ସି ହେଲ୍‌ଥ ଇନ୍ସ୍ୟୁରାନ୍ସ ଆଇଆର୍‌ଡିଏଆଇଠାରୁ ୨୦୨୪ ମାର୍ଚ୍ଚରେ ଲାଇସେନ୍ସ ପାଇଥିଲା। ପ୍ରଥମ ବର୍ଷରେ କମ୍ପାନୀ ୧୪,୦୦୦ ରୁ ଅଧିକ ଏଜେଣ୍ଟ ବିକଶିତ କରିଛି ଏବଂ ସମଗ୍ର ଭାରତରେ ୨.୫ ଲକ୍ଷଠାରୁ ଅଧିକ ଲୋକଙ୍କୁ ବୀମା ସୁରକ୍ଷା ଦେଇଛି।

# ଆମଷ୍ଟ୍ରାଡ୍‌ର ନୂତନ ଉନ୍ମୋଚିତ




ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ଆମଷ୍ଟ୍ରାଡ୍ କଞ୍ଜ୍ୟୁମର ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହାର ବ୍ୟାପକ ରେଞ୍ଜର ଉତ୍ପାଦର ଉନ୍ମୋଚନ କରାଯାଇଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଉନ୍ମୋଚନ କାର୍ଯ୍ୟକ୍ରମରେ କମ୍ପାନୀର ମୁଖ୍ୟ ପରାମର୍ଶଦାତା ନିପୁଣ ସିଂଘଲ ଯୋଗଦେଇ ଉତ୍ପାଦଗୁଡ଼ିକ ସମ୍ପର୍କରେ ବିସ୍ତୃତ ସୂଚନା ଦେବାସହ ଓଡ଼ିଶାର ବ୍ୟବସାୟ ବିସ୍ତାର ନେଇ ରହିଥିବା ଯୋଜନା ସମ୍ପର୍କରେ କହିଥିଲେ। କମ୍ପାନୀ ସୁଲଭ ମୂଲ୍ୟରେ ଲଗ୍‌ଜରୀ ଉତ୍ପାଦ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ହିଁ କମ୍ପାନୀର ବିଶେଷତ୍ୱ ବୋଲି କହିଥିଲେ। ବର୍ତ୍ତମାନ ରାଜ୍ୟର ୩୦ ଜିଲାରେ ଶତାଧିକ ଡିଲର ରହିଥିବାବେଳେ ଆଗକୁ ଡିଲରସିପ୍ ବୃଦ୍ଧି କରାଯିବ ବୋଲି ସେ କହିଥିଲେ। ୬ବର୍ଷର ଯାତ୍ରା ମଧ୍ୟରେ ଓଡ଼ିଶାରେ ଆମଷ୍ଟ୍ରାଡ ଲୋକପ୍ରିୟତା ହାସଲ କରିଥିବା ଆମଷ୍ଟ୍ରାଡ୍ (ଅପରରେଶନ) ମୁଖ୍ୟ ଧୀରଜ ସାରସ୍ୱତ କହିଛନ୍ତି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସୁପର ହେଭି ଡ୍ୟୁଟି ଏୟାର କଣ୍ଡିଶନର, ଟେଲିଭିଜନ ଲାଇନ୍‌ଅପ୍ ମିନି କ୍ୟୁଏଲଇଡ୍, ଗେମିଂ ଟିଭି, କ୍ୟୁଏଲଇଡି ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାରୁ ଗୌତମ ନାୟକ, ବିଭୂତି ବେଜ୍ ଏବଂ ଅରବିନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଉଛି ଏଏମ୍ଏନ୍ଏସ୍ ଇଣ୍ଡିଆ

ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍ଏନ୍ଏସ୍ ଇଣ୍ଡିଆ) କମ୍ପାନୀ କର୍ମଚାରୀମାନଙ୍କ ଦ୍ୱାରା ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦୦ରୁ ଅଧିକ ପିଲା ସାମିଲ ହୋଇ ଶିକ୍ଷଣ, ସୃଜନଶୀଳତା ଓ ସାଂସ୍କୃତିକ ବାର୍ତ୍ତା ଆଦାନ ପ୍ରଦାନ କରିଛନ୍ତି। ପାରାଦୀପରେ ନିମିଧିସ୍ଥିତ ଶ୍ରୀ ଲୋକନାଥ ଶିକ୍ଷାଶ୍ରମରେ ୫୪ ଜଣ ପିଲା ଓ କର୍ମଚାରୀଙ୍କ ସହ କେକ୍ କାଟି ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହାପରେ ପିଲା ଓ କର୍ମଚାରୀମାନେ ମିଶି ନୋଟବୁକ୍ ତିଆରି କାର୍ଯ୍ୟକ୍ରମରେ ଭାଗ ନେଇ ସୃଜନଶୀଳତା ଓ ଟିମ୍‌ୱର୍କର ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଏମ୍ଏନ୍ଏସ୍ ଇଣ୍ଡିଆର ପାରାଦୀପ ପେଲେଟ ପ୍ଲାଣ୍ଟ ମୁଖ୍ୟ ଚନ୍ଦ୍ର ହରିପ୍ରସାଦ, ଓଡ଼ିଶା ଫାଇନାନ୍ସ ଓ ଆକାଉଣ୍ଟସ ମୁଖ୍ୟ ସଞ୍ଜୀବ ସିଂହ, ଏଏମ୍ଏନ୍ଏସ୍ ପୋର୍ଟସ ଫାଇନାନ୍ସ ମୁଖ୍ୟ ପ୍ରଶାନ୍ତ ବେହେରା ଏବଂ ଶ୍ରୀ ଲୋକନାଥ ଶିକ୍ଷାଶ୍ରମର ସଚିବ ପ୍ରଦୀପ୍ତ କୁମାର ଭୂୟାଁ ଉପସ୍ଥିତ ଥିଲେ। ଠାକୁରାଣୀ ଖଣିରେ ଛାତ୍ରୀଛାତ୍ରଙ୍କ ପାଇଁ ବିଜ୍ଞାନ ମଡେଲ କାର୍ଯ୍ୟକ୍ରମ କରାଯାଇଥିଲା। ମ୍ୟାଗ୍ନେଟିକ ଲେଭିଟେସନ, ପବନଚକି, ନିୟୁଟନଙ୍କ ରଙ୍ଗ ଡିସ୍କ, ଇଲେକ୍ଟ୍ରୋମ୍ୟାଗ୍ନେଟ ଆଦି ୮୨ଟି ବ୍ୟବହାରିକ ମଡେଲ ତିଆରି କରାଯାଇ ନିକଟସ୍ଥ ବିଦ୍ୟାଳୟମାନଙ୍କୁ ବଣ୍ଟନ କରାଯାଇଛି। ଏହା ଦ୍ୱାରା ପିଲାମାନେ ବିଜ୍ଞାନକୁ ବ୍ୟବହାରିକ ଭାବେ ବୁଝି ସମସ୍ୟା ସମାଧାନ ଓ ସମାଲୋଚନା କ୍ଷମତା ବଢ଼ାଇପାରିବେ। ଠାକୁରାଣୀ ଖଣି ମ୍ୟାନେଜର ଇନ୍ଦ୍ରକାନ୍ତ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହା ବ୍ୟତୀତ ପାରାଦୀପ ଓ ବଡ଼ବିଲ କାର୍ଯ୍ୟାଳୟରେ ଏଚଆର୍ ଟିମ ଦ୍ୱାରା ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ସହ ମଜାଦାର ଖେଳର ଆୟୋଜନ କରାଯାଇଥିଲା।




# ଟିଏସ୍‌ଡିପିଏଲ୍ କଳିଙ୍ଗନଗରକୁ ସୁରକ୍ଷା ଉତ୍କର୍ଷ ପୁରସ୍କାର




ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ଟାଟା ଷ୍ଟିଲ ଡାଉନ ଷ୍ଟ୍ରିମ ପ୍ରଡକ୍ଟସ୍ ଲିମିଟେଡ୍(ଟିଏସ୍‌ଡିପିଏଲ), କଳିଙ୍ଗନଗରକୁ ୨୦୨୪-୨୫ ବର୍ଷ ପାଇଁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାରର ପ୍ଲାଟିନମ୍ ବର୍ଗରେ ପୁରସ୍କୃତ କରାଯାଇଛି। ଏହି ସମ୍ମାନ ଓଡ଼ିଶା ସରକାରଙ୍କ କାରଖାନା ଓ ବଏଲର୍ ନିର୍ଦ୍ଦେଶାଳୟ ଅଧୀନରେ ଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମ୍ଏସ୍)ଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଚଳିତ ବର୍ଷ ଏଥି ନିମନ୍ତେ ଭାରତର ୧୦୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିଥିଲେ। ଚଳିତ ମାସ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସମାରୋହରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏବଂ ଯାଜପୁର ଏମ୍‌ପି ଡ. ଆର.ଏନ୍. ବେହେରା ଏହି ସମ୍ମାନ ପ୍ରଦାନ କରିଥିଲେ। ଟିଏସ୍‌ଡିପିଏଲ୍, କଳିଙ୍ଗନଗର ପ୍ଲାଣ୍ଟର ମୁଖ୍ୟ ରାଜେଶ ଚୌଧୁରୀ, ଟିନ୍ ପ୍ଲେଟ୍ ଏବଂ ମେଟାଲିକ୍ସ ବିଭାଗର ମୁଖ୍ୟ ଅଗମ କୁମାର ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଚୌଧୁରୀ କହିଥିଲେ, ପ୍ଲାଣ୍ଟରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମେ ଡିଜିଟାଲାଇଜେଶନ୍, ଅଟୋମେଶନ୍, କ୍ୟାମେରା ମାଧ୍ୟମରେ ଉନ୍ନତ ନିରୀକ୍ଷଣ, ସୁରକ୍ଷା ବାଡ଼, ପ୍ରତିକାରମୂଳକ ରକ୍ଷଣାବେକ୍ଷଣ ପ୍ରଣାଳୀ ଏବଂ ଆଚରଣଗତ ପରିବର୍ତ୍ତନ କାର୍ଯ୍ୟକ୍ରମ କରିଥାଏ।

# ହ୍ୟୁମାନ ସାଗରଙ୍କ ମୃତ୍ୟୁ ପଛରେ ଷଡ଼ଯନ୍ତ୍ର

## କୋଶଲବାଦୀ ସଙ୍ଗଠନ ଆଣିଲା ଗୁରୁତର ଅଭିଯୋଗ

- ୨ ମ୍ୟାନେଜରଙ୍କ ବିରୋଧରେ ତଦନ୍ତ ଦାବି
- ହ୍ୟୁମାନ ମା'ଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନର ପ୍ରତିବାଦ କଲେ



ହ୍ୟୁମାନ ସାଗରଙ୍କ ମୃତ୍ୟୁର ତଦନ୍ତ ଦାବି ନେଇ କୋଶଲବାଦୀ ସଙ୍ଗଠନ ପକ୍ଷରୁ ବଲାଙ୍ଗୀର ଟାଉନ୍ ଥାନାରେ ଅଭିଯୋଗପତ୍ର ଦିଆଯାଉଛି।

ବଲାଙ୍ଗୀର,୨୧।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ବିବାଦ ଥମିବାର ନାଁ ନେଉନାହିଁ। ଶୁକ୍ରବାର ବଲାଙ୍ଗୀର ଟାଉନ୍ ଥାନାରେ ବିଭିନ୍ନ କୋଶଲବାଦୀ ସଙ୍ଗଠନ ଗୁରୁତର ଅଭିଯୋଗ ଆଣି ହ୍ୟୁମାନ ସାଗରଙ୍କ ମୃତ୍ୟୁ ପଛରେ ବିରାଟ ଷଡ଼ଯନ୍ତ୍ର ରହିଛି ଏବଂ ଏହାର ତଦନ୍ତ ଜରୁରୀ ବୋଲି ଦାବି କରିଛନ୍ତି। ଥାନାକୁ ଯାଇ ବିଭିନ୍ନ ସଙ୍ଗଠନର ପ୍ରତିନିଧିମାନେ ହ୍ୟୁମାନ ସାଗରଙ୍କ ୨ ମ୍ୟାନେଜର ଦିନେଶ ବେହେରା ଏବଂ ପ୍ରଶାନ୍ତ ବେହେରାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ହ୍ୟୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ସମୟରେ ମଧ୍ୟ ଷ୍ଟେଜ୍ ଶୋ' କରିବାକୁ ତାଙ୍କୁ ବାଧ୍ୟ କରାଯାଉଥିଲା। ଅସୁସ୍ଥ ହ୍ୟୁମାନଙ୍କୁ ଜୋରଜବରଦସ୍ତ ଷ୍ଟେଜ୍‌କୁ ନେଇ ପ୍ରୋଗ୍ରାମକରି ତାଙ୍କ ଜୀବନକୁ ବିପଦକୁ ଠେଲିଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରିକି ହ୍ୟୁମାନଙ୍କ ମା'ଙ୍କୁ ମ୍ୟାନେଜର ବିଶେଷ ଭାବେ ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି, ତାକୁ ମଧ୍ୟ କଡ଼ା ଭାଷାରେ ସମାଲୋଚନାକରି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅସୁସ୍ଥ ହ୍ୟୁମାନଙ୍କୁ ନିଜର ଆର୍ଥିକ ଲାଭ ପାଇଁ ବ୍ୟବହାର କରାଯାଉଥିବା ଏବଂ ତାଙ୍କର ଅର୍ଥ ସଂକ୍ରାନ୍ତୀୟ ନେଣଦେଣକୁ ମଧ୍ୟ ସେହି ୨ମ୍ୟାନେଜର ପରିଚାଳନା କରୁଥିବା ଅଭିଯୋଗ ଆଣି ଏହାର ତଦନ୍ତ ଦାବି କରିଛନ୍ତି। ବିଭିନ୍ନ ସଙ୍ଗଠନର ପ୍ରତିନିଧିମାନେ ଗଣମାଧ୍ୟମରେ କହିଛନ୍ତି, ହ୍ୟୁମାନ କୋଶଲାଞ୍ଚଳର କଳାକାର ହୋଇଥିବାରୁ ଏବଂ ଖୁବ୍ କମ୍ ଦିନରେ ପ୍ରସିଦ୍ଧି ଲାଭ କରିଥିବାରୁ ତାଙ୍କ ବିରୋଧରେ ଏଭଳି ଷଡ଼ଯନ୍ତ୍ର ହୋଇଥିବା ସନ୍ଦେହ କରାଯାଉଛି। ଏହି ଷଡ଼ଯନ୍ତ୍ରରେ ଯେଉଁମାନେ ସାମିଲ ଅଛନ୍ତି, ସେମାନଙ୍କ ସବିଶେଷ ତଦନ୍ତକରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଶୁକ୍ରବାର କୋଶଲବାଦୀ ସଙ୍ଗଠନର ସିପୁନ୍ ଖମାରୀ, ବିନୋଦ କୁମାର କାଲସାଏ, ବିକାଶ ସା, ଗୋବିନ୍ଦ ଶତପଥୀ ଓ ଅନ୍ୟମାନେ ଟାଉନ୍ ଥାନାକୁ ଯାଇ ଆଇଆଇସି ଅବନୀ କୁମାର ସାହୁଙ୍କୁ ଅଭିଯୋଗପତ୍ର ଦେଇଥିଲେ। ଏହାର ଉଚିତ ତଦନ୍ତ କରା ନ ଗଲେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ ନିଷ୍କ୍ରିୟକଲେ ଯବାନ

ମାଲକାନଗିରି,୨୧।୧୧ (ସୁଚିତ୍ରା ଦାସ)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ଯବାନଙ୍କୁ ଟାର୍ଗେଟକରି ମାଓବାଦୀମାନେ ଖଞ୍ଜିଥିବା ୨୦ କେ.ଜି.ର ଲ୍ୟାଣ୍ଡମାଇନ ଉଦ୍ଧାର କରାଯାଇଛି। ପରେ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଲ୍ୟାଣ୍ଡମାଇନକୁ ନିଷ୍କ୍ରିୟ କରିଥିଲେ।

ଭେରମଗଡ଼ ଥାନା ଅଞ୍ଚଳର ଚେହକା ଓ ଉସପାରୀ ଜଙ୍ଗଲରେ ସିଆର୍‌ପିଏଫ୍ ଓ ଡିଆର୍‌ଜି ଯବାନ କୋମ୍ବିଂ ଅପରେଶନ କରୁଥିଲେ। ତେବେ ରାସ୍ତାରେ ଏକ ବିଦ୍ୟୁତ୍ ତାର ପଡ଼ିଥିବା ଯବାନମାନେ ଦେଖି ଅତି ସତର୍କତାର ସହ ତାର ଲମ୍ବିଥିବା ସ୍ଥାନକୁ ଯାଇଥିଲେ। ସେଠାରେ ମାଓବାଦୀମାନେ ଏକ ଲ୍ୟାଣ୍ଡମାଇନ ଖଞ୍ଜିଥିବା ଯବାନମାନେ ଦେଖି ତୁରନ୍ତ ବୋମା ନିଷ୍କ୍ରିୟକାରୀ ଦଳକୁ ଡାକିଥିଲେ। ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ବୋମାକୁ ଅତି ସର୍ତ୍ତକତାର ସହ ବିସ୍ଫୋରଣ କରିଥିଲେ। ବୋମା ବିସ୍ଫୋରଣର ଶବ୍ଦ ଏତେ ଭୟଙ୍କର ଥିଲା ଯେ, ଏହା ୩ କିଲୋମିଟର ପର୍ଯ୍ୟନ୍ତ ଶୁଭିଥିଲା। ଏକ ବଡ଼ ଅଘଟଣରୁ ଯବାନମାନେ ବର୍ତ୍ତିଯାଇଥିବା କୁହାଯାଇଛି। ତେବେ ଏହି ଅଞ୍ଚଳକୁ ଯବାନମାନେ ଘେରିବା ସହ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରିଥିଲେ।

# ବଢ଼ିଲା ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି

## ଛାତ୍ରୀଙ୍କୁ ୧୭ହଜାର, ଛାତ୍ରଙ୍କୁ ୧୬ହଜାର

ଭୁବନେଶ୍ୱର,୨୧।୧୧(ରବିନାରାୟଣ ଜେନା)

ରାଜ୍ୟରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ସରକାର ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଲୋକସେବାଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ହାର ବୃଦ୍ଧି କରାଯାଇଛି।

ଏ ସଂକ୍ରାନ୍ତରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ରାଜ୍ୟରେ ଖାଦ୍ୟ ସାମଗ୍ରୀ ଏବଂ ଦୈନିକ ବ୍ୟବହାର କରାଯାଉଥିବା ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧିକୁ ଲକ୍ଷ୍ୟକରି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ, ଛାତ୍ରମାନଙ୍କ ପାଇଁ ଏହି ରାଶି ୧୦,୫୦୦ରୁ ୧୬ହଜାରକୁ ବୃଦ୍ଧି କରାଯାଇଥିବାବେଳେ ଛାତ୍ରୀମାନଙ୍କ କ୍ଷେତ୍ରରେ ୧୧ହଜାରରୁ ୧୭,୦୦୦ ଟଙ୍କା(ସର୍ବାଧିକ ୧୦ ମାସ ପାଇଁ) ବୃଦ୍ଧି କରାଯାଇଛି। ଏହି ଛାତ୍ରବୃତ୍ତି ଶିଶୁବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ତେବାସୀ ଛାତ୍ରୀଛାତ୍ରମାନଙ୍କୁ ମିଳିବ।

ମାତ୍ର ଅନ୍ୱେଷା ଛାତ୍ରାବାସରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ପ୍ରାକ୍- ମାଟ୍ରିକ ଛାତ୍ରବୃତ୍ତି ବାବଦକୁ ବାର୍ଷିକ ୧୧,୦୦୦ ଟଙ୍କା ପରିବର୍ତ୍ତେ ୧୭,୦୦୦ ଟଙ୍କା ପାଇବେ। ସେହିପରି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଅନ୍ତେବାସୀ ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରଦାନ କରାଯାଇଥିବା ମେସ୍ ପରିଚାଳନା ଖର୍ଚ୍ଚ ଯଥା ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ହାରକୁ ମଧ୍ୟ ବୃଦ୍ଧି କରାଯାଇଛି। ଏହି ଯୋଜନା ମାଧ୍ୟମରେ ପ୍ରତି ଛାତ୍ର ବାର୍ଷିକ ୧୧ହଜାରରୁ ୧୬,୦୦୦ ଟଙ୍କା ପାଇବାକୁ ରହିଥିବାବେଳେ ଛାତ୍ରୀମାନେ ୧୭,୦୦୦ ଟଙ୍କା ବାର୍ଷିକ(୧୦ମାସ ପାଇଁ) ପାଇବେ। ଏହି ଛାତ୍ରବୃତ୍ତି ସଂଶୋଧନ ଦ୍ୱାରା ବିଦ୍ୟାଳୟରେ ଅଧ୍ୟୟନରତ ଅନୁସୂଚିତ ଜନଜାତି ବର୍ଗର ଅନ୍ତେବାସୀ ଛାତ୍ରୀଛାତ୍ରମାନେ ଉନ୍ନତମାନର ଓ ପୁଷ୍ଟିକର ଖାଦ୍ୟ ପାଇପାରିବେ। ଏହି ବର୍ଦ୍ଧିତ ଛାତ୍ରବୃତ୍ତି ୨୦୨୫-୨୬ ଶିକ୍ଷାବର୍ଷର ଡିସେମ୍ବର ମାସ ପହିଲାଠାରୁ ଲାଗୁ କରାଯିବ ବୋଲି ମୁଖ୍ୟଶାସନ ସଚିବ କହିଛନ୍ତି।

# ୬ କାଉନସିଲରଙ୍କ ସଭ୍ୟପଦ ରଦ୍ଦ

## ଦଳବଦଳ ଅଭିଯୋଗ

ସୋର,୨୧।୧୧(ଜନ୍ମେଜୟ ମିଶ୍ର)

ସୋର ପୌରପାଳିକାର ୬ଜଣ କାଉନସିଲର ଭାଜପାରୁ ଜିତି ବିଜେଡିରେ ଯୋଗଦାନ କରିଥିବାରୁ ରାଜ୍ୟ ନିର୍ବାଚନ କମିଶନର ସେମାନଙ୍କର ସଭ୍ୟପଦକୁ ରଦ୍ଦ କରିଛନ୍ତି। ସେମାନେ ହେଲେ ରଞ୍ଜନ ଦାସ, ସସ୍ମିତା ଦାସ, ପବିତ୍ର ସେଠୀ, ତନୟାରାଣୀ ମହାପାତ୍ର, ଉର୍ମିଳା ରାଉତ ଓ ରିନାରାଣୀ ସେଠୀ। ୨୦୨୪ ସାଧାରଣ ନିର୍ବାଚନ ସମୟରେ ଏହି ୬ କାଉନସିଲର ଭାଜପା ଦଳ ଛାଡିବିଜେଡିରେ ମିଶିବା ସହ ବିଜେଡି ବିଧାୟକଙ୍କୁ ସମର୍ଥନ କରିଥିଲେ। ଏନେଇ ଭାଜପା ନେତା ନଳିନୀକାନ୍ତ ମହାପାତ୍ର ଜୁନ ୩ରେ ନିର୍ବାଚନ କମିଶନଙ୍କଠାରେ ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘ ୧୭ମାସ ପରେ ୨୧ ତାରିଖରେ ରାଜ୍ୟ ନିର୍ବାଚନ କମିଶନ ଭାରପ୍ରାପ୍ତ ପୌରାଧକ୍ଷଙ୍କ ସମେତ ୬ଜଣ କାଉନସିଲରଙ୍କ ସଭ୍ୟପଦକୁ ରଦ୍ଦ କରିଛନ୍ତି। ବାଲେଶ୍ୱର ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ନଳିନୀକାନ୍ତ ମହାପାତ୍ରଙ୍କ ଦ୍ୱାରା ୩ ଜୁନ, ୨୦୨୪ରେ ଏସଇସି, ଓଡିଶା ସମ୍ମୁଖରେ ଏକ ଅଭିଯୋଗ ଆବେଦନ ଦାଖଲ କରାଯାଇଥିଲା। ୨୦୨୨ରେ ସୋର ପୌରପାଳିକାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଭାଜପା ଦଳୀୟ ଟିକେଟ ଓ ଦଳୀୟ ଚିହ୍ନରେ ସୋର ପୌରପାଳିକାର ୬ ଜଣ କାଉନସିଲରଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପ୍ରସଙ୍ଗରେ ଓଡ଼ିଶା ପୌରପାଳିକା ଆଇନ, ୧୯୫୦ର ଧାରା-୪୬କ ଅନୁଯାୟୀ ସୋର ଏନଏସିର ୟୁନିଟ ଏବଂ ପୂର୍ବତନ ଅଧ୍ୟକ୍ଷ ଯଥା ୱାର୍ଡ ନମ୍ବର ୧ର କାଉନସିଲର ଉର୍ମିଳା ରାଉତ, ୱାର୍ଡନମ୍ବର ୨ର କାଉନସିଲର ରୀନାରାଣୀ ସେଠୀ, ୱାର୍ଡ ନମ୍ବର ୩ର କାଉନସିଲର ସସ୍ମିତା ଦାସ, ୱାର୍ଡନମ୍ବର ୮ର କାଉନସିଲର ପବିତ୍ର ସେଠୀ, ୱାର୍ଡ ନମ୍ବର ୯ର କାଉନସିଲର ରଞ୍ଜନ କୁମାର ଦାସ ଏବଂ ୱାର୍ଡ ନମ୍ବର ୧୪ର କାଉନସିଲର ତନୟା ରାଣୀ ମହାପାତ୍ର ୧୯।୩।୨୦୨୪ରେ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ। ସୋରୋ ପୌରପାଳିକାରେ ୧୯ଟିୱାର୍ଡରହିଛି। ଗତ ୨୪।୩।୨୦୨୨ରେ ସୋର ପୌରପାଳିକାରେ ଅନୁଷ୍ଠିତ ପୌର ନିର୍ବାଚନରେ ଭାରତୀୟ ଜନତା ପାର୍ଟିରୁ ୧୨ଜଣ କାଉନସିଲର ନିର୍ବାଚିତ ହୋଇଥିଲେ। ବିଜେଡିରୁ ୪ ଜଣ କାଉନସିଲର ଓ କଂଗ୍ରେସ ରୁ ୩ ଜଣ କାଉନସିଲର ନିର୍ବାଚିତ ହୋଇଥିଲେ।

# ରାଜ୍ୟରେ ୧୩୦୦, ଖୋର୍ଦ୍ଧା ଜିଲାରେ ୨୮୫ ବେଆଇନ ବିଦ୍ୟାଳୟ

- ଓଏଚ୍‌ଆର୍‌ସିରେ ମାମଲା: ତଥ୍ୟ ରଖିଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ
- ଶିକ୍ଷା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିବେଦନ କଲା ଜାତୀୟ ଅଭିଭାବକ ମହାସଂଘ

ଭୁବନେଶ୍ୱର,୨୧।୧୧ (ସୁଚିସ୍ମିତା ସାହୁ)

ରାଜ୍ୟରେ ୧୩୦୦ରୁ ଅଧିକ ବିଦ୍ୟାଳୟ ବେଆଇନ ଭାବେ ଚାଲୁଛି। କେବଳ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୮୫ ବିଦ୍ୟାଳୟ ବିନା ସ୍ୱୀକୃତିରେ ଚାଲୁଛି। ଏନେଇ ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନ ପକ୍ଷରୁ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ହୋଇଥିବା ମାମଲାର ଶୁଣାଣିବେଳେ ଏଭଳି ତଥ୍ୟ ରଖିଛନ୍ତି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ। ଏହାକୁ ନେଇ ମହାସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ମହାସଂଘ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ କହିଛନ୍ତି, ଖୋଦ୍ ଶିକ୍ଷା ବିଭାଗର ଅଧିକାରୀଙ୍କ ଭିତିରି ପ୍ରୋତ୍ସାହନରେ ଏସବୁ ବେଆଇନ ସ୍କୁଲ ଗଢ଼ି ଉଠୁଛି। ଏଥିଯୋଗୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବାବେଳେ ଜିଲା ଶିକ୍ଷା ଅଧିକାରୀମାନେ ବିପୁଳ ଫାଇଦା ନେଉଛନ୍ତି। ଫଳରେ ଏସବୁ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଛି।

ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଚ୍ଛେଦ ୧୮ ଅନୁଯାୟୀ, କୌଣସି ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନ ବେସରକାରୀ ବିଦ୍ୟାଳୟ ଖୋଲିବାକୁ ହେଲେ ସରକାରଙ୍କ ତରଫରୁ ପ୍ରଥମେ ଅନୁମତି ଏବଂ ପରବର୍ତ୍ତୀ ଅବସ୍ଥାରେ ସ୍ୱୀକୃତି ନେବାକୁ ବାଧ୍ୟ। ଯଦି ଏହାକୁ ଅବମାନନା କରି କୌଣସି ବିଦ୍ୟାଳୟ ଚାଲୁଥିବା ସରକାରଙ୍କ ଦୃଷ୍ଟିଗୋଚର ହୁଏ, ତା'ହେଲେ ୧ ଲକ୍ଷ ଟଙ୍କା ଜରିମାନା ଏବଂ ପରବର୍ତ୍ତୀ ଅବସ୍ଥାରେ ଦୈନିକ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟର ପ୍ରାବଧାନ ରହିଛି। ଏନେଇ ଜିଲା ଶିକ୍ଷାଧିକାରୀମାନେ ରୁଲ୍-୧୪ ଅନୁଯାୟୀ ସ୍ୱୀକୃତି ପ୍ରତ୍ୟାହାର ପାଇଁ ପଦକ୍ଷେପ ନେଇପାରିବେ। ହେଲେ ୨୦୧୮ରୁ ପ୍ରତ୍ୟେକ ବର୍ଷ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ଜିଲା ଶିକ୍ଷାଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି କରାଯାଉଥିଲେ ହେଁ ସେମାନେ ଚୁପ୍ ବସିଛନ୍ତି। ମାନବାଧିକାର ଆୟୋଗଙ୍କ ଶୁଣାଣି ସମୟରେ ଏ ସମ୍ପର୍କିତ ସମସ୍ତ ତଥ୍ୟ କମିଶନରଙ୍କୁ ପ୍ରଦାନ କରାଯାଇଛି। ଏହି ବେଆଇନ ବିଦ୍ୟାଳୟ ଏବଂ ଏହାକୁ ପ୍ରୋତ୍ସାହିତ କରୁଥିବା ଶିକ୍ଷା ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ରାଜସ୍ୱ ହାନି ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀଙ୍କ ଠାରୁ ଆଦାୟ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନ କରାଯାଇଥିବା ମହାସଂଘ ସଭାପତି ପଟ୍ଟନାୟକ କହିଛନ୍ତି।


GOVERNMENT OF ODISHA

**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**

E-Mail ID : acephcbam@gmail.com

NATIONAL COMPETITIVE BIDDING THROUGH e-Procurement

No.C-1506 Invitation For Bids (IFB)

| Sl. No. | Name of Work | Bid Identification Nio. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | "Construction of ESR for Zone-1 with laying of clear water distribution pipes and other ancillary works in accordance with SWAP-III projects of Purusottampur NAC" under State Plan | Identification No. ACEPHCBAM 12/2025-26 Dt.14.11.2025 | 247.65 | 9 (Nine) Calendar Months | 11.00 Hrs. of 21.11.2025 | 17.30 Hrs. of 08.12.2025 | Additional Chief Engineer, P.H. Circle Berhampur |

The technical bid shall be opened on dt.10.12.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in
OIPR- Sd./- Chief Engineer (PH)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA**

E_Mail ID: serwcbaripada@gmail.com, Ph.No-06792-261343/261344, Gangraj, Baripada

Office Order No.5198/ Dt.12.11.25

**No.O-1536:** In pursuance to e_Procurement Notice No- 5158/ Weir on Bridge Works, Dt.11.11.2025 & online tender N.C.B. No-398 of the Chief Construction Engineer, Rural Works Circle, Baripada is here by cancelled due to unavoidable technical reason.

Sd./- Er.A.K. Nayak
Chief Construction Engineer
R.W.Circle, Baripada
OIPR-

**ODISHA CONSTRUCTION CORPORATION LIMITED BHUBANESWAR, ODISHA**

PIN-751012, Tel.No. (0674) 2562020,
e-Mail: theoccltd@odishaconstruction.com
GSTIN- 21AAACO2571K2ZM
E-Procurement Notice No.53/OCCL/2025-26 (on-line)
Bid Identification No.OCCL-EOI/AO/03/2025-26

Expression of Interest (EoI)

**No.CAD-2383:** Online Expression of Interest (EoI) is invited from the registered recruitment agencies of Central/State Govt. to take up the recruitment process of Fitter, Welder & Draughtsman (Mechanical) on behalf of OCCL. For details please visit the website https://www.tendersodisha.gov.in. The detail EOI documents will be available in said website from dt.21.11.2025, 03.30 P.M. to dt.05.12.2025 upto 5.30 P.M. & EOI received online will be opened on 06.12.2025 at 12.00 Noon onwards. The undersigned reserves the right to accept/reject any/ all application (s) without assigning any reasons thereof.

OIPR- Sd./- MANAGING DIRECTOR

obcc No.CAD-2835

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**

(A Government of Odisha Undertaking under Works Department)

No. 9836 Date:19.11.25
File: SMT-2086 NOTICE INVITING TENDER

| | | |
|---|---|---|
| 1. | Name of Work | Supply, Installation, testing & commissioning of HVAC in the buildings and LED Glow sign board on the top of the annex buildings in 200-seater Farmers' Hostel (Krushaka Bhawan) at OUAT, Bhubaneswar |
| 2. | Bid Identification No. of the Tender Document | 33/Tender/OBCC/2025-26 |
| 3. | Date of availability in e-procurement portal | From 27.11.2025 |
| 4. | Last Date & Time of receipt of online bid | 18.12.2025 till 4.30 P.M. |
| 5. | Date of Opening of online technical bid | 18.12.2025 at 5.00 P.M. |
| 6. | Period of Completion | 6 (Six) Months |
| 7. | Class of Contractor/Agency | Manufacturer or Authorized Supplier |

8. Further details can be seen from the e-Procurement portal https://www.tendersodisha.gov.in.
9. OBCC has the right to accept or reject the Notice/RFP/Proposal without assigning any reasons thereof.

OIPR- Sd./- Chief General Manager-II

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା
**ODISHA UNIVERSITY OF AGRICULTURE & TECHNOLOGY**
BHUBANESWAR - 751003, ODISHA
2025
Website: www.ouat.ac.in, E-Mail: registrarouat@gmail.com, Ph:0674-2397424, Fax:0674-2397424
No.E-II-II-05/2025/ 20030/ UAT, Dated 19th November, 2025

INDICATIVE ADVERTISEMENT

**No.KK-280: The previous advertisement No.E-II-II-05/2025-18161/UAT, Dt.18.10.2025 in this regard, for recruitment of Asst. Professor and its equivalent in different disciplines of teaching/ research establishment under OUAT which was kept in abeyance vide Notice No.18221/UAT, Dated 18.10.2025 has been cancelled vide Office Order No.20014/UAT, dated 19.11.2025. Thus, the applications received in response to this advertisement No.18161/UAT, dtd.18.10.2025 shall not be entertained.**

On cancellation of above notifications, fresh applications are invited from the eligible candidates in the prescribed format for recruitment of personnels in the cadre of Assistant Professor and its equivalent in the following subjects, lying vacant in Teaching/ Research Establishment of OUAT.

| | |
|---|---|
| (A) | **Agricultural Science** |
| | Agronomy-04, Plant Breeding & Genetics-09, Plant Physiology-02, Fruit Science & Horticulture Technology-02, Vegetable Science-03, Nematology-02, Plant Pathology-04, Soil Science & Agril. Chemistry-06, Agril. Extension Education-02, Post Harvest Management-01, Agl. Economics-03, Agril. Statics-01, Agril. Biotechnology-02 & Agro Forestry-02 **Total-43** |
| (B) | **Agril. Engineering & Technology** |
| | Soil & Water Conservation Engineering (SWCE)-1, Farm Machinery & Power (FMP) -1 **Total-02** |
| (C) | **Community Science** |
| | Apparel & Textile Science-03, Extension Education and Communication Management-04, Human Development & Family Studies-02, Resource Management & Consumer Science-02, Food and Nutrition-01 **Total-12** |

The detailed advertisement with information sheet containing number of vacancies, reservation of posts in different category, prescribed application form, application fee & mode of payment, qualification, experience, scale of pay, age and other required conditions in respect of the vacancies as well as general information and instructions to the candidate can be downloaded from University website: ouat.ac.in.

**Last date of receipt of application: 20.12.2025 upto 5.00 P.M.**

By Order of the Vice-Chancellor
Sd./- REGISTRAR
OIPR-

**NOTIFIED AREA COUNCIL, DIGAPAHANDI**
GANJAM, ODISHA, PIN-761012
Phone:06814-295053, E-mail: dgp_nac@yahoo.com

Letter No.2853/DIGNAC Date:18.11.2025

QUOTATION CALL NOTICE

